ସେପ୍ଟେମ୍ବର ୨୦୨୧ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in




New Product
HDPE Pipes
SAVE WATER!
WATER IS LIFE.
Ohm
PVC
HDPE
Pipes & Fittings
Agriculture / Irrigation / Industries / Domestic
Ohm PVC Pipes
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ତୃତୀୟ ବର୍ଷ : ୧୧ଶ ସଂଖ୍ୟା, ସେପ୍ଟେମ୍ବର ୨୦୨୧ ■ Vol-3, Issue : 11, September 2021



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**


ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ଣ୍ଣ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ



**ସମ୍ପାଦକୀୟ କାର୍ଯ୍ୟାଳୟ** | **Editorial Office**

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

Editor : Rebati Ama Matira Swara
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : *rebati.rebati2018@gmail.com*
: *rebati.edit2020@gmail.com*



Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/- Only**

# ସୂ ଚୀ ପ ତ୍ର

୩ୟ ବର୍ଷ ୧୧ଶ ସଂଖ୍ୟା । ସେପ୍ଟେମ୍ବର ୨୦୨୧ ।

ଆମ ମାଟିର ସର






୧୧ ସମ୍ପାଦକୀୟ : ନାରୀ ହିଁ ଶକ୍ତି : ସୁବାସିନୀ ଜେନା




୧୨
ମୋ ବାପା: ମହାନୁଭବୀ ମଦନମୋହନ: ପିନାକୀ ମିଶ୍ର

୧୬
ଅନୁଶୀଳନ : ଓଡ଼ିଆ କବିତା....: ବିଶ୍ୱରଂଜନ ଦାସ

୨୮
ଘଟଣା-ଚରିତ୍ର : ଗଛ ମଣିଷ : ଅଜୟ ସ୍ୱାଇଁ


୩୩
ସ୍ୱାଧୀନତାର ସ୍ୱର-୧ : ରକ୍ତସ୍ନାନର ସନ୍ତକ : ସଞ୍ଜୟ ପଣ୍ଡା

୩୮
ସ୍ୱାଧୀନତାର ସ୍ୱର-୨ : ଲୋମହର୍ଷକ.... : ଉଦୟ ନାରାୟଣ ଦାସ

୪୮
ପର୍ଯ୍ୟଟନ : ଶୁଖିଲା ମାଟିର ମଣି... : ରବି ପଣ୍ଡା




୫୪ ଦ୍ୱି-ପ୍ରଚ୍ଛଦ : ଡଲ୍ ମିଶ୍ର
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ପୀତାମ୍ବର ତରାଇ
୫୮ : ପୂରବୀ ଶତପଥୀ
୫୯ : ନିରାକାର ଦାସ
୬୦ : ଜଳଧର ସ୍ୱାଇଁ
୬୧ : ହଂସନାଥ ମୁଦୁଲି
: ଉତ୍ପଳ ମହାନ୍ତି
୬୨ : ଚିନ୍ମୟ ବିବେକ
୬୩ : ଯାଦବେନ୍ଦ୍ର ସାହା
୬୪ : କମଳାକୃଷ୍ଣ ତ୍ରିପାଠୀ
୬୫ : ସୁଶାନ୍ତ କୁମାର ନାୟକ
୬୬ : ସୁନୀଲ ମିଶ୍ର
୬୭ : ରବି କୁମାର ମହାନ୍ତି
୬୮ କଥା-କାହାଣୀ : ଅଧ୍ୟାପକ ବିଶ୍ୱରଂଜନ
୭୦ ଐତିହ୍ୟ : କରିସ୍ମିତା କର













୭୩ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ

୭୯ ଆତ୍ମଜୀବନୀ : ଜୟନ୍ତୀ ରଥ

୮୩ ପ୍ରବାସୀ ଓଡ଼ିଆ : ପାରମିତା ଷଡ଼ଙ୍ଗୀ

୮୭ ଅବଲୋକନ : ମଣୀନ୍ଦ୍ର କୁମାର ମେହେର

୯୦ ଜୀବନ-ଜୀବିକା : ନାରାୟଣ କୁମାର ରାଉତରାୟ

୯୬ ଆଇନକାନୁନ୍ : ଆଡଭୋକେଟ ସ୍ନିଗ୍ଧା ତ୍ରିପାଠୀ

୯୭ ସ୍ୱାସ୍ଥ୍ୟ-ଚର୍ଚ୍ଚା : ଡାକ୍ତର ସରୋଜିନୀ ଷଡ଼ଙ୍ଗୀ





## ନିୟମିତ ବିଭାଗ


୧୦୧ ରୋଷେଇଶାଳ


: ସ୍ୱୀକୃତି ସୁପ୍ରଭା

୧୦୩ : ରୋନାଲିସା ପଣ୍ଡା

୧୦୫ ଶେଷପୃଷ୍ଠା : ସାହିତ୍ୟିକର ସତ୍ୟତା : କୃଷ୍ଣ କୁମାର ମହାନ୍ତି







ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି

ପ୍ରଚ୍ଛଦ ମଡେଲ୍ : ଝୁମାରାଣୀ ଘୋଷ

ଉଚ୍ଚତା : ୫ ଫୁଟ୍ ୨ ଇଞ୍ଚ୍

ଶିକ୍ଷା : ବିଜ୍ଞାନରେ ସ୍ନାତକ (ଫ୍ୟାଶନ୍ ଡିଜାଇନିଂ)

ବୃତ୍ତି : ଡିଜାଇନିଂ, ମଡ଼େଲିଂ

ପ୍ରଚ୍ଛଦ ଫଟୋଗ୍ରାଫି : ହେମନ୍ତ ସାହୁ

ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ

ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : ମୋନାଲିସା ବେହେରା

ସ୍ଥାନ : ବାରିପଦା

**ମଲାଟ କଥା :** ପାର୍ବଣର ପ୍ରାକ୍ କାଳରେ ଆଶ୍ୱିନର ଆକାଶ ପରିଚ୍ଛନ୍ନ ହୋଇ ଧରଣୀରେ ବିଛାଇ ଦିଏ ଅତ୍ରତତ୍ର କାଶତଣ୍ଡୀର ଚାଦର । ନଈପଠା ହେଉ କି ପାହାଡ଼ର ପାଦଦେଶ, ହାଲ୍କା ସମୀରଣର ସ୍ପର୍ଶରେ କାଶତଣ୍ଡୀର ଫୁଲବେଶ ତିଆରି କରେ ଅପୂର୍ବ ହିଲ୍ଲୋଳ । ମାଆ ଜଗତ୍‌ଜନନୀ ଦୁର୍ଗାଙ୍କ ଆଗମନର ସୂଚନା ନେଇ କାଶତଣ୍ଡୀ ଫୁଲ ବୁଣିଦିଏ ମର୍ତ୍ତ୍ୟରେ ପାର୍ବଣର ପୁଲକ । ଶରତ ଋତୁର ଆଗମନରେ ଦେବୀ ଆବାହନୀ ନିମନ୍ତେ ଧରାବକ୍ଷରେ ଶୋଭାମଣ୍ଡନ କରେ କାଶତଣ୍ଡୀ । ସେଇ କାଶତଣ୍ଡୀର ଆମନ୍ତ୍ରଣ, ଏଥର ଆମର ପ୍ରଚ୍ଛଦ ପ୍ରତୀକ ।









## ଜୟନ୍ତୀ ରଥଙ୍କ ଆଲେଖ ତଥ୍ୟପୂର୍ଣ୍ଣ

● ରେବତୀର ମଇ ସଂଖ୍ୟାରେ ପ୍ରକାଶିତ ‘ଦ୍ରୌପଦୀ’ କବିତା, ସମକାଳର କବିତା ତଥା ‘ଶେଷ ପୃଷ୍ଠା’ର ସମ୍ପାଦକୀୟ ପଢ଼ି ମୁଗ୍ଧ ହୋଇ ଆଗରୁ ମତାମତ ପ୍ରଦାନ କରିସାରିଛି । ଏବେ ମନୋଜ ଦାସ: ମୁଖ୍ୟ ପ୍ରସଙ୍ଗ ପାଠକରି ବିଭୋର ହୋଇଗଲି । ଡକ୍ଟର ସୁବାସ ଚନ୍ଦ୍ର ପାତ୍ରଙ୍କ ଲିଖିତ ‘ଭିନ୍ନ ମଣିଷ’: ମନୋଜ ଦାସ’ ଆଲେଖରେ ଶ୍ରୀଯୁକ୍ତ ମନୋଜ ଦାସଙ୍କ ବାଲ୍ୟ ବନ୍ଧୁଙ୍କ ପ୍ରତି ଶ୍ରଦ୍ଧା, ବନ୍ଧୁବତ୍ସଳତା, ଅଗ୍ରଜ କବି ଓ ଲେଖକଙ୍କ ପ୍ରତି ତାଙ୍କ ଭକ୍ତିପୂର୍ଣ୍ଣ ସମ୍ମାନ, ଅମାୟିକ ବ୍ୟବହାର ଆଦି ଅନେକ ପ୍ରସଙ୍ଗ ଜାଣିହେଲା । ଲେଖକ ମନୋଜ ଦାସଙ୍କ ଗଳ୍ପ ଉପରେ ସୁନ୍ଦର ଓ ମନୋଜ୍ଞ ସମୀକ୍ଷା କରିଛନ୍ତି । ‘ପ୍ରଣାମ ଯୁଗପୁରୁଷ’ ପୃଷ୍ଠଭୂମିରେ ମନୋଜ ମତମନ୍ତବ୍ୟରେ ଜୟନ୍ତ ମହାପାତ୍ର, ମମତା ଦାଶ, ତରୁଣକାନ୍ତି ମିଶ୍ର, ଦାଶ ବେନହୁର, ପ୍ରବୀଣା ମହାନ୍ତି, ପବିତ୍ର ପାଣିଗ୍ରାହୀ, ହିରଣ୍ମୟୀ ମିଶ୍ର ଓ ନନ୍ଦିନୀ ସାହୁଙ୍କ ଅଭିବ୍ୟକ୍ତି ମର୍ମସ୍ପର୍ଶୀ ହୋଇଛି । ପ୍ରବୀଣା ମହାନ୍ତିଙ୍କ ମନୋଜ ଦାସଙ୍କ ସଂପର୍କରେ ଲେଖିଥିବା ପ୍ରସଙ୍ଗ ଖୁବ୍ ସାରଗର୍ଭକ ହୋଇଛି । ଜୟନ୍ତୀ ରଥଙ୍କ ‘ପ୍ରଜ୍ଞାପୀଠରେ ତେତିଶ ବର୍ଷ’ ଆଲେଖ୍ୟ ରାଜ୍ୟ ସଂଗ୍ରହାଳୟର ଅତୀତ ଓ ବର୍ତ୍ତମାନର ରୂପରେଖକୁ ବେଶ୍ ପ୍ରତିପାଦିତ କରି ପାରିଛି । ମଣୀନ୍ଦ୍ର କୁମାର ମେହେରଙ୍କ ‘ହରି ସିଂହଙ୍କ ଚିଠି’ରେ ସେ ହରସିଂହଙ୍କ ଚରିତ୍ରର ଭାବଗର୍ଭକ ବିଶ୍ଳେଷଣ କରିଛନ୍ତି । ପବିତ୍ର ମୋହନ ଦାଶଙ୍କ ଧାରାବାହିକ ଚରିତ ଉପନ୍ୟାସ ‘ଦାସେ ଆପଣେ’ ପୁଣି ଆରମ୍ଭ ହୋଇଥିବାରୁ ମୁଁ ପଢ଼ି ଖୁସି ହେଲି । ‘ଲେଖକର ଲୌକିକତା’ ଚମତ୍କାର ।

**ସୌଭାଗ୍ୟବନ୍ତ ମହାରଣା, ସମ୍ବଲପୁର**

## ସଂକଳନ ନୁହେଁ ପତ୍ରିକାର ସଂପାଦନା କରାଯାଉଛି

●‘ରେବତୀ’ ଜୁଲାଇ ଓ ଅଗଷ୍ଟ ମିଳିଛି । କାଲି ସେଥିରୁ ଅନେକ ଲେଖା ପଢ଼ି ସାରିଲିଣି । ଏମିତି ତ ବିଶ୍ୱାସ ଥିଲା ଯେ କୃଷ୍ଣଭାଇଙ୍କ ହାତ ବାଜିଛି ମାନେ ପତ୍ରିକାଟି ନିଶ୍ଚୟ ମାନରକ୍ଷା କରିଥିବ । ହେଲେ ‘ରେବତୀ’ର ମାନ ଏତେ ଉଚ୍ଚ ଯେ ମୋ ଭଳି କମ୍ ପ୍ରଶଂସକ ବି ଅଭିଭୂତ ହେବାକୁ ବାଧ୍ୟ ହେଲା । ସଂକଳନ ନୁହଁ ପତ୍ରିକାର ସମ୍ପାଦନା କରାଯାଉଛି, ଯେଉଁଥିରେ ପ୍ରତିଟି ସଂଖ୍ୟାର ଫ୍ରେମ୍ ତିଆରି କରାଯାଉଛି । ତାପରେ ଫ୍ରେମ୍‌ରେ ପ୍ରାସଙ୍ଗିକ ଲେଖାକୁ ଫିଟ୍ କରାଯାଉଛି । ମୁଁ ଅବିଳମ୍ବେ ଯାର ବାର୍ଷିକ ଗ୍ରାହକ ହେବା ଜରୁରୀ । ଏହାର ବିଧି ନିର୍ଦ୍ଦେଶ ପଠାଇବେ ।

ରାଧୁ ମିଶ୍ର, ରାଉରକେଲା

## ସଂପାଦକୀୟରେ ସୁନ୍ଦର ଆହ୍ୱାନ ଦେଇଛନ୍ତି ସଂପାଦିକା

● ‘ରେବତୀ’ର ଅଗଷ୍ଟ ସଂଖ୍ୟାର ପ୍ରଚ୍ଛଦରୁ ‘ଶେଷପୃଷ୍ଠା’ ପର୍ଯ୍ୟନ୍ତ ସ୍ୱାଧୀନତାର ମହମହ ବାସ୍ନା । ଉଭୟ ପ୍ରଚ୍ଛଦ ଓ ଦ୍ୱି-ପ୍ରଚ୍ଛଦ ପ୍ରସଙ୍ଗକୁ ନେଇ ଚମତ୍କାର । ସମ୍ପାଦକୀୟର ଶେଷରେ ବି ସୁନ୍ଦର ଆହ୍ୱାନଟିଏ ଦେଇଛନ୍ତି ସମ୍ପାଦିକା : ‘ନାରୀକୁ ଦେଶ ପରି ଦେଖିବା ଆସନ୍ତୁ ।’ ‘ଶେଷପୃଷ୍ଠା’ରେ ଲେଖକର ସ୍ୱାଧୀନତା ପ୍ରସଙ୍ଗକୁ ଖୁବ୍ ସୁନ୍ଦର ଆଲୋଚନା କରିଛନ୍ତି ସହଯୋଗୀ ସମ୍ପାଦକ । ସ୍ୱେଚ୍ଛାଚାରିତା ଓ ସ୍ୱାଧୀନତା ଭିତରେ ଥିବା ପାର୍ଥକ୍ୟକୁ ସୃଜନ କର୍ମରେ ଲିପ୍ତ ଆମେ ସମସ୍ତେ ଭଲ ଭାବରେ ବୁଝିବା ଦରକାର । ଗତ ସଂଖ୍ୟାର ଅନ୍ୟତମ ଆକର୍ଷଣ ଦୁଇଟି ଭ୍ରମଣ କାହାଣୀକୁ ନେଇ ଡକ୍ଟର ଶିଶିର ବେହେରାଙ୍କ ‘ବିଶେଷ ମତ’ ଭଲ ଲାଗିଲା । ‘ମୋ ବାପା’ ପୃଷ୍ଠାରେ ସାହିତ୍ୟିକ ମଦନମୋହନ ମିଶ୍ରଙ୍କୁ ନେଇ ସୁକନ୍ୟା ହିରଣ୍ମୟୀଙ୍କର ଆଲେଖ୍ୟ କେତେବେଳେ କବିତା ଭଳି ଛଳଛଳ ତ କେତେବେଳେ ତାଙ୍କର ଗଳ୍ପ ଭଳି ମାର୍ମିକ । ହିରଣ୍ମୟୀଙ୍କର ଏଇ ଆଲେଖ୍ୟ ସହ ପବିତ୍ର ମୋହନ ଦାଶଙ୍କର ‘ଦାସେ ଆପଣେ’, ଜୟନ୍ତୀ ରଥଙ୍କ ସ୍ମୃତିର ପ୍ରଜ୍ଞାପୀଠ ଓ ନେତାଜୀ ଅଭିନନ୍ଦନଙ୍କ ‘ରାଜନୀତିର ରେଖାଚିତ୍ର’ ଏ ସଂଖ୍ୟାରେ ଗଳ୍ପର ଅଭାବ ଅନୁଭବ କରିବାକୁ ଦେଲାନି । ଗାନ୍ଧିଜୀଙ୍କର ଜନ୍ମସ୍ଥାନ କୀର୍ତ୍ତିମନ୍ଦିରକୁ ନେଇ ଲକ୍ଷ୍ମୀପ୍ରିୟା ଓଝା ଓ ମହାତ୍ମାଙ୍କର ବାଲେଶ୍ୱର ସମ୍ପର୍କକୁ ନେଇ ବରେଣ୍ୟ ଦାଶ ବେନହୁରଙ୍କର ଆଲେଖ୍ୟ ଦୁଇଟିର ଉପସ୍ଥାପନା ଶୈଳୀ ଚମତ୍କାର । ସ୍ୱାଧୀନତା ଇତିହାସରେ ବାଘାଯତୀନଙ୍କର ଅମର ଗାଥା ଏକ ଆଲୋଚିତ ଅଧ୍ୟାୟ ହେଲେ ବି ଉଦୟ ନାରାୟଣ ଦାସ ଯେଉଁ ଆବେଗାପ୍ଳୁତ ଉପସ୍ଥାପନା କରିଛନ୍ତି ତାହା ହିଁ ଆଲେଖ୍ୟଟିକୁ ବାରମ୍ବାର ପଠନଯୋଗ୍ୟ କରିଛି । ପଶ୍ଚିମ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମରେ ସହୀଦ ମାଧୋ ସିଂହ ଓ ବନବାସୀ ଆନ୍ଦୋଳନରେ ସୋନୁ ମାଝିଙ୍କର ଭୂମିକାକୁ ଖୁବ୍ ସୁନ୍ଦର ଉପସ୍ଥାପନ କରିଛନ୍ତି ଲେଖକ । ପାଇକ ବିଦ୍ରୋହକୁ ବାଦ୍ ଦେଇ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଅସଂପୂର୍ଣ୍ଣ । ଦେବଯାନୀ ରାୟଙ୍କର ଆଲେଖ୍ୟରୁ ପାଇକ ସଂପର୍କିତ ବହୁ ତଥ୍ୟ ଅବଗତ ହେଲି । ଦୁଇ ବରିଷ୍ଠ କବିଙ୍କର ସ୍ୱାଧୀନତା ଅନୁଭୂତି ଫେରେଇ ନେଲା ସେ ପୁରୁଣା ଦିନକୁ । ସ୍ୱାଧୀନତା ପରବର୍ତ୍ତୀ ଦେଶର ସ୍ଥିତିକୁ କେତେ ଗଭୀର ଅଧ୍ୟୟନ କରିଛନ୍ତି ବରେଣ୍ୟ କବି ପ୍ରଫୁଲ୍ଲ କୁମାର ମହାନ୍ତି । କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟର ଅଧକ୍ଷା ଶୋଭା ରାୟଙ୍କ ବିଷୟରେ ଅନେକ କଥା ସୁନ୍ଦର ଉପସ୍ଥାପନା କରି ଭକ୍ତିର ଅର୍ଘ୍ୟ ବାଢ଼ିଛନ୍ତି ମନୋରମା ମହାପାତ୍ର । ଶ୍ୱେତା ରାଉତଙ୍କର ‘ରାତିର ରାଣୀ ମଲ୍ଲୀ’ ଓ ତୁହିନାଂଶୁ କରଙ୍କର ‘ପାଣିଚିରାର ପୃଥିବୀ’ ଦୁଇଟି ଖୁବ୍ ତଥ୍ୟ ଭିତ୍ତିକ । ‘ରକ୍ତରାଗ’, ଶ୍ୟାମବାବୁଙ୍କର ଏ ନୂଆ ଶୈଳୀର କବିତାର ଅନ୍ତଃସ୍ୱର ଦୋହଲାଇ ଦେଲା । ଧନଞ୍ଜୟ ସ୍ୱାଇଁଙ୍କର ‘ତୁମ ଗାଁ ନଈ’ ଭଲ ଲାଗିଲା । ପ୍ରବାସିନୀ ମହାକୁଡ଼ଙ୍କ ‘ଜିପ୍‌ସିର ରଂଗ’ ଛୁଇଁଲା । ରାମକୃଷ୍ଣ ସାହୁଙ୍କର ‘ସ୍ୱାଧୀନତା’ କବିତା ଢେର୍ ଦିନ ମନେରହିବ । ସୁନ୍ଦର ପରିପାଟୀ, ମୁଦ୍ରଣ, ଚମତ୍କାର ସଂଯୋଜନା ଓ ସମ୍ପାଦନା ପାଇଁ ‘ରେବତୀ’ର ସମ୍ପାଦନା ମଣ୍ଡଳୀଙ୍କୁ ସାଧୁବାଦ ।

ପ୍ରତ୍ୟୁଷ ପଣ୍ଡା, ସିଡ଼ିଏ, କଟକ

## ହିରଣ୍ମୟୀ ମିଶ୍ରଙ୍କ ଲେଖା ଛଳଛଳ କଲା

● ‘ରେବତୀ’ର ଭ୍ରମଣ କାହାଣୀ ବିଭାଗଟି ମୋର ଖୁବ୍ ପ୍ରିୟ । ନିଶ୍ଚୟ ପଢ଼େ ମୁଁ । ଏଥରର ଭ୍ରମଣ କାହାଣୀ ବି ଖୁବ୍ ଭଲ ଲାଗିଲା । ଲକ୍ଷ୍ମୀପ୍ରିୟା ଓଝାଙ୍କର ଗତ ସଂଖ୍ୟାର ଲେଖା ଗୋଲ୍‌କୁଣ୍ଡା ଦୁର୍ଗ ଉପରେ ବି ବହୁତ ଭଲ ଲାଗିଥିଲା । ଏଇଟା ମୋର ପ୍ରିୟ ବିଭାଗ । ଏଥର ସଂଖ୍ୟାରେ କିନ୍ତୁ ବେଶୀ ଭାବପ୍ରବଣ ହୋଇଛି ମୁଁ ମୋର ଚିର ନମସ୍ୟ ହିରଣ୍ମୟୀ ମାଡାମ୍‌ଙ୍କ ଆଲେଖ୍ୟଟି ପଢ଼ି । ପଢ଼ିଲା ବେଳେ କେତେଥର ଯେ ଆଖି ଓଦା ହୋଇ ହୋଇ ଆସିଛି ଠିକ୍ ନାହିଁ । ବିସ୍ମିତ ବି ହୋଇଛି ଯେ ଆଦୌ ଦେଖି ନଥିବା ଜଣେ ପିତାଙ୍କ ପ୍ରତି ଏତେ ଭକ୍ତି ଆଉ ଏତେ ଭାବପ୍ରବଣତା ଥାଇପାରେ ! ଆଉ ସେ ଆଲେଖ୍ୟଟିରୁ ଏତିକି ବି ଜାଣି ପାରିଲି ଯେ ପରକୁ ଆପଣାର କରି ନିଜ ସ୍ନେହ ଡୋରିରେ ବାନ୍ଧି ରଖିବାର କଳା ମାଡାମ ପୈତୃକ ସୂତ୍ରରୁ ହିଁ ପାଇଛନ୍ତି ।

ରୋଜାଲିନି ମିଶ୍ର, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର


## ‘ରେବତୀ’ ସବୁ ଦୃଷ୍ଟିରୁ ସନ୍ତୁଳିତ

● ‘ରେବତୀ’ ଦି’ଦିନ ତଳୁ ମୋର ହସ୍ତଗତ ହୋଇଛି । ମୁଦ୍ରିତ କପି ନମିଳିବାର ଅସନ୍ତୋଷ ଦୂରୀଭୂତ ବି ହୋଇଛି । ଅନେକ ଲେଖା ପଢ଼ି ସାରିଲିଣି । ‘ବିଶେଷ ମତ’ ପରି ନୂଆ ବିଭାଗର ପରିକଳ୍ପନା, ବାୟାରଜାଙ୍କ କୋମଳ କବିପଣ, ଗୋଲ୍‌କଣ୍ଡାର ଐତିହ୍ୟ, ସାହିତ୍ୟର କଥା କାହାଣୀରୁ ବିସ୍ତୃତ ଚରିତ୍ରର ବିଶ୍ଳେଷଣ, କବିତାର କୃଷ୍ଣଚୂଡ଼ା, ଲତାପୁଷ୍ପ ତମାଳର ତ୍ରୁଟିଶୂନ୍ୟ ବର୍ଣ୍ଣନା, ପବିତ୍ରଙ୍କ ପ୍ରିୟ ସ୍ତମ୍ଭ, ନେତାଜୀଙ୍କ ନିଆରା ପରିବେଷଣ ଏବଂ କୃଷ୍ଣ ବାବୁଙ୍କ ସାହିତ୍ୟ ସାଧନାକୁ ନେଇ ବିଜ୍ଞ ପରାମର୍ଶ- ପାଠ କରି ଆମୋଦିତ ହେଲି । ସବୁ ଦୃଷ୍ଟିରୁ ପତ୍ରିକାଟି ସନ୍ତୁଳିତ ଲାଗିଲା । ଜୁଲାଇ ସଂଖ୍ୟାରେ ଜଗନ୍ନାଥଙ୍କୁ ନେଇ ଫିଚର୍‌ଟିଏ ଦେଇଥିଲେ ଭଲ ହୋଇଥାନ୍ତା ।

ଧନଞ୍ଜୟ ସ୍ୱାଇଁ, କଟକ

## ରେବତୀ'ରେ ପ୍ରକାଶିତ ଅନେକ ଲେଖା ବିଦ୍ୟାଳୟ ପାଠ୍ୟପୁସ୍ତକରେ ରହିବା ପରି ମାନ୍ୟ

● ଦାଶ ବେନହୂର ମହାଶୟଙ୍କ ଗାନ୍ଧୀଙ୍କ ଉପରେ ଲିଖିତ ଆଲେଖ୍ୟ ଏ ମାଟିର ମହାତ୍ମା ପାଠ କଲି । ପଢ଼ିଲା ପରେ ୧୫ ମିନିଟ୍ ନୀରବରେ ବସି ଛୋଟ ପିଲା ପରି କାନ୍ଦିଲି । ମୋ ନାତୁଣୀ ମୋ ଆଖିରୁ ଲୁହ ପୋଛି ଦେଇ କହିଲା, 'ଅଜା ତମେ କାନ୍ଦୁଛ କାହିଁକି ?' ମୁ କିଛି କହି ପାରିଲି ନାହିଁ । ବାସ୍ତବିକ ଓଡ଼ିଶାର ବର୍ତ୍ତମାନ ପ୍ରତି କଲେଜ୍‌ରେ ପଢୁଥିବା ଯୁବସମାଜ ଏ ସନ୍ଦର୍ଭ ପଢ଼ିବା ଦରକାର । ନେତା ଓ ବୟସ୍କ ନାରିକମାନେ ବି । ତାଛଡ଼ା ଆମ ଓଡ଼ିଶା ସରକାର ଏହି ସନ୍ଦର୍ଭକୁ କଲେଜ୍ ବହିରେ ରଖିବା କଥା । ଏହା ହେଲେ ସମସ୍ତେ ପଢ଼ିବାର ସୁଯୋଗ ପାଇଁ ପାରନ୍ତେ ଓ ଜୀବନ ପ୍ରଣାଳୀକୁ ସୁଧାରି ପାରନ୍ତେ । ଏଥିରେ ଅନେକ କଥା ଶିଖିବାର ଅଛି । ପ୍ରତି ବାକ୍ୟ ଖୁବ୍ ପ୍ରଣିଧାନଯୋଗ୍ୟ । ଗାନ୍ଧୀଙ୍କ ପାଦ ତଳେ ଜଣେ ବୁଢ଼ା ଲୋକ ଜୁହାର ହେଲା ବେଳେ ଗାନ୍ଧୀ କହିଲେ, 'ଆପଣ କେବଳ ଈଶ୍ୱରଙ୍କ ଗୋଡ଼ ତଳେ ଜୁହାର ହେବେ । କିନ୍ତୁ ଆଉ କାହାକୁ ନୁହେଁ ।' ବାଲେଶ୍ୱରକୁ ସେ କେବେ ଅଭାବୀ ଅଂଚଳ ବୋଲି ଭାବି ନଥିଲେ । କିନ୍ତୁ ସେଠି ଦୁର୍ଭିକ୍ଷକୁ ଦେଖି ସେ ୟଙ୍ଗ୍ ଇଣ୍ଡିଆ ପତ୍ରିକାରେ ତାଙ୍କର କ୍ଷୋଭ ପ୍ରକାଶ କରି କଲିକତା ଓ ସମ୍ବଲପୁରରୁ ଚାଉଳ ଆସିବା ପାଇଁ ଅନୁନୟ କରିଥିଲେ । ଗାନ୍ଧୀ ବାଲେଶ୍ୱରରେ ଓକିଲ ମୁକୁନ୍ଦ ପ୍ରସାଦଙ୍କ ଘରେ ଥିଲା ବେଳେ ତାଙ୍କ ରକ୍ତ ଚାପ ବଢ଼ି ଯାଇଥିଲା । ସେ ଭଦ୍ରକର ଗୋଟେ ସଭାକୁ ଯାଇ ପାରି ନଥିଲେ । ତାଙ୍କ ପାଖରେ ଥିଲେ ତାଙ୍କ ସହଯୋଗୀ କାକା ସାହେବ । ସେ ତାଙ୍କୁ ସେଠିକୁ ଯିବା ପାଇଁ କହିଲେ । ସେ ଘଣ୍ଟାଏ ଅପେକ୍ଷା କରିଥିଲେ, କାଳେ ଗୋଟେ ଗାଡ଼ି ଆସିଲେ ଯିବେ । କିନ୍ତୁ ଗାନ୍ଧୀ ତାଙ୍କୁ କହିଲେ, 'ତୁମେ ନିଜ ଗୋଡ଼ରେ ଚାଲି ଚାଲି ଯାଅ । ମଣିଷ କେବେ କଥାରୁ ବିଚ୍ୟୁତ ହେବା ଉଚିତ ନୁହେଁ ।' ଭଦ୍ରକରେ ଲୋକେ ତାଙ୍କୁ ରାତି ଅଧା ଯାଏ ଅପେକ୍ଷା କରିଥିଲେ । କି ସାହସୀ ଓ ନିର୍ଭୟ ମଣିଷ ଥିଲେ ଗାନ୍ଧୀ । ଏ ସନ୍ଦର୍ଭ ମୋ ଜୀବନକୁ ଏକ ଭିନ୍ନ ମୋଡ଼ ଦେବ ନିଶ୍ଚେ । କବିବର ରାଧାନାଥଙ୍କ ନାତୁଣୀ ଥିଲେ ଶୋଭା ରାୟ, ସଂସ୍କୃତ ଅଧ୍ୟାପିକା । ସେ ଥିଲେ ମହିୟସୀ ମନୋରମା ମହାପାତ୍ରଙ୍କ ଶିକ୍ଷୟିତ୍ରୀ । ଶିକ୍ଷକତା କଣ ଓ କିପରି ଆମେ ଏ ସନ୍ଦର୍ଭ ପଢ଼ିଲେ ଠିକ୍ ଜାଣିବା । ସତରେ ସେ ଥିଲେ କବିବରଙ୍କ ପ୍ରକୃତ ଦାୟାଦ । କବିବରଙ୍କ ପ୍ରଶଂସାରେ ଦାଶ ବେନହୂର ଶତ ମୁଖର ହେଇଛନ୍ତି ତାଙ୍କ ପ୍ରବନ୍ଧରେ । ଏଠି ତାଙ୍କ ନାତୁଣୀଙ୍କ କଥା । ମୋ ମୁଣ୍ଡ ନତ ହେଇଗଲା ତାଙ୍କ କଥା ପଢୁ ପଢୁ । ଆପଣମାନେ ନିଶ୍ଚୟ ପଢ଼ନ୍ତୁ ଓ ଜୀବନକୁ ପରିଚ୍ଛନ୍ନ କରନ୍ତୁ । ସ୍ୱାଧୀନତା ପରେ ଓ ପୂର୍ବର କଥା ଲେଖିଛନ୍ତି, ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି ଓ ବଂଶୀଧର ଷଡ଼ଙ୍ଗୀ । ଖୁବ ମନ ମୁଗ୍ଧକର ସେ ସବୁ ଅନୁଭବ । ଭାବିଲେ ଆଖିରେ ଲୁହ ଜକେଇ ଆସେ । କେଉଁ ଅବସ୍ଥାରେ ସ୍ୱଚ୍ଛ ନେତା ମାନେ ଏ ଦେଶ ସ୍ୱାଧୀନ ପାଇଁ ନିଜ ସୁଖ ଓ ସ୍ୱାଚ୍ଛନ୍ଦ୍ୟ ଏପରିକି ଜୀବନ ତ୍ୟାଗ କରିଥିଲେ । କିନ୍ତୁ ଆଜି ବି ଦେଶର ନେତା ଅଛନ୍ତି, ଯେଉଁମାନେ ଦେଶ ଓ ମଣିଷଙ୍କୁ ଝୁଣି ଝୁଣି ଖାଉଛନ୍ତି । ସମସ୍ତଙ୍କୁ ଶୋଷୁଛନ୍ତି । ପଢ଼ନ୍ତୁ ଦୟାକରି । ଶ୍ରୀମତୀ ଲକ୍ଷ୍ମୀପ୍ରିୟାଙ୍କ କୀର୍ତ୍ତିମନ୍ଦିର ଆଲେଖ୍ୟ ପଢ଼ି ମନ୍ତ୍ରମୁଗ୍ଧ ହେଲି । ମୋ ଦୁଇ ହାତ ଆପଣା ଛାଏଁ କୀର୍ତ୍ତିମନ୍ଦିର ଛବି ପାଖରେ ଯୋଡ଼ି ହେଇଗଲା । ଗାନ୍ଧୀ ଜନ୍ମ ହେଇଥିବା କୋଠରୀ କଥା ପଢ଼ିଲା ବେଳେ ମୁଁ ରୋମାଂଚିତ ହେଇଯାଇଥିଲି । କିଏ ଜାଣିଥିଲା ସେଇ ଶିଶୁ ଜଣକ, ଦେଶର ସାମାଜିକ, ରାଜନୈତିକ ପୃଷ୍ଠଭୂମିର ଅଭୂତପୂର୍ବ ପରିବର୍ତ୍ତନ ଆଣି ପାରିବ ! ଏହି ଭବନ ଭିତରେ ଅଛି ଗାନ୍ଧୀଙ୍କ ଅନେକ ପିଲାଦିନ, କୈଶୋର ଓ ଯୁବବେଳାର ଅନେକ ସ୍ମୃତି । ଆହୁରି ଅଛି ପରିବାରର ଅନେକ ଫଟୋ, ଗାନ୍ଧୀ ବ୍ୟବହାର କରୁଥିବା ଅନେକ ବ୍ୟବହାର୍ଯ୍ୟ ଅମୂଲ୍ୟ ବସ୍ତୁସବୁ । ପଢୁ ପଢୁ ମୁଁ ଭାବ ବିହ୍ୱଳ ହେଇ ଯାଉଥିଲି ଓ ଭାବୁଥିଲି ଆହୁରି ମହାମାନବ ଗାନ୍ଧୀଙ୍କ ବିଷୟରେ ଆଉ କିଛି ପଢ଼ିଥାନ୍ତି କି । ଏହା ପାଠ କଲା ପରେ ମୋର ପ୍ରବଳ ଇଚ୍ଛା ହେଉଛି ଏ ଜୀବନ ଶେଷ ହେବା ପୂର୍ବରୁ ସେଇ ପବିତ୍ର ତୀର୍ଥ କୀର୍ତ୍ତିମନ୍ଦିର କେବଳ ଥରେ ଦର୍ଶନ କରିବାକୁ । ଲେଖିକାଙ୍କୁ ଆନ୍ତରିକ କୃତଜ୍ଞତା । 'ରେବତୀ' ଏହି ସଂଖ୍ୟାରେ ବାକିଥିବା ଅନ୍ୟସବୁ ବିଭାଗ ପଢ଼ିଲି । ସମ୍ପାଦନାର ଆଦ୍ୟ ଓ ଶେଷପୃଷ୍ଠାରେ ସ୍ୱାଧୀନତାର ବାସ୍ନା ବାରି ହେଉଛି । ପ୍ରଥମରେ ନାରୀର ସ୍ୱାଧୀନତା ଦେଶର ସାର୍ବଭୌମ୍ୟ ଓ ଶେଷରେ ଲେଖକର ସ୍ୱାଧୀନତା ବନାମ ସ୍ୱେଚ୍ଛାଚାରିତା କଥାର ମୂଲ୍ୟାୟନ କରାଯାଇଛି ଖୁବ୍ ସାବଲୀଳ ଓ ସୁନ୍ଦର ଭାବେ । ଏଥିରେ ସନ୍ନିବେଶିତ 'ବିଶେଷ ମତ'ର ଏକ ନିଆରା ସ୍ୱାଦ ପାଇଲି । ବାପାଙ୍କ କଥାରେ ହିରଣ୍ମୟୀଙ୍କ ବାପା ମଦନମୋହନ ମିଶ୍ରଙ୍କ ସମ୍ପର୍କିତ କିଛି କଥା ମନକୁ ଆନ୍ଦୋଳିତ କଲା । ଶ୍ରୀ ଅଭୟ ଦ୍ୱିବେଦୀଙ୍କ ମାଧୋ ସିଂଙ୍କ ସ୍ୱାଧୀନତା ପାଇଁ ବଳିଦାନ, ଦେବଯାନୀଙ୍କ ପାଇକମାନଙ୍କ ବୀରତ୍ୱ ଗାଥା, ପ୍ରଦୀପ କୁମାର ମିଶ୍ରଙ୍କ ସ୍ୱାଧୀନ ଚେତା ସୋନୁ ମାଝୀର ବିରତ୍ୱ ଓ ଦେଶ ପାଇଁ ସମର୍ପଣ ଭାବ, କବିତାର ନୂଆ ନୂଆ ନୂଆ ସ୍ୱର, 'ଦାସେ ଆପଣେ' ଭିତରେ ଥିବା ସ୍ୱାଧୀନ ଭାରତ ପାଇଁ ତ୍ୟାଗ ଏବଂ 'ସ୍ମୃତିର ପ୍ରଜ୍ଞାପୀଠ' ମୋତେ ଅଭିଭୂତ କରିଛି । ଶ୍ୱେତା ରାଉତଙ୍କ ମଲ୍ଲି ଫୁଲର ଅଜଣା କଥା, ତୁହିନାଂଶୁଙ୍କ ପକ୍ଷୀ କଥା, ନେତାଜୀଙ୍କ ରାଜନୀତିର ରେଖାଚିତ୍ର, ମାଧୁରୀ ପଣ୍ଡାଙ୍କ ଖାଦ୍ୟ ପ୍ରସ୍ତୁତି ବି ମୋତେ ମୁଗ୍ଧ କରିଛି । ଏପରି ପତ୍ରିକା ପଢ଼ିଲେ ନିଶ୍ଚୟ ସାତ୍ୱିକ ସୁଖ ଆତ୍ମାକୁ ମିଳେ । ସମ୍ପାଦନାର ଅଭୁତପୂର୍ବ ଶ୍ରମ ସାଧନାକୁ କୃତଜ୍ଞତା ।




**ଉଦୟ ନାରାୟଣ ଦାସ,** ଚୂନଭାଟି, ବାଲେଶ୍ୱର

## 'ରେବତୀ'ର ମତଅମତ ପୃଷ୍ଠା ଭିନ୍ନ ସ୍ୱାଦର

● ଅଗଷ୍ଟ ମାସର ବୈଶିଷ୍ଟ୍ୟକୁ ନେଇ ପ୍ରଚ୍ଛଦ ପରିକଳ୍ପନା ଖୁବ୍ ଚମତ୍କାର । 'ରେବତୀ'ର 'ମତଅମତ' ପୃଷ୍ଠାଟି ମୋ ଆକର୍ଷଣର କେନ୍ଦ୍ରବିନ୍ଦୁ । ଲେଖା ଉପରେ ପରୀକ୍ଷା ନିରୀକ୍ଷା କରିବା ପାଇଁ ଏହା ଆଣି ଦେଇଥାଏ ପର୍ଯ୍ୟାପ୍ତ ସୁଯୋଗ । ସ୍ୱାଧୀନତା ଓ ନାରୀକୁ ନେଇ ଏଥରର ସମ୍ପାଦକୀୟ ବାର୍ତ୍ତା ବେଶ୍ ଉଚ୍ଚକୋଟୀର । ନାରୀକୁ ଦେଶ ପରି ଦେଖିବା ଆସନ୍ତୁ- ବାର୍ତ୍ତାଟି ମନ କିଣିନେଲା । 'ମହାପୁରୁଷ ମଦନମୋହନ' ଶୀର୍ଷକ ଲେଖା ମାଧ୍ୟମରେ ଜଣେ ମହାନ ବ୍ୟକ୍ତିତ୍ୱଙ୍କ ସଂପର୍କରେ ଜାଣିବାର ସୁଯୋଗ ମିଳିଲା । ଦାଶ ବେନହୁରଙ୍କ 'ଏ ମାଟିରେ ମହାତ୍ମା' ଶୀର୍ଷକ ଲେଖାଟି ଦେଶପ୍ରେମ ଜାଗ୍ରତ କରିବା ସହିତ ତାଙ୍କ ସ୍ମୃତିଚାରଣ କରି ପାରିଛି । 'ଦାଶ ବେନହୂର' ନାମଟି ପ୍ରକୃତରେ ଦାଶ ବେନହୁର ହେବା କଥା । ଏ ତ୍ରୁଟିକୁ ସଂଶୋଧନ କରାଯାଇ ପାରିଥାନ୍ତା । ବୀର ବାଘାଯତୀନଙ୍କ ସଂପର୍କିତ ଆଲେଖ୍ୟଟି ଚମତ୍କାର ହୋଇପାରିଛି । ତିନିପିଢ଼ିର ଶହୀଦଙ୍କ ପରିବାର ସଂପର୍କରେ ଜାଣି ଅଭିଭୂତ ହୋଇଗଲି । 'ଖୋର୍ଧାର ପାଇକଯୁଦ୍ଧ' ଆଲେଖ୍ୟଟି ବୀର ପାଇକପୁଅଙ୍କ ଐତିହ୍ୟ ବଖାଣୁଛି । ସେହିପରି କୀର୍ତ୍ତିମନ୍ଦିର, ବନବାସୀ ବିପ୍ଳବୀ, ସ୍ୱାଧୀନତା: କିଛି ଅନୁଭୂତି, ଅନିର୍ବାଣ ଆଲୋକଶିଖା, ଶୋଭାରାୟ, ଧାରାବାହିକ ଚରିତ- ଉପନ୍ୟାସ 'ଦାସେ ଆପଣେ', ସ୍ମୃତିର ପ୍ରଜ୍ଞାପୀଠ ଆଲେଖ୍ୟ ଗୁଡ଼ିକରେ ଭରି ରହିଥିବା ନୂତନତା ଭିନ୍ନ ସ୍ୱାଦ ଆଣିଦେଲା । କବିତା ପୃଷ୍ଠାର ପ୍ରତ୍ୟେକଟି ପାଖୁଡ଼ା ବେଶ୍ ମନଛୁଆଁ ହୋଇପାରିଛି । ମଲ୍ଲିଫୁଲ ଓ ଇଣ୍ଡିଆନ୍ ସ୍କିମ୍ମର୍ ପକ୍ଷୀ ସଂପର୍କରେ ଅଜଣା ତଥ୍ୟ 'ରେବତୀ'ର ସ୍ୱତନ୍ତ୍ର ଓ ଅନନ୍ୟ ବିଭାଗ । ଏହା ପ୍ରତ୍ୟେକଟି ପାଠକଙ୍କୁ ଆକୃଷ୍ଟ କରିବ ନିଶ୍ଚିତ । 'ଶେଷପୃଷ୍ଠା'ର ଆକର୍ଷଣ ସବୁବେଳେ ଥାଏ ନିଆରା । ଏଥର ମଧ୍ୟ 'ସୃଜନ ସ୍ୱାଧୀନତା' ମାଧ୍ୟମରେ ଲେଖକଙ୍କୁ ଆପଣ ଏ ଦିଗଟି ପ୍ରତି ସଚେତନ କରି ଦେଇଛନ୍ତି, ଯାହା ପ୍ରଣିଧାନଯୋଗ୍ୟ ।

**ସଂଗ୍ରାମୀ କେଶରୀ ପୃଷ୍ଟି,** ଅନୁଗୋଳ

### ଭ୍ରମ ସଂଶୋଧନ

ଅଗଷ୍ଟ ସଂଖ୍ୟାରେ ଶ୍ରୀ ଉଦୟ ନାରାୟଣ ଦାସଙ୍କ ଆଲେଖ 'ବାଘାଯତୀନଙ୍କ ବାସ୍ନା'ରେ ପୃଷ୍ଠା ୩୨ର ଶେଷ ପାରାଗ୍ରାଫ୍‌ରେ ସ୍କୁଲ୍ ପଛପଟେ ଦେଶୁଆ ପୋଖରୀ ବୋଲି ଯାହା ଲେଖା ହୋଇଛି ତାହା 'ଘାସୁଆ ପୋଖରୀ' ପଢିବାକୁ ଅନୁରୋଧ । ଏ ଭୁଲ୍ ଡ଼. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସୂଚିତ କରିଥିବାରୁ ତାଙ୍କୁ ଧନ୍ୟବାଦ । ଏହା ଅନିଚ୍ଛାକୃତ ଅଟେ ।

# ଓଡ଼ିଆ-ବୀରତ୍ୱର ସମର ସ୍ମାରକୀ : ପାଇକ ଆଖଡ଼ା

**ଡକ୍ଟର ଶିଶିର ବେହେରା**
ସହକାରୀ ପ୍ରଫେସର୍,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪



ଇତିହାସ ନିରସ ମନେହେଉଥିଲେ ହେଁ ଏହା ମଧ୍ୟରେ ଏକ ସଜୀବତା ବିଦ୍ୟମାନ ଥାଏ, ଅନ୍ତଃସଲିଳା ଫଲ୍‌ଗୁ ଭଳି ନିରନ୍ତର ପ୍ରବାହିତ ହୋଇ ଚାଲିଥାଏ କାଳବକ୍ଷରେ । ବାକ୍‌ଶକ୍ତି ରହିତ ବା ମୂକ ହୋଇଥିଲେ ବି ଇତିହାସର ପ୍ରେରଣା ଓ ଅନୁଷଙ୍ଗ ବର୍ତ୍ତମାନ ଠାରୁ ଭବିଷ୍ୟତ ଯାଏଁ ସଂଯୋଗିତ । ଜୀବନ ଓ ଜଗତ ପ୍ରତି ତେଣୁ ଅତୀତର ଅନୁଦାନ ଅପରିସୀମ । ଅତୀତର ଭିତ୍ତିଭୂମି ଉପରେ ବର୍ତ୍ତମାନର ସ୍ଥିତି ଦଣ୍ଡାୟମାନ । ଯେଉଁ ଜାତି ତା'ର ଇତିହାସ ପ୍ରତି ଅଧିକ ସଚେତନ ସେ ଜାତି ପୃଥିବୀରେ ସେତେ ସଭ୍ୟ ଓ ଉନ୍ନତ ବୋଲି ପରିଚୟ ପାଏ । ଇତିହାସ କଦାପି ମୃତ ନୁହେଁ, ଅତୀତ କେବେହେଁ ହତାଦର ନୁହେଁ । ବରଂ ବର୍ତ୍ତମାନ ଓ ଭବିଷ୍ୟତକୁ ଯୋଡ଼ିବାରେ ଏହା ଏକ ସଂଯୋଗ ସେତୁ । ସେଥିପାଇଁ ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଠାକୁର କହିଥିଲେ- "କଥା କଓ, କଥା କଓ / ସ୍ତବ୍ଧ ଅତୀତ ହେ ଗୋପନଚାରୀ / ଅଚେତନ ତୁମି ନଓ ।" ଯୁଗାନ୍ତରରେ ଏଥିରେ ଯେତେ ପରିବର୍ତ୍ତନ ଓ ବିବର୍ତ୍ତନ ହେଲେ ମଧ୍ୟ ତନ୍ମଧ୍ୟରେ ସନ୍ନିହିତ ମୌଳିକ ବୈଶିଷ୍ଟ୍ୟମାନ ପରବର୍ତ୍ତୀ ଯୁଗର ସୃଜ୍ୟମାନ ଇତିହାସର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରେ ଏବଂ ଭବିଷ୍ୟତ ପାଇଁ ତାହା ସୃଷ୍ଟି କରିଯାଏ ସୁଯୋଗ୍ୟ ଉତ୍ତରାଧିକାରୀ । ତେଣୁ ଅତୀତ-ଇତିହାସର ଚରିତ୍ର ଓ ଘଟଣା ପରବର୍ତ୍ତୀ ଯୁଗ ପାଇଁ ପାଲଟିଯାଏ ଆଲୋକବର୍ତ୍ତିକା ଏବଂ ଐତିହ୍ୟ ନିର୍ମାଣର ପ୍ରମୁଖ ସହଯୋଗୀ ।

ଭାରତୀୟ ଇତିହାସରେ 'ସ୍ୱାଧୀନତା ସଂଗ୍ରାମ' ଏକ ବିରଳ ଅଧ୍ୟାୟ । ବାହ୍ୟଶତ୍ରୁଙ୍କ ସହିତ ଅନ୍ତଃବିଦ୍ରୋହୀଙ୍କୁ ଦମନ କରିବା ପାଇଁ ଏ ଦେଶରେ ସଂଗଠିତ ହୋଇଛି ଭୟାବହ ସଂଗ୍ରାମ । ଦେଶବାସୀ ନିଜର ତ୍ୟାଗ, ବୀରତ୍ୱ ଓ ବଳିଦାନରେ ଅର୍ଜନ କରିଛନ୍ତି ଜନ୍ମସିଦ୍ଧ ଅଧିକାର ସ୍ୱାଧୀନତାକୁ ରକ୍ତପାତ, ଆତ୍ମତ୍ୟାଗ, ସଶସ୍ତ୍ର ସଂଗ୍ରାମ ସହିତ ଅହିଂସା ଓ ଅସହଯୋଗର ଅସ୍ତ୍ର ମଧ୍ୟ ବ୍ୟବହୃତ ହୋଇଛି । ପ୍ରମୁଖ ନେତୃତ୍ୱଙ୍କ ତତ୍ତ୍ୱାବଧାନରେ ଭାରତର ସମଗ୍ର ପ୍ରାନ୍ତ ମୁଖରିତ ହୋଇଛି । ବିଶେଷତଃ, ବ୍ରିଟିଶ୍ ଶାସନରେ ତ୍ରସ୍ତ ଓ ବିପର୍ଯ୍ୟସ୍ତ ଭାରତୀୟ ଆତ୍ମାର ରଣହୁଙ୍କାରରେ ବ୍ରିଟିଶ୍ ସାମ୍ରାଜ୍ୟବାଦ ଭୁଷୁଡ଼ି ପଡ଼ିଛି, ଦେଶ ଲଭିଛି ସ୍ୱାଧୀନତା । **'ରେବତୀ'**ର ଅଗଷ୍ଟ ୨୦୨୧ ସଂଖ୍ୟା ସମୃଦ୍ଧ ହୋଇଛି 'ସ୍ୱାଧୀନତା'ର ବିବିଧ ଦିଗ ଓ ଦର୍ଶନକୁ ନେଇ । ଜାତୀୟ ସଂଗ୍ରାମରେ ଅଗ୍ରଗଣ୍ୟ ଭୂମିକା ନିର୍ବାହ କରିଥିବା ମହାମାନବଙ୍କ ଚର୍ଚ୍ଚା ସହିତ ଲୋକାନ୍ତରାଳରେ ରହିଯାଇଥିବା ପ୍ରମୁଖ ଜନନାୟକ ଓ ଯଥାର୍ଥ ଦେଶଭକ୍ତ- ସଂଗ୍ରାମୀମାନଙ୍କ ବୀରତ୍ୱ, ବଳିଦାନର ସାହସିକ ଭୂମିକା ଏବଂ ଗାମୀସ୍ମୃତି ସଂପର୍କରେ ଲେଖକମାନେ ବିଚାର-ବିଶ୍ଳେଷଣ କରିଛନ୍ତି । ମୋଟ ଉପରେ କହିଲେ **ରେବତୀ**ର ଚଳିତ ସଂଖ୍ୟା ସ୍ୱାଧୀନତାର ସ୍ୱାଦ ଓ ଦେଶପ୍ରେମର ଅମୃତ ସ୍ପର୍ଶ ଦେବାରେ ସମର୍ଥ । ଏହି ସଂଖ୍ୟାରୁ **ଦେବଯାନୀ ରାୟ**ଙ୍କ 'ପାଇକ ଆଖଡ଼ା' ଉକ୍ତ ଚର୍ଚ୍ଚାର ପ୍ରେରଣା ବିନ୍ଦୁ ।

ଗୌତବମୟ ଇତିହାସର ଉତ୍ତରାଧିକାରୀ ହେବା ସୌଭାଗ୍ୟର ବିଷୟ । ଜାତିର ଆତ୍ମପରିଚିତି ନିର୍ମାଣ ଦେଶକୁ ଉନ୍ନତଶିର କରାଇବାରେ ଓଡ଼ିଆ ସ୍ୱାଭିମାନୀ ସଂଗ୍ରାମୀମାନଙ୍କ ତ୍ୟାଗ-ତିତିକ୍ଷାର ପଟ୍ଟାନ୍ତର ନାହିଁ । ଅତୀତ-ଅସ୍ମିତାର ଗୌରବୋଜ୍ଜ୍ୱଳ ଇତିହାସ ପ୍ରମାଣିତ କରିଛି 'କଳିଙ୍ଗା ସାହସିକାଃ' । ଯୁଗେଯୁଗେ କଳିଙ୍ଗର ବୀର ସନ୍ତାନମାନେ ନିଜର ଶୌର୍ଯ୍ୟ-ବୀର୍ଯ୍ୟର ପରାକାଷ୍ଠା ଦେଖାଇ ଆସିଛନ୍ତି । ଖ୍ରୀ.ପୂ. ତୃତୀୟ ଶତାବ୍ଦୀର କଳିଙ୍ଗ ଯୁଦ୍ଧ ହିଁ ଏହାର ସମୁଚିତ ପରିଚୟ । ପରବର୍ତ୍ତୀ କାଳରେ କୀର୍ତ୍ତିବାନ କଳିଙ୍ଗ ଚକ୍ରବର୍ତ୍ତୀ ମହାମେଘବାହନ ଐରଖାରବେଳଙ୍କ ଦିଗ୍‌ବିଜୟ, ଶୈଳୋଦ୍ଭବ ରାଜବଂଶୀ ଶାସନ, ଭୌମକର, ସୋମବଂଶୀ, ଗଙ୍ଗବଂଶୀ, ସୂର୍ଯ୍ୟବଂଶୀ ରାଜାମାନଙ୍କର ଅମିତ ବିକ୍ରମ ଉତ୍କଳର ଗୌରବକୁ ଶତଗୁଣିତ କରିଥିଲା । ଦୁର୍ଦ୍ଧର୍ଷ ଲଢୁଆ-ରଣପ୍ରିୟ ଜାତି ଭାବରେ ଓଡ଼ିଶାର ପରିଚୟ ଏହି ଦୃଷ୍ଟିରୁ ଅଧିକ ମହନୀୟ । ଏଥିରେ ଖୋର୍ଧାର ପାଇକଙ୍କ ବୀରତ୍ୱ ଉଲ୍ଲେଖଯୋଗ୍ୟ । ଗଜପତି ମୁକୁନ୍ଦ ହରିଚନ୍ଦନଙ୍କ ଠାରୁ ଭୋଇବଂଶର ମୁକୁନ୍ଦ ଦେବଙ୍କ ଯାଏଁ ରଣକୁଶଳୀ ପାଇକଙ୍କର ମୋଗଲ, ମରହଟ୍ଟା ଓ ଇଂରେଜମାନଙ୍କ ବିରୁଦ୍ଧରେ ଯେଉଁ ବୀରତ୍ୱପୂର୍ଣ୍ଣ ଅବିଚ୍ଛିନ୍ନ ସଂଗ୍ରାମ ଅବ୍ୟାହତ ଥିଲା, ତାହା ସମଗ୍ର ଭାରତୀୟ ଇତିହାସକୁ ବିସ୍ମିତ କରେ । ଭାରତରେ ସିପାହୀ ବିଦ୍ରୋହ (୧୮୫୭) ଅନୁଷ୍ଠିତ ହେବାର ବହୁ ପୂର୍ବରୁ ଖୋର୍ଧାଗଡ଼ର ବୀର ପାଇକମାନଙ୍କ ଦ୍ୱାରା ସର୍ବପ୍ରଥମେ ଗଣବିପ୍ଳବର ସ୍ୱର ଉତ୍ତୋଳନ ହୋଇଥିଲା । ଫଳତଃ ମହାଭାରତୀୟ ଭୂମିରେ କେବଳ ଉତ୍କଳ ହିଁ ଦୀର୍ଘ ଅଠର ଶହ ବର୍ଷ ନିରବଚ୍ଛିନ୍ନ ସ୍ୱାଧୀନତାକୁ ବଜାୟ ରଖି ପାରିଥିଲା ।

ଲେଖିକା **ଦେବଯାନୀ ରାୟ** ତାଙ୍କ ଆଲେଖରେ ଐତିହାସିକ ଖୋର୍ଧାର ପାଇକଯୁଦ୍ଧ ସଂପର୍କରେ ଚର୍ଚ୍ଚା ପୂର୍ବକ ଉଭୟ ଇତିହାସ ଓ ରାଜନୀତିର ଏକ ସମାନ୍ତରାଳ ପ୍ରବାହକୁ ପ୍ରଦର୍ଶିତ କରି ଖୋର୍ଦ୍ଧାଗଡ଼ର ପରିଚୟ ଏବଂ ଏହାର ଏକ ସାଂସ୍କୃତିକ ପରିଚୟ ମଧ୍ୟ ପ୍ରଦାନ କରିଛନ୍ତି । ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ଐତିହାସିକ ଭିତ୍ତିକୁ ପ୍ରାମାଣିକ ଦଲିଲ୍ ଆଧାରରେ ଉପସ୍ଥାପନ କରିଛନ୍ତି । ସମୟପ୍ରିୟ ପାଇକଜାତିର ପରିଚୟ ଦେବା ସହ ବିଦ୍ରୋହର କାରଣ, ପାଇକଙ୍କ ଆଖଡ଼ା, ବେଶଭୂଷା ଏବଂ ପ୍ରମୁଖ ବିପ୍ଳବୀମାନଙ୍କର ସଂକ୍ଷେପଧର୍ମୀ ପରିଚୟ ଦେଇ ଅଛନ୍ତି । ଉକ୍ତ ଆଲେଖରେ ଏ ଜାତିର ସମରପ୍ରାଣ ଓ ସ୍ୱାଧୀନତା ଆନ୍ଦୋଳନରେ ଖୋର୍ଧାର ପାଇକଙ୍କ ଅପୂର୍ବ ବୀରତ୍ୱଗାଥା ବର୍ଣ୍ଣିତ ହୋଇଛି । ପାଇକଜାତିର ଗୌରବପୂର୍ଣ୍ଣ ପ୍ରସଙ୍ଗର କେତୋଟି ଦିଗକୁ ଏହି କ୍ରମରେ ଆଲୋଚନା କରାଯାଇପାରେ ।

'ପାଇକ' ଶବ୍ଦଟି ସଂସ୍କୃତ ଶବ୍ଦ 'ପଦାତିକ'ର ଅପଭ୍ରଂଶ ରୂପ ବୋଲି ଅନେକେ ମତ ଦେଇଥାନ୍ତି । ମାତ୍ର, ସଂସ୍କୃତରେ 'ପାୟିକ' ବୋଲି ଏକ ଶବ୍ଦର ପ୍ରଚଳନ ଅଛି, ଯାହାର ଅର୍ଥ ହେଉଛି ପଦାତିକ । ତେଣୁ ଏହି 'ପାଇକ' ଶବ୍ଦଟି ସଂସ୍କୃତ

'ପାୟିକ'ର ଓଡ଼ିଆ ରୂପ । ଉଇଲସନ୍ ମଧ୍ୟ ଏହାକୁ ସଂସ୍କୃତ ରୂପାନ୍ତର ରୂପେ ସ୍ୱୀକାର କରି ସ୍ଥାନୀୟ ଜମିଦାର ବା ରାଜାଙ୍କ ଅଧୀନରେ ଥିବା ନିଷ୍କର ଜମିକୁ ଭୋଗ କରୁଥିବା ସୈନିକଙ୍କୁ 'ପାଇକ' ବୋଲି ସ୍ୱୀକାର କରିଛନ୍ତି । ଓଡ଼ିଶାର ପ୍ରାଚୀନ ଶିଳାଲେଖ ବା ତାମ୍ରଲିପି ମାନଙ୍କରେ 'ପାଇକ' ଶବ୍ଦର ବ୍ୟବହାର ପରିଦୃଷ୍ଟ ନହେଲେ ହେଁ, ପରିବ୍ରାଜକ ତଥା ଲେଖକ 'ଆବୁଲ୍ ଫଜଲ୍' ତାଙ୍କ 'ଆଇନ୍-ଇ-ଆକବରୀ' ଗ୍ରନ୍ଥରେ ପାଇକମାନଙ୍କୁ ସିପାହୀ ଜମିଦାର ବୋଲି ସୂଚୀତ କରିଛନ୍ତି । କିନ୍ତୁ ଇଂରେଜ ରାଜତ୍ୱ କାଳୀନ ସରକାରୀ ନଥିପତ୍ର ଓ ରେକର୍ଡ଼ମାନଙ୍କରେ ପାଇକମାନେ ଓଡ଼ିଶା ରାଜାଙ୍କ ସୈନ୍ୟ ଅର୍ଥରେ ସ୍ୱୀକୃତ । ତେଣୁ କୁହା ଯାଇପାରେ, ପାଇକ ହେଉଛନ୍ତି- ବଂଶ ପରମ୍ପରାନୁକ୍ରମେ ସୈନ୍ୟ ବିଭାଗରେ କାର୍ଯ୍ୟରତ ସମରକୁଶଳୀ ଯୋଦ୍ଧା ବା ପଦାତିକ ସୈନ୍ୟ । ଏହାଙ୍କ ପରାକ୍ରମ ଓ ବୀରତ୍ୱ ଅଶୋକ ଓ ସମ୍ରାଟ ଖାରବେଳଙ୍କ ସମୟରୁ ସୁଖ୍ୟାତି ଅର୍ଜନ କରିଅଛି । ଓଡ଼ପାଇକ ଓ ଶୁଦ୍ରପାଇକ ନାମରେ ଏମାନେ ଦୁଇ ଶ୍ରେଣୀୟ । ପ୍ରଥମ ଗୋଷ୍ଠୀର ପାଇକମାନେ ନିଜକୁ ଖଣ୍ଡାୟତ ବା କ୍ଷତ୍ରିୟ ବୋଲି ଅଭିହିତ କରୁଥିଲେ ଏବଂ ଦ୍ୱିତୀୟ ଗୋଷ୍ଠୀର ପାଇକ ଥିଲେ ନିମ୍ନଶ୍ରେଣୀର ପାଇକ ବା ଶୁଦ୍ରପାଇକ । କୁସ୍ତିକସରତ, ଯୁଦ୍ଧାଭ୍ୟାସ, ସମରଶିକ୍ଷା, ଶରୀର ଗଠନ କରିବା ଏମାନଙ୍କ ପ୍ରାତ୍ୟହିକ କର୍ମ । ନିଷ୍କର ଜମି ପୁରୁଷାନୁକ୍ରମେ ଭୋଗ କରୁଥିଲେ, ଯୁଦ୍ଧ ଉପଗତ ହେଲେ ଦଳପତିଙ୍କ ଅଧିନରେ ଯୁଦ୍ଧଯାତ୍ରା କରୁଥିଲେ । ଦଳପତିଙ୍କୁ 'ଦଳେଇ' କୁହା ଯାଉଥିଲା । ଦଳେଇମାନେ ଦଳବେହେରାଙ୍କ ଅଧିନରେ, ଦଳବେହେରାମାନେ ପାଇକରାୟ, ରାଉତରାୟଙ୍କ ଅଧିନରେ ଏବଂ ଏହି ରାଉତରାୟମାନେ ରାଜାଙ୍କ ଶ୍ରେଷ୍ଠ ସେନାଧ୍ୟକ୍ଷଙ୍କ ଅଧୀନରେ ପରିଚାଳିତ ହେଉଥିଲେ । ଯାହାଙ୍କ ଉପାଧି ଥିଲା 'ବକ୍ସି' । ପାଇକଙ୍କ ସଂଜ୍ଞା ଭାବରେ ରଣସିଂହ, ମହାରଥୀ, ବାହୁବଳେନ୍ଦ୍ର, ହରିଚନ୍ଦନ, ଶ୍ରୀଚନ୍ଦନ, ପାଟସାହାଣୀ, ପାଲଟାସିଂହ, ସୁନ୍ଦରାୟ, ମଙ୍ଗରାଜ, ଭୁଜବଳ, ବାହିନୀପତି, ମାନ୍ଧାତା, ଝପଟସିଂହ, ପାହାଡ଼ସିଂହ, ଦକ୍ଷିଣକବାଟ, ପଶ୍ଚିମକବାଟ, ପଟ୍ଟନାୟକ, ଚମ୍ପତିସିଂହ, ଗଡ଼ନାୟକ, ବୀରବର, ରାଟସିଂହ, କହଳସିଂହ, ବଳୀୟାର ସିଂହ ଆଦିର ଉଲ୍ଲେଖ ରହିଛି । ବୀର ପାଇକଙ୍କ ଯୁଦ୍ଧ କୁଶଳୀରେ ମୁଗ୍ଧ ହୋଇ ରାଜାମାନେ ଅନେକ ଉପାଧି ପ୍ରଦାନ କରିଛନ୍ତି, ଯାହା ବଂଶାନୁକ୍ରମେ ପ୍ରଚଳିତ । ସମର କାବ୍ୟମାନଙ୍କରୁ ପାଇକଜାତିର ପରିଚୟ ଓ ବୀରତ୍ୱକୁ ବୁଝିହୁଏ ।

ପାଇକ ପ୍ରସଙ୍ଗ ମଧ୍ୟରେ 'ପାଇକ ଆଖଡ଼ା' ଅନ୍ୟତମ, ଯାହାର ସୂଚନା ଦେଇଛନ୍ତି ଦେବଯାନୀ ରାୟ । ସେ ଏହାକୁ ଯୋଦ୍ଧା ପାଠଶାଳା ବା ବ୍ୟାୟାମଶାଳା ଭାବରେ ସୂଚିତ କରିଛନ୍ତି । ଓଡ଼ିଶାର ସାମରିକ ଇତିହାସକୁ ଲକ୍ଷ୍ୟ କଲେ ଜଣାଯାଏ ତତ୍କାଳୀନ ସେନାମାନଙ୍କ ତାଲିମ ନିମନ୍ତେ ଗଡ଼ରେ ଥିବା ପ୍ରତିଟି ଗ୍ରାମରେ ଏକ ଏକ 'ଖେଟୈକ' (ଆଖଡ଼ା) ନିର୍ମାଣ କରା ଯାଉଥିଲା । ଏଥିରେ ଶାରୀରିକ ବ୍ୟାୟାମ, କ୍ରୀଡ଼ା ସହ ଭାର ଉତ୍ତୋଳନ କରିବାର କଠୋର ସାଧନା ଅନୁଷ୍ଠିତ ହେଉଥିଲା । ଏହି ଆଖଡ଼ା ଗୃହରେ ମହାବୀର ହନୁମାନ କିମ୍ବା ଗ୍ରାମଦେବତୀଙ୍କ ବିଗ୍ରହ ସ୍ଥାପନ କରି ପାଇକମାନେ ମଲ୍ଲଯୁଦ୍ଧ, ଯୁଦ୍ଧକୌଶଳ ଅଭ୍ୟାସ କରୁଥିଲେ । ଚାଳିଶ ବର୍ଷରୁ ଉର୍ଦ୍ଧ୍ୱ ବୟସର ଦକ୍ଷ ପାଇକମାନେ ଶିକ୍ଷାଦାନରେ ନିଯୁକ୍ତ ଥିଲେ । **(ଓଡ଼ିଶାର ସାଂସ୍କୃତିକ ଇତିହାସ / ସତ୍ୟନାରାୟଣ ରାଜଗୁରୁ)**



▶ ଦେବଯାନୀ ରାୟ

ପାଇକ ନିର୍ବାଚନ ପ୍ରକ୍ରିୟା ମଧ୍ୟ ବେଶ୍ କୌତୂହଳପ୍ରଦ । ରାଜାଙ୍କର ସୈନ୍ୟ ବିଭାଗରେ କିଭଳି ପାଇକମାନେ ଯୋଦ୍ଧା ହେବେ, ତାହାର ବିସ୍ତୃତ ବର୍ଣ୍ଣନା ରହିଛି- କହ୍ନେଇ ଚମ୍ପତିରାୟ ବିରଚିତ 'ପାଇକ ଖେଦା' ଗ୍ରନ୍ଥରେ । ଏଥିରେ କୁହା ଯାଇଛି- "ଭୋଇମୂଳ ହିଁ ପାଇକ ଚୟନର ମୁଖ୍ୟ । କଳାଗୋରା, ଛୁଆଁଅଛୁଆଁର ଭେଦ ନାହିଁ ପାଇକ ସଂଗ୍ରହରେ । ଏକ ପୁତ୍ର ଥିବା ଗୃହରୁ ପାଇକ ଗ୍ରହଣ କରା ଯାଉନଥିଲା । ପରିବାରର ବଡ଼ଭାଇ ଯୁଦ୍ଧକୁ ଗଲେ ସାନଭାଇ ଗୃହରେ ରହିବେ । ପିତା କିମ୍ବା ମାତାଙ୍କର ମୃତ୍ୟୁ ବର୍ଷେ ନପୂରିଲେ ବଡ଼ପୁଅ ଯୁଦ୍ଧକୁ ଯିବାର ବାରଣ । ବିବାହର ତିନିବର୍ଷ ପୂରଣ ନହେଲେ ଯୁଦ୍ଧକୁ ନିଷେଧ, ନିର୍ବନ୍ଧ ହୋଇଥିଲେ ମଧ୍ୟ ସେ ପାଇକ ଭାବରେ ସ୍ୱୀକୃତ ହେବେ ନାହିଁ । ସେହିପରି ଶରୀରରେ ବ୍ୟାଧି ଥିଲେ କିମ୍ବା ବିକଳାଙ୍ଗ ଥିଲେ ସେ ପାଇକ ହେଇପାରିବ ନାହିଁ । ବୈଦ୍ୟଙ୍କ ଅନୁଶୀଳନ ପରେ ଯାଇ ଚଷାପୁଅ ପାଇକ ହୋଇପାରିବ ।" ଏହିପରି ବହୁ ନିୟମ 'ପାଇକ ଖେଦା'ରେ ଲିଖିତ ହୋଇଛି । ବୟସକ୍ରମରେ ପାଇକମାନେ ବିଭିନ୍ନ ବିଭାଗରେ ଦାୟିତ୍ୱ ନିର୍ବାହ କରୁଥିଲେ । ପଚିଶ ବର୍ଷରେ ପଦାତିକ, ତିରିଶ ବର୍ଷରେ ବିହଙ୍ଗଯୁଦ୍ଧ,ଚାଳିଶ ବର୍ଷରେ ରଥାରୋହୀ ଏବଂ ଚାଳିଶିରୁ ଉର୍ଦ୍ଧ୍ୱ ହେଲେ ଦୁର୍ଗରକ୍ଷୀ ବା ତହିଁରୁ ଅଧିକ ବୟସ୍କ ହେଲେ ଆଖଡ଼ା ଗୃହରେ ସମରଶିକ୍ଷା ଦେଉଥିଲେ ।

ପାଇକର ସାଜସଜ୍ଜା ଓ ଅଙ୍ଗାଭରଣ ମଧ୍ୟ ବିଚିତ୍ର । ବିବିଧ ଅସ୍ତ୍ରରେ ସଜ୍ଜିତ ହୋଇ ଲଲାଟରେ ବସୁଥିବା ତିଳକ, କୁଟୀରେ ଶୁକ୍ଳପାଛୋଟି ଏବଂ ମଥାରେ ଧଳା ପାଗ ଭିଡୁଥିଲେ । ନଳୀ, ଠୁଙ୍କା, ବାରୁଦକୁମ୍ପା, ଝୁଲକତା, ଶଗଡ଼ିଆନଳୀ, କଟାରୀ, କଡ଼ିମାଳ, ବାଙ୍କଛୁରୀ, କଟୀଢାଲ, ଢାଲ, କାଣ୍ଡ, ଖପର, ଓଲଟା ଧାର ଖଣ୍ଡା, ହସ୍ତଭରାଖଣ୍ଡା, ଧନୁ, ରୁଢ଼ି ଇତ୍ୟାଦି ଅସ୍ତ୍ରଶସ୍ତ୍ର ସହ ବଳା, ଘାଗୁଡ଼ି, ଝୋବା, ହେଦା, ଘଣ୍ଟିମାଳ, ବାଘପଟି, ବାହୁଟି, କଳିଙ୍ଗ ଆଦି ଅଳଙ୍କାରରେ ଭୂଷିତ ହେଉଥିଲେ ପାଇକମାନେ । ପୁରୋହିତଙ୍କ ଆଶୀର୍ବାଦ ନେଇ ବ୍ରତ ଧାରଣ କରୁଥିଲେ । ଅସ୍ତ୍ରଶସ୍ତ୍ର ପୂଜା କରି ଜଗନ୍ନାଥଙ୍କ ସ୍ମରଣ କରି ଦୁଗ୍ଧଭାତ ଭକ୍ଷଣ କରୁଥିଲେ । ମୁଖ୍ୟତଃ ତୃତୀୟ ତ୍ରୟୋଦଶୀ ଓ ଉତ୍ତରା ଫାଲ୍‌ଗୁନ, ପୁଷ୍ୟା, ହସ୍ତା, ମୃଗଶିରା ନକ୍ଷତ୍ରରେ ଯୁଦ୍ଧ ପାଇଁ ଅନୁକୂଳ କରୁଥିଲେ । ପାଇକବାହିନୀଙ୍କ ସମ୍ମୁଖ ଭାଗରେ ଭେରୀ, ତୂରୀ, ଶିଙ୍ଗା, ଢୋଲ, ଚାଙ୍ଗୁ, ଡିପା, ଖୁଟୀ, ଟମକ, ଝାଞ୍ଜ, ଡମ୍ବରୁ, ଅଝଘର, କାତିମାଳ, ଖୁନ୍ତୁଆ ଆଦି ବୀରବାଦ୍ୟ ବଜାଇ ଯୁଦ୍ଧ ଯାତ୍ରା କରୁଥିଲେ । ଏମାନଙ୍କ ପତାକା ମଧ୍ୟ ଭିନ୍ନ ବ୍ୟଞ୍ଜକ ।

ପାଇକ ବିଦ୍ରୋହରେ ଅସାମାନ୍ୟ ବୀରତ୍ୱ ଦେଖାଇଥିଲେ ବକ୍ସିଜଗବନ୍ଧୁ, କୃଷ୍ଣଚନ୍ଦ୍ର ଭ୍ରମରବରରାୟ, ତାପଙ୍ଗ ଦଳବେହେରା, ମାଧବ ରାଉତରାୟ, କୁଜଙ୍ଗ ରାଜା, କୁଜଙ୍ଗର ନାରାୟଣ ପରମଗୁରୁ, ବାମାଦେବ ପାଟଯୋଶୀ, ବାଣପୁରର ପଞ୍ଚପଲୀ ଦଳବେହେରା, ବ୍ରଜାନନ୍ଦ ସିଂହ, ଅରାଙ୍ଗ ଦଳବେହେରା, ଦୀନବନ୍ଧୁ ସାମନ୍ତରାୟ, ରଥୀ ସାମନ୍ତସିଂହାର, ପଦ୍ମନାଭ ହରିଚନ୍ଦନ, ଦାମ ସୁବୁଦ୍ଧି, କୃତିବାସ ପାଟଶାଣୀ, ଜୟୀ ରାଜଗୁରୁ, ଭୂପଭରଣ ସିଂହ, ପୀତବାସ ମଙ୍ଗରାଜ, ବୀରେନ୍ଦ୍ର ପଟ୍ଟନାୟକ, ଲୋକା ପାଇକ ଆଦି ବୀରମାନେ ଅପୂର୍ବ ବୀରତ୍ୱରେ ଉତ୍କଳକୁ ଗୌରବାନ୍ୱିତ କରି ଓଡ଼ିଆ ଜାତିର ସ୍ୱାଭିମାନ ପାଇଁ ଆତ୍ମବଳି ଦେଇଛନ୍ତି । ୧୮୧୭ ମସିହାରେ ସଂଗଠିତ ପାଇକ ବିଦ୍ରୋହ ଓଡ଼ିଶାର ସ୍ୱର୍ଣ୍ଣିମ ଇତିହାସ । ଏଥିରେ ବାଣପୁରର ପାଞ୍ଚଶହ ପାଇକଙ୍କ ସମେତ କନ୍ଧ ପାଇକମାନେ ସମ୍ମିଳିତ ହୋଇ ବ୍ରିଟିଶ୍ ଶାସନର ଶୋଷଣ, ରାଜସ୍ୱବୃଦ୍ଧି ବିରୁଦ୍ଧରେ ବିଦ୍ରୋହ କରିଥିଲେ । ଭାରତୀୟ ମୁକ୍ତି ସଂଗ୍ରାମରେ ଏହି ପାଇକ ବିଦୋହ ହିଁ ଓଡ଼ିଆ-ବୀରତ୍ୱର ଗୌରବ ସ୍ମାରକୀ ।

**ଦେବଯାନୀ ରାୟ ତାଙ୍କ** ଆଲେଖରେ ପାଇକ ବିଦ୍ରୋହର ସଂକ୍ଷିପ୍ତ ଇତିହାସ ସହ ଏହାର ସୁଦୂରପ୍ରସାରୀ ସାଂସ୍କୃତିକ ପରମ୍ପରା ପ୍ରତି ଆଲୋକପାତ କରିଛନ୍ତି । ଇତିହାସ କଡ଼ ଲେଉଟାଏ, ପ୍ରତିଟି ପ୍ରାଣରେ ଅତୀତ ଗୌରବ ମହିମାନ୍ୱିତ କରେ ଜାତିକୁ । **ରେବତୀର** 'ସ୍ୱାଧୀନତା' ବିଶେଷାଙ୍କ ସେହି ଜାତୀୟତାର ଶିହରଣକୁ ଅନୁଭବ କରାଇ ପାରିଛି । କଷ୍ଟଲବ୍ଧ ସ୍ୱାଧୀନତାର ପଶ୍ଚାତ୍‌ରେ ରହିଥିବା ସ୍ୱାଭିମାନୀ ଓଡ଼ିଆବୀରଙ୍କ ସମେତ ଭାରତବର୍ଷର ମହିମ୍ନ ମହାପୁରୁଷଙ୍କ ସ୍ମୃତି ପ୍ରଖ୍ୟାଳନରେ ଚଳିତ ସଂଖ୍ୟାର ବିଷୟ ହୋଇପାରିଛି ବେଶ୍ ହୃଦ୍ୟ ଓ ଆବେଗପୂର୍ଣ୍ଣ ।

# ରେବତୀ ର ନିୟମାବଳୀ

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡ଼ିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।
- ଦୟାକରି କବିତା କିମ୍ବା ଗଳ୍ପ ସିଧାସଳଖ ପଠାନ୍ତୁ ନାହିଁ । କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅ ମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅ ମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- ପ୍ରକାଶିତ ଲେଖା, ଫଟୋ, ଚିତ୍ରକଳା ଓ କଭର୍ ମଡ଼େଲିଂ ପାଇଁ କୌଣସି ପ୍ରକାର ପାରିତୋଷିକର ବ୍ୟବସ୍ଥା ନାହିଁ ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚରରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ ।


ସମ୍ପର୍କ: ସମ୍ପାଦିକା, 'ରେବତୀ',
ରେବତୀ ମିଡ଼ିଆ ହାଉସ୍ ପ୍ରା. ଲିଃ.,
ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦
ଇ-ମେଲ୍ : rebati.rebati2018@gmail.com
: rebati.edit2020@gmail.com

# ନାରୀ ହିଁ ଶକ୍ତି

ଆମ ସମାଜରେ ଏକ ପ୍ରଚଳିତ ବିଶ୍ୱାସ ରହିଛି ଯେ, ନାରୀ ଦୁର୍ବଳା । କିନ୍ତୁ ଏପରି ଏକ ଧାରଣା ଭ୍ରମାତ୍ମକ ବୋଲି ବୁଝିବାକୁ ହେବ । କାରଣ ସକଳ ଶକ୍ତିର ଆଧାର ହେଉଛି ନାରୀ । ଆମ ସଂସାର, ଆମ ପରିବାରର ମୁଖ୍ୟ ପରିଚାଳିକା ତ ସେଇ ନାରୀ । ସେଇ ନାରୀ ନଥିଲେ ନା ପରିବାର ପ୍ରତିପୋଷଣ ହୁଅନ୍ତା ନା ପରିବାରର ପ୍ରତିପାଳନ । ନିଜକୁ ତିଳ ତିଳ ନିଃଶେଷ କରି ନାରୀଟିଏ ହିଁ ତ ଗଢ଼େ ଆମକୁ । ଆମେ କିନ୍ତୁ କହି ବୁଲୁ: ନାରୀ ଅବଳା ନାରୀ ଦୁର୍ବଳା । କିନ୍ତୁ ହାୟ ! ଏହା କ'ଣ ସତ୍ୟ ? ଏହ ବି ସତ୍ୟ ନୁହେଁ ଯେ ଆମ ସମାଜ ପୁରୁଷ-ଶାସିତ । କଦାଚିତ୍ ନୁହେଁ । ଟିକେ ଭାବନ୍ତୁ ଦେଖି । ନାରୀଟିଏ ଆମର ପ୍ରତିଟି ସମୟର ସାଥୀ ଓ ସେବିକା । ତେଣୁ ବାସ୍ତବରେ ନାରୀ-ଶାସିତ ସମାଜରେ ଆମେ ବସବାସ କରୁଛୁ, ଭାବିବା ଉଚିତ । ଏହାକୁ ବିଶ୍ଳେଷଣ କଲେ ସହଜରେ ବୁଝିହେବ ଯେ, ଶୈଶବରେ ପୁତ୍ରଟିଏ ମାଆର ପଣତ ତଳେ ଆଶ୍ରା ନିଏ ତ ବଡ଼ ହେବା ପରେ ଯୌବନରେ ପତ୍ନୀର ପଞ୍ଜୁରୀରେ ଶୁଆ ପରି ବଞ୍ଚେ । ବାର୍ଦ୍ଧକ୍ୟରେ ପୁତ୍ରବଧୂର ହାତଟେକା ଅନ୍ନକୁ ଅନେଇ ଅନେଇ ଜୀବନ ଅତିବାହିତ କରେ । ବଞ୍ଚିଥିବା ବେଳେ ବୋହୂ ଅନ୍ନ ଦିଏ । ପୁଅ କେବଳ ମୃତ୍ୟୁ ପରେ ମୁହଁରେ ଅଗ୍ନି ଦିଏ । ସୁତରାଂ ଜୀବନ (ଆହାର) ଦିଏ ନାରୀ । ପୁରୁଷ ପାଉଁଶ କରିବା ପାଇଁ କେବଳ ନିଆଁ ଦିଏ । ବଡ଼ କିଏ ତେବେ- ଆପଣମାନେ ବିଚାର କରନ୍ତୁ । କିଏ ବି ଶାସନ କରୁଛି ଆମକୁ ଏଇଥିରୁ ସ୍ପଷ୍ଟ ବୁଝି ନିଅନ୍ତୁ ।

ଏମିତିରେ, ଆମେ ଯେଉଁ ଭୂମିରେ ଭୂମିଷ୍ଠ ହେଉ, ତାକୁ ମାତୃଭୂମି କୁହାଯାଏ । ପିତୃଭୂମି ନୁହେଁ । ଯେଉଁ ଭାଷାରେ ଆମେ କଥା କହୁ ସେ ଭାଷାକୁ ବି ମାତୃଭାଷା କୁହାଯାଏ । ପିତୃଭାଷା ବୋଲି କିଛି ଅଛି କି ସମାଜରେ ! ସବୁ ତ ମାତୃଶକ୍ତି ବା ନାରୀଶକ୍ତିରେ ବନ୍ଧା । ତେବେ ନାରୀ ଦୁର୍ବଳା ବା ଅବଳା ହେଲା କେମିତି ? କେଉଁ ଯୁକ୍ତି ବଳରେ ନାରୀକୁ ସମାଜ ମର୍ଯ୍ୟାଦା ଦେଇନାହିଁ ବୋଲି କହି ପାରିବା ! ନାରୀ-ଶାସିତ ବା ନାରୀ-ଆଶ୍ରିତ ଏ ସମାଜରେ ପୁରୁଷ ଏକ ଅଂଶ ମାତ୍ର । ଏଥିରେ ସମାନତା ଅସମାନତାର ପ୍ରଶ୍ନ ଉଠୁ ନାହିଁ । ଜଣେ ନାରୀ ପାଖରୁ ସୃଷ୍ଟି ହେଉଥିବା ପୁରୁଷଟେ ଯେତେ ବଳୀୟାନ ହେଉ ପଛେ, ନାରୀର ଛାୟା ତଳେ ଆଶ୍ରିତ ହେବାକୁ ବାଧ୍ୟ । ସେ ମାଆ ରୂପରେ ହେଉ କି ପତ୍ନୀ ରୂପରେ । ସବୁଠି ସେଇ ନାରୀର ହିଁ ନିୟତି । ତେଣୁ ନାରୀ ହିଁ ହେଉଛି ପୁରୁଷର ନିୟତି । ଏହା ଅକାଟ୍ୟ ସତ୍ୟ । ଏହାକୁ ଆମେ ମାନିନେବା ଦରକାର ।

ହଁ ଏକଥା ଅବଶ୍ୟ ସତ୍ୟ ଯେ, ପୁରୁଷ ପଶୁରେ ପରିଣତ ହେଲେ ହିଁ ନାରୀ ଠାରୁ ତା'ର ଶକ୍ତି ଅଧିକ ହୁଏ ଏବଂ ସେତେବେଳେ ସେ ନାରୀକୁ ଅତ୍ୟାଚାର କରିବାକୁ ପଛାଏ ନାହିଁ । ପଶୁବତ୍ ଆଚରଣ କରେ । କିନ୍ତୁ ପଶୁ ପ୍ରବୃତ୍ତିରୁ ମୁକ୍ତ ହେଲେ ହିଁ ପୁରୁଷ ସବୁବେଳେ ନାରୀର ସହଯାତ୍ରୀ ପାଲଟେ । ପୁରୁଷର ପଶୁ ପ୍ରବୃତ୍ତି ବେଳେ ନାରୀକୁ ହିଁ ଦେବୀ ରୂପରେ ସଂହାର କରିବାର ଅନେକ ଦୃଷ୍ଟାନ୍ତ ରହିଛି ।

ଘରେ ସୁସମୟର ଆବାହନୀ ହେଉ କି ସୁମଙ୍ଗଳର ପରିବେଶ ତିଆରି କରିବା, ସବୁବେଳେ ନାରୀଟି ହିଁ ଆଗକୁ ଆସେ । ନାନାଦି ବ୍ରତ ଉପବାସ କରି ନାରୀଟିଏ ମାଗେ ଯଦି କାହା ପାଇଁ ମାଗେ ! ଆମରିମାନଙ୍କ ମଙ୍ଗଳ କାମନାରେ ବିତି ଯାଏ ତା'ର ଆୟୁଷ । ନିଜ ପାଇଁ କେତେବେଳେ ମାଗିନଥାଏ । ତ୍ୟାଗ ଓ ତପସ୍ୟାର ମୂର୍ତ୍ତିମନ୍ତ ପ୍ରତୀକ ସେ । ପାପପୁଣ୍ୟର ନିକିତିରେ ସେ ତଉଲି ନିଏ ନିଜ ପରିବାର ଓ ସ୍ୱଜନଙ୍କ ଭାଗ୍ୟ । ରୋଗରେ, ବ୍ୟାଧିରେ, ବ୍ୟଥା ଓ ବିପତ୍ତିରେ ସେ ଅକାତରେ ଠିଆ ହୁଏ ଆମ ସପକ୍ଷରେ । ନାରୀର ଏହି ଆତ୍ମିକ ଶକ୍ତି ଟିକକ ତା'ର ଅସ୍ତ୍ର । ମଣିଷ ସମାଜକୁ ପରିଚାଳିତ କରିବା ପାଇଁ ଏପରି ଏକ ଅମୋଘ ଅସ୍ତ୍ର ତାକୁ ଦୈବୀ-ଇଚ୍ଛାରୁ ପ୍ରାପ୍ତ ହୋଇଛି । ଏହାକୁ ଆମକୁ ସ୍ୱୀକାର କରିବାକୁ ପଡ଼ିବ ।

ଅନେକ ସମୟରେ ନାରୀକୁ ଆମେ ଭୁଲ୍ ଭାବରେ ବ୍ୟାଖ୍ୟାୟିତ କରିଥାଉଁ । ଯେପରି ନାରୀ ଓ ପୁରୁଷକୁ ନେଇ ସବୁବେଳେ ଗୋଟିଏ କଥା ଶୁଣିବାକୁ ମିଳେ, ନାରୀ ପୁରୁଷ ଠୁ ପଛରେ ବା ନାରୀ ଓ ପୁରୁଷ ସମାନ ଅଧିକାର ପାଉନାହାନ୍ତି ! ଏପରି ଏକ ବିଚାର ବ୍ୟକ୍ତ କରିବା ଆଗରୁ ଭାବିନେବା ଦରକାର, ଆଜିର ସମୟରେ ନାରୀ କେବଳ ଏକ ସନ୍ତାନ ସୃଷ୍ଟି କରିବାର ଆୟୁଧ ହୋଇ ରହିନାହିଁ । ସମାଜର ପ୍ରତିଟି ଉଚ୍ଚ ପଦପଦବୀ ମଣ୍ଡନ କରିଛି ସେ । ଯାହା ଦିନେ ପୁରୁଷର ଏକଛତ୍ର ଅଧିକାର ଥିଲା । ଆଜିର ସମୟରେ ନାରୀଟି ପାଇଁ ପ୍ରତିଟି କ୍ଷେତ୍ର ମୁକୁଳା । ପରିବାରରୁ ବାହାରି ଆସି ସେ ମୁକ୍ତ ଭାବରେ ନିଜ ରୁଚି ଓ ସ୍ୱାଚ୍ଛନ୍ଦ୍ୟକୁ ଉପଭୋଗ କରିବାରେ ଆଉ କୌଣସି ବାଧା ନାହିଁ । ଅବଶ୍ୟ ଏବେବି କିଛି କିଛି ଜାଗାରେ ନାରୀଟିଏ ମୁକ୍ତ ଭାବେ ବିଚରଣ କରିପାରୁନାହିଁ । କିନ୍ତୁ ଏହା ହିଁ ଏକମାତ୍ର ପରିଣାମ ନୁହେଁ । କାରଣ କିଛିବର୍ଷ ପୂର୍ବ ପର୍ଯ୍ୟନ୍ତ ଥିବା ସମାଜର ଚିତ୍ର ଆଜିର ସମୟରେ ଯେ ବଦଳି ସାରିଛି- ଏ କଥାକୁ ଆମେ ସମସ୍ତେ ମାନିନେବାକୁ ପଡ଼ିବ ।

ନିଜ ଇଚ୍ଛାରେ ଜୀବନ ଜିଇଁବା । ନିଜ ରୁଚି ଅନୁସାରେ ବୃତ୍ତି ଆପଣେଇବା, ନିଜ ପସନ୍ଦ ଅନୁସାରେ ସମ୍ପର୍କ ସ୍ଥାପିବା- ଏସବୁ କ୍ଷେତ୍ରରେ ଘରର ପୁରୁଷମାନେ ବେଶ୍ ସହଯୋଗୀ ମନୋଭାବ ପୋଷଣ କରୁଥିବା ଆନନ୍ଦର କଥା । ତେଣୁ ନାରୀର ଶକ୍ତିକୁ ଆମେ ସମ୍ମାନ ଓ ସ୍ୱୀକାର କଲେ ହିଁ ଏକ ସୁସମୟ ଆସି ପାରିବ, ଏହା ଭୁଲିଯିବା ଉଚିତ ନୁହେଁ ।



ଧାରାବାହିକ କାବ୍ୟ

# ଦ୍ରୌପଦୀ-୭

## ପ୍ରଫୁଲ୍ଲ କୁମାର ମହାନ୍ତି

**(ଗାଁ ଲୋକଙ୍କ ଗହଣରେ ଜେମାମଣି)**

ବାପା ମା'ଙ୍କର ନା ନା
ଅଲୀଅଳି ଜେମାର ଜିଦ୍
ଭାଇ ଧୃଷ୍ଟଦ୍ୟୁମ୍ନର ତାଗିଦ୍
ପାଞ୍ଚାଳି ଅଭିମାନରେ ଯାଜ୍ଞସେନ ଦ୍ରୁପଦ
ଆଦେଶିଲେ ହଉ ଯା' କିନ୍ତୁ ଏକା ନୁହେଁ
ସାଥିରେ ଯିବେ ସେନା
ଆଉ ତୋର ପ୍ରିୟସଖୀ ଅଲ୍‌ପନା ।

ଆଗେ ପଛେ ସେନା ରଥରେ ଦ୍ରୌପଦୀ
ଶୁଭ୍ର ଶାଢ଼ିରେ ଉଷାରାଗରେ ବିଳମ୍ବିତ କାମୋଦୀ ।
ଶହ ଶହ ଶଗଡ଼ରେ ଭାରଭାର ଖାଦ୍ୟବସ୍ତ୍ର
ଅଲ୍‌ପନା ଦାୟିତ୍ୱରେ ସ୍ୱର୍ଣ୍ଣମୁଦ୍ରା ପେଟିକା ସହସ୍ର
ଦ୍ରୌପଦୀ ଆଦେଶ ଦେଲା ସେନା ପଶିବେ ନାହିଁ
ଗ୍ରାମସୀମା ଡେଇଁ ଘୋଡ଼ାଟାପୁରେ ଛାତି କମ୍ପିବ ନାହିଁ
ଭୟ ପଶିବ ନାହିଁ ସରଳ ନିରୀହ ଗ୍ରାମୀଣ ମନରେ
ସମସ୍ତେ ଚାଲି ଚାଲି ଯିବେ ଗାଁ ମୁଣ୍ଡରୁ
ହସହସ ମୁହଁରେ ମଧୁର କହିବେ ।

ତମାଳ ଓସ୍ତ ଗହଳରେ ନିରାପଦ ଛାଇରେ
ପକ୍ଷୀକୁଳ ଚମକି ଉଡ଼ିଗଲେ ପଟୁଆର ଦେଖି
ଏକୁଟିଆ ବିଲଚାଷୀ ଚାହିଁଲା ନିରେଖି
ଖବର ପହଁଚିଗଲା ଭାପୁରା ରାସ୍ତାରେ
ପାଞ୍ଚାଳ ଜେମା ପହଞ୍ଚିବେ କବିଲାପୁରୀରେ
ଗାଁ ମୁଣ୍ଡେ ଜମିଗଲେ ଟୋକାବୁଢ଼ା ନିଡ଼ର ଅବଳା
ପିଣ୍ଡାରେ ବୁଢ଼ୀଏ ବସି କେତେ କଣ ଭାବିଗଲେ
ଦାସୀ ଖୋଜିବା ପାଇଁ ଆସିଲେକି ଦ୍ରୁପଦର ବାଳା !
ରଥରୁ ଓହ୍ଲାଇ ଖାଲି ପାଦେ ଚାଲିଲା ଦ୍ରୌପଦୀ
ମିଠା ହସରେ ମଧୁ ମାଖି ଦେଲା ଧନଧାନ୍ୟରେ ଭରିଦେଲା
ପାଖଆଖ ଲକ୍ଷ୍ମୀପୁର ଭାପୁରା କବିଲାପୁର
ହସମୁଖୀ କୁମାରୀଏ ମା' ବୋହୂ ବେଦାନ୍ତ ବୁଢ଼ାଏ
କୁଣ୍ଢାଇ ନେଲେ ଦ୍ରୌପଦୀର ମନ ହୃଦୟକୁ ।

ଦ୍ରୌପଦୀ ବସିଗଲା ନିର୍ବିକାରେ ମାଟି ପିଣ୍ଡାରେ
ନୂଆଁଣିଆ ଚାଳଘରେ ଏକୁଟିଆ ବିଧବା ଦୁଆରେ;
ମଇଳା ଫୁଙ୍ଗୁଳା ଦେହେ ଭରା ଆଖି ଭରା ହସେ
'ଅଲକ୍ଷଣୀ' ପରଷିଲା ଅଭାବି ସଂସାରର ଝରାଫୁଲ
ଦ୍ରୌପଦୀ ଆଉଁସି ଦେଲା ବିନା ପ୍ରଶ୍ନେ ବୁଝିଗଲା
ଅସମ ଭାଗ୍ୟ ବିତରଣ କାହିଁ କଣ୍ଟା କାହିଁ ଫୁଲ
କାହିଁ ବା ସମୟ ନାହିଁ ବୁଝିବାକୁ ଜୀବନର ମୂଲ ।

ଖାଦ୍ୟ ପ୍ରସ୍ତୁତ ହେଲା ମହଣ ମହଣ
ପିଲାବୁଢ଼ା ଝିଅବୋହୂ ରଜାଙ୍କ ସୁଆର
ସମସ୍ତେ ବସିଗଲେ ମଣ୍ଡପ ବାରଣ୍ଡା ରାସ୍ତାକଡ଼
ଏକାଠି ଭୁଞ୍ଜିଲେ ସବୁ ଅଚାନକ ସୌଭାଗ୍ୟର ଅନ୍ନ
ଦ୍ରୌପଦୀ ପରଷିଲେ ସତେକି ଗ୍ରାମାଙ୍ଗନା
ଅଭୁକ୍ତ ରହିଲେ ନାହିଁ ମଣିଷ ଘୋଡ଼ା ଗୋରୁ
ଗଛଡାଳୁ ଉଡ଼ି ଆସି ପକ୍ଷୀଙ୍କ ପଙ୍ଗତ ଦେଖି
ରୋମାଞ୍ଚିତ ହେଲେ ସବୁ ଆନନ୍ଦ ଅଞ୍ଜନା ।

ଖାଦ୍ୟଶେଷେ ସହାସେ ବସିଗଲେ ଗ୍ରାମବାସୀ
ଦ୍ରୌପଦୀ କହିଲା ଶୁଣ ମୋର ଭାଇ ଭଉଣୀଏ
ଆମେ ନୋହୁ ରାଜା ଏଠି କେହି ନୁହେଁ ପ୍ରଜା
ସମସ୍ତେ କରିବା ଆମେ ନିଜନିଜ ଜୀବନର ପୂଜା ।
ବଞ୍ଚିବାର ଅନ୍ଧାରୀ ପଥରେ କର୍ମ ହିଁ ଆଲୋକ
ସେଥିପାଇଁ ଆବଶ୍ୟକ ଶିକ୍ଷାର ପ୍ରଦୀପ ।
ପ୍ରଥମେ ବସାଅ ଏଠି ପାଠଶାଳା ବିଦ୍ୟାର ମନ୍ଦିର
ପୁଅଝିଅ ସମସ୍ତେ ପାଠପଢ଼ ଦି ଅକ୍ଷର ଆଉ କର୍ମ କର ।
ନିର୍ମାଣ କର ପାଠଶାଳା ବରି ଆଣ ପଣ୍ଡିତ ପ୍ରବର
ସେଥିପାଇଁ ସବୁ ଖର୍ଚ୍ଚ ହେବ ରାଜାଙ୍କର
ଚାଷ କର ମନ ଦେଇ ଫଳାଅ ପ୍ରଚୁର
ନାରୀପୁରଷ ମିଶି ତୋଳେ ଏଠି ଫଳର ବଗିଚା
ଫଳଫୁଲେ ଭରିଦିଅ ରାଜଧାନୀ ଦାଣ୍ଡ
ହାଟବଜାରେ ବିକି ବଢ଼ାଅ ସୌରଭ
ନିଜ ପାଇଁ ଦେଶ ପାଇଁ ଅକ୍ଷର ଗୌରବ ।

ଗାଁ ମଣିଷର ଶ୍ରଦ୍ଧାରେ ଫେରିଲେ ଦ୍ରୌପଦୀ
ଶତ ମନା ସତ୍ତ୍ୱେ ଦଉଡ଼ିଲେ ରଥ ପଛେ
ଉଲ୍ଲସିତ ନରନାରୀ ପ୍ରାସାଦ ପର୍ଯ୍ୟନ୍ତ:
ମଣିଷର ଉଚ୍ଚାଟନେ ସ୍ତବ୍ଧ ଗୋଧୂଳି
ଫେରନ୍ତା ପକ୍ଷୀର ଦେହେ କନକ ବର୍ଣ୍ଣାଳି ।


♥ 'ଚିତ୍ରକାବ୍ୟ', ଶିଶୁ ବିହାର, ଭୁବନେଶ୍ୱର-୭୫୧୦୨୪ ଫୋନ:୯୪୩୮୮୦୩୬୨୩



## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

**ପ୍ରଫୁଲ୍ଲ କୁମାର ମହାନ୍ତି**



# ପ୍ରେମ ପୁରାଣର ଦୁଇଟି ସ୍କନ୍ଦ

**ପୀତାମ୍ବର ତରାଇ**



▲ ଚିତ୍ର : ଶିଳ୍ପୀ ନିତ୍ୟାନନ୍ଦ ସାହୁ

**୧ମ ସ୍କନ୍ଦ :**

ମୁଁ ଯେ ଆଷାଢ଼ର
ରଜସ୍ୱଳା ନଈ
ତୁମେ ଅନୁପମ ଉପକୂଳ
ମୁଁ ଯେ ନିଶୀଥର
ରିମ୍‌ଝିମ୍ ସ୍ୱର
ତୁମେ ବିରହର ଦ୍ୱିପ୍ରହର ।

ମୁଁ ଯେ ଆକାଶର
ଦୂରନ୍ତ ବାଦଲ
ତୁମେ ବନଭୂମି ଚାହିଁଅଛ
ତୁମ ଅପେକ୍ଷାର
ମେଘ ମହ୍ଲାର ମୁଁ
ତୁମେ ନିଦାଘର ବ୍ୟଥାଗୁଚ୍ଛ ।

ଶଇଳ ଶିଖର
ଶେଷକୁ ଛୁଇଁ ମୁଁ
ମୁଁ ଯେ ପଡ଼ିନି ଥରୁଟେ ଥକି
ତୁମେ ଶୈବାଳର
ନୀଳ ନିମନ୍ତ୍ରଣ
ଡାକି ଦେଉନ ସାଦରେ ସଖୀ !

ସାଗର ଏପାଖ
ବାଲୁକାବନ୍ତରେ
ମୁଁ ଯେ ଅସରାଏ ମାଇମେଘ
ପ୍ରେମର ଗୋଟିଏ
ରାତି ମୁଁ ମାଗିଛି
ଛୁଉଁନ କାହିଁକି ମୋତେ ଆଗ ।

ଏତେ ପରେ କିଆଁ
ଏତେ ତରତର
ଆଗୋ ପ୍ରିୟତମ ବଇଶାଖ
ଏ ନୁହେଁ ବିଦାୟ
ବିଜନ ବେଳା ଏ
ଟିକେ ମିଳନର ଗୀତ ଲେଖ ।

**୨ୟ ସ୍କନ୍ଦ :**

ଆମେ କି ସେହି
କ୍ରୌଞ୍ଚପକ୍ଷୀ
ମିଳନ ଯା'ର
ଯାଇଛି ଲେଖି
ପ୍ରେମ ପୁରାଣ ଏକ,

ଆମେ କି ସେହି
ବନ୍ଧ୍ୟାଞ୍ଚଳ
ପାହାଡ଼ ତଳ
ବନର ସାଥୀ
ଶହେ ଜନମ ଯାକ ।

ଯୁଗ ଯୁଗର
ଯେତିକି ପ୍ରେମ
ଆମେ ଯେ ତା'ର
ସବୁରି ଥର
ନାନାଦି ରୂପାନ୍ତର,
ଆମେ କି ସେହି
ସର୍ବପ୍ରଥମ
ପୁରୁଷ ନାରୀ
ଅନ୍ୟ କାହାରି
ଅଭିଶାପର ଖେଳ ।

କେତେ ଯେ ଗିରି
ଝରଣା ନଈ
କାନନ ଭୂଇଁ
ମରୁ ପ୍ରାନ୍ତର
ନଗର ଜନପଦ
ସବୁଠି ଆମ
ଭରିଛି ପ୍ରେମ
ଏଇଥି ପାଇଁ
ନିଆଁର ସମ
ମିଳିଛି ଅପବାଦ ।

ଅସୀମ ଝଡ଼
ବିଷମ କାଳ
ତୀବ୍ର ଗରଳ
ବାଧା ବନ୍ଧୁର
ଆଘାତ ନିରିମମ

ଘନ ଆକାଶ
ନୀଳ ସାଗର
ଯାଇଛେ ଜିଣି
ପ୍ରେମର ପକ୍ଷୀ
କରିଛେ ଅତିକ୍ରମ ।

ତଥାପି ଏଇ
ମରତ ଭୂଇଁ
ଆମରି ପାଇଁ
କାହାଣୀ ହୋଇ
ରହିଛି ଚାରିଯୁଗ
ଆମେ ଯେ ତା'ର
ଗୋଟିଏ ସ୍ୱର
ସୁଗମ ଗୀତ
ଦୁଇ ମନର
ମିଳିତ ଅନୁରାଗ ।

♥ ଅଶ୍ରୁନୀଡ଼, ମଙ୍ଗରାଜପୁର
କୁଜଙ୍ଗ, ଜିଲ୍ଲା-ଜଗତ୍‌ସିଂହପୁର- ୭୫୪୧୪୧
ଫୋନ : ୯୪୩୭୧୬୩୪୨୧



▶ ପୀତାମ୍ବର ତରାଇ

# ମଣିଷକୁ ଭଲ ନପାଇ ଚାରା ନାହିଁ ଆମର

## ପୂରବୀ ଶତପଥୀ


ଚିତ୍ର : ତୃପ୍ତି ଉତ୍ତମ ଆଁ

କୋଉଠି ଆଲୁଅ ନାହିଁ ଯେ !
ସିନ୍ଦୂରା, ସକାଳ, ବେଳା, ଗୋଧୂଳି, ସନ୍ଧ୍ୟା,
ଅଧରାତି ହେଉ କି ଭୋର୍,
କୋଉଠି ନାହିଁ ଆଲୁଅ ?
ହେ ମଣିଷ ମାନେ !
କହ କହିଦିଅ ।

ଗୋଟେ ଆଲୁଅକୁ ମୁହଁ କରି ଠିଆ ହୋଇଥିବା
ଦିଗ୍‌ବଳୟର ଠିକ୍ ଆରପାଖେ,
ଆଉ ଗୋଟେ ଦିଗ୍‌ବଳୟରେ;
ଧୀରେ ହେଉ ବା ମୁଠାଏ
ଆଉ ଏକ ଆଲୁଅ ହିଁ ଥାଏ ।

ଆଉ ଜାଣ ! କାଳରାତି କୋଉଟା ?
ଫଜେରା ଫାଟିବା ସହ ଏକାଠି
ଯେଉଁ ରାତି ଉଇଁ ଆସେ: ସେଇଟା ସେଇ ରାତି ।

କିଛି ରାତିର ଆଲୁଅ
ତୁମ ମୁହଁର ସ୍ମିତହସ ସହ
ତାଳ ଦେଇ ଝୁଲି ଝୁଲି ଆସେ
ଆଉ କିଛି ରାତିର ଆଲୁଅ
ଆମେ ଶୋଇଗଲା ପରେ ଆସେ, ଆମକୁ ନିରେଖି ଦେଖିବାକୁ ।
ପହରାଦାର୍ ଭଳି ଟହଲ ମାରେ ଏପାଖୁ ସେପାଖ ।
ଆଉ ଗୋଟେ ଆଲୁଅ ନଆସିବା ଯାଏଁ ।

ତୁମେ ଦେଖିଚ ! କି ନଦେଖିଚ ! ମୁଁ ଜାଣେନି ।
କେବେ କିନ୍ତୁ ଯଦି ତମକୁ ମନହୁଏ
ଶୋଇବାଘର ବତୀ ଲିଭିଥିବା ବେଳେ,
ଧଉଳିଗିରିର ସବା ଉଚ୍ଚ ବତୀଟି ଜଳୁଥିବା ବେଳେ,
ତୁମେ ଅଦେଖା, ଅଜଣା ଆଲୋକକୁ
ନିଘା କରିବାକୁ
ଚୁପ୍‌ଚାପ୍ ଉଠି ଆସିବ ବାହାରକୁ;
ଖୋଲା ପାଦରେ ବିନା ସ୍ୱେଟର୍‌ରେ ।

ଦେଖିବ, ସବୁଠି
କେହି ନା କେହି ଉପରକୁ ଚାହିଁ ରହିଚି,
ସେଇ ଆଲୋକକୁ ଭୋଗୁଚି ।
ବିଷକୁ ମନ୍ତୁରି ଦେଇ ସୁଧା ପାନ କରୁଛି ।
ତମେ ବି ସେ ସୁଧା ପାନ କରିପାର !
ତମକୁ ମନା ନାହିଁ;
କାହାକୁ ବି ମନା ନାହିଁ, କେବେ ବି ।
ଗୋଟେ ଅନ୍ଧାରର କଳାଜାଇ ନାଇ,
ଜୀବନ ରତୁଟେ ହସିପାରେ ଏବେ ବି ।

ବେଖାତିର୍ କରି ସବୁ ସଖ୍ୟ ସରି ଯୁଦ୍ଧ ବିଗ୍ରହକୁ,
ପାପ, ପୁଣ୍ୟ, ଈର୍ଷା, ଘୃଣା, ପ୍ରେମ, ଅପ୍ରେମକୁ,
ମଣିଷକୁ ଭଲ ନପାଇ ଚାରା ନାହିଁ ଆମର
ଏଇ ମର୍ତ୍ତ୍ୟ ମଣ୍ଡଳରେ ।


ଛବି ପୂରବୀ ଶତପଥୀ

ସୃଷ୍ଟି ରେସିଡେନ୍‌ସି ଆପାର୍ଟମେଣ୍ଟ, ଭୁବନେଶ୍ୱର-୭୫୧୦୦୨
ଫୋନ: ୮୮୪୭୮୨୫୬୮୮



▲ ଚିତ୍ର : ଶିଳ୍ପୀ ଅନୁପ୍ରିୟା

# ସମୟ

## ନିରାକାର ଦାସ

ଆସ ଦେଖ ସନ୍ଥମାନେ
ସମୟ କେମିତି ସାଉଁଟୁଛି ଝଡ଼ି ପଡ଼ିଥିବା
ସଂପର୍କର ଶୁଖିଲା ପତ୍ରକୁ ।
ଯୋଡ଼ି ଚାଲିଛି ଫାଟି ଯାଇଥିବା ମୂଲ୍ୟବୋଧର
ମାଟିକାନ୍ଥକୁ ।
ସିଲେଇ କରି ଚାଲିଛି
ଚିରି ଯାଇଥିବା ଚଉସ୍ତରୀ ବର୍ଷର ପୁରୁଣା
ଗଣତନ୍ତ୍ରର ଚିରା ଚାଦରକୁ ।
ଟେକି ଧରିଛି କେମିତି
ଭୁଷୁଡ଼ି ପଡୁଥିବା କର୍ତ୍ତବ୍ୟର କୋଣାର୍କ କାନ୍ଥକୁ,
ତୁଟି ଯାଉଥିବା ତାଜମହଲ ତାଜାକୁ ।
ପୋତି ଚାଲିଛି କେମିତି ଉପୁଡ଼ି ପଡୁଥିବା
ଆମ ବିବେକର ମାଇଲଖୁଣ୍ଟକୁ ।

ଏଠି ସମୟକୁ ଦେଖ
ଅନ୍ଧବିଶ୍ୱାସର ଈଶ୍ୱରମାନଙ୍କ ଅଭିଷେକ ଦେଖି
ଦଉଡୁଛି କେମିତି
ସମୁଦ୍ରରେ ବୁଡ଼ ମାରିବାକୁ ।
ପ୍ରତାରଣାର ପଣ୍ଡିତମାନଙ୍କ ପୂଜ୍ୟପୂଜାର ପ୍ରବଚନ ଶୁଣି
ସମୟ କେମିତି ପଥର ଖୋଜୁଛି
ମୁଣ୍ଡ ପିଟିବାକୁ ।

ହେଇ ଦେଖ !
ତା ରାମ ରାଜ୍ୟର ସ୍ୱପ୍ନ ଉଜୁଡ଼ି ଗଲା ବୋଲି



ଏଠି ସେଠି ମୁଣ୍ଡ ପିଟୁଛି,
କାନ୍ଦି ଗଡୁଛି ରାସ୍ତାରେ-ଘାଟରେ ।
ତା ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ମାଟିରେ
ମାଡ଼ି ଯାଇଥିବା ମହାମାରୀକୁ ଦେଖି
ଭିଜି ଯାଉଛି କେମିତି ତା କାନି
ଆଖି ଲୁହରେ ।

ତୁମେ ଏମିତି ନିରବି ଗଲେ,
ସମୟ କାନ୍ଦିବ ଶୋଇ ଶୋଇ ଛିଣ୍ଡାକରତାରେ,
ଜୀବନ କାନ୍ଧେଇ ଚାଲିବ ଜୀବନର ଶବ
ଶ୍ମଶାନଘାଟରେ ।

କାଲି ପରି ଆଜି ତୁମେ ଛାତି ପତେଇ ଦିଅ
ଅନ୍ୟାୟର ସବୁ ଅଙ୍ଗକୁ କାଟି ସଫା କରି ଦିଅ
ମିଶେଇ ଦିଅ ସବୁ ଶୋଷଣ, କଷଣ, ଯନ୍ତ୍ରଣାର ଜଉଗୃହକୁ ମାଟିରେ,
ସମୟକୁ ଚାଲିବାକୁ ଦିଅ ସୁଖରେ-ଶାନ୍ତିରେ ।

♥ ଜେ/୨, ରେଳକୁଞ୍ଜ, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର-୭୫୧୦୧୭, ଫୋନ:୮୪୫୫୮୮୫୦୧୩



ଚିତ୍ର : ଶିଳ୍ପୀ ସମିତା ପାଣିଗ୍ରାହୀ

# ସର୍ପାରୋହଣ

## ଜଳଧର ସ୍ୱାଇଁ

ଘାଟି ରାସ୍ତା ଦେଇ ପାହାଡ଼ ଚଢୁଥିବା
ଲୋକଙ୍କ ମଧ୍ୟରୁ କିଛି
ପହଂଚି ସାରିଥିଲେ ଶୀର୍ଷରେ
ହଂସା ଉଡ଼ି ଯାଉଥିବା
ଆଉ କିଛି ଲୋକ ଥିଲେ
ବୁଂଦେ ଜଳ ଅପେକ୍ଷାରେ ।

ଅଚାନକ ଅସରାଏ ବର୍ଷା
ଖେଳେଇ ଦେଲା ଚମକ
ପବନକୁ ଗଣ୍ଠି ପକେଇ କାନି ପଣତରେ
କିଏ ଗୀତ ଗାଇଲା ତ !
ଆଉ କିଏ ଗଣିଲା ନକ୍ଷତ୍ର ।

କାହାର ମେଣ୍ଟିଲା ତୃଷା
କାହାର ଖସିଲା ଗୋଡ଼
ଘାଟି ତଳ ଜଙ୍ଗଲର କଣ୍ଟା
କରତିଲା ଛାତି
ଆଉ କିଏ ସର୍ପାରୋହଣର
ଅପୂର୍ବ ସୁଯୋଗ ପାଇ
ଆବୋରିଲା ଜଙ୍ଗଲ ଓ ବସ୍ତି ।

ଅସରାଏ ଅସରାଏ ବର୍ଷା
ବଦଳେଇ ଦେଇପାରେ
ଗତିପଥ ନକ୍‌ସା
ବଦଳେଇ ଦେଇପାରେ ପାଗ
ଏଇମାତ୍ର ଜାଣିବାର
ପାଇଲି ସୁଯୋଗ ।

ଘାଟି ତଳେ ହେତାବାଘ
ଅହିରାଜ ଭାଲୁଙ୍କ ଆତଙ୍କରାଜ
ଭୁଲି ଯାଇଥିଲା ଗୋଡ଼ ଖସଡ଼ି
ପଡ଼ି ଯାଇଥିବା ଲୋକ
ପାଶୋରି ବି ଦେଇଥିଲା
ପାହାଡ଼ ଶୀର୍ଷରେ ଥିବା
ଲୋକଙ୍କ ଅସ୍ତିତ୍ୱ ।

ସାମ୍ନା କରୁ କରୁ ଆପଣାର
ପରାହତ ପଣ
ଦେଖୁଥିଲା ମୁହୁର୍ମୁହୁ
ରଙ୍ଗ ବଦଳାଉଥିବା ଆକାଶର ଦୃଶ୍ୟ
ସାପ ପିଠିରେ ସବାର ହୋଇ
ଯେଉଁମାନେ ଘୁରି ବୁଲୁଥିଲେ
ବସ୍ତିରୁ ବନସ୍ତ
ଅନୁଭବକୁ ଆସି ଯାଉଥିଲା
ଆକାଶ ଆକାଶ ପରି ଲାଗୁଥିବା
ସେମାନଙ୍କ ଦୁର୍ବୋଧ ବ୍ୟକ୍ତିତ୍ୱ ।

ଶୀର୍ଷରେ ଶାଗୁଣା ଦୃଷ୍ଟି
ବସ୍ତିରେ ସର୍ପାରୋହଣ
ଆକୀର୍ଣ୍ଣ ଆକୃତି
ଝାଂପି ନେବା ଖୁଂପି ଖାଇବା
ବିକଳପଣ
ବତେଇ ବି ଦେଉଥିଲା
ସତ୍ୟ ବି କେମିତି ହୁଏ
ଅସତ୍ୟର ରୂପାନ୍ତର
ଯେମିତି ଖୁଦକଣା ପାରା
ଯୋଜନାର ବୁଡ଼ିଆଣି ଜାଲ
କଂକ୍ରିଟ୍ ଜଙ୍ଗଲ
ମେଘଧୁଆ ଖରା ।

ପୂଜାରୀପୁଟ ରୋଡ଼, କୋରାପୁଟ-୭୬୪୦୨୦
ଫୋନ: ୯୮୬୧୫୫୩୫୩୯



ଫଟୋ ଉତ୍ସବ ଷ୍ଟୁଡ଼ିଓ

# ଜଳେ ବସି ମୁହିଁ ହସକୁ ମାପିଲି

ହଂସନାଥ ମୁଦୁଲି

ଜଳେ ବସି ମୁହିଁ
ହସକୁ ମାପିଲି
ଲୁହବୁନ୍ଦା ତଉଲରେ
ଲୁହ ଭିଜା ଓଠ
ହସକୁ ଭିଜାଏ
ବୁଝିଗଲି ଏକାଥରେ ।

ହସ ଧାର ସିନା
ଫୁଲ ହୋଇ ଫୁଟେ
ଓଠ ବଗିଚା ଭିତରେ
ସେଇ ହସଫୁଲ
ଭିଜାଭିଜା ଲାଗେ
ଲୁହ କାକରର ଧାରେ
ସଭିଏଁ ଦେଖାନ୍ତି
ଉପରକୁ ହସ
ଅନ୍ତର ଭିଜେ ଲୁହରେ
ବୁଝିଗଲି ଏକାଥରେ ॥ ୧ ॥



▲ ଚିତ୍ର : ଶିଳ୍ପୀ ଅମୂଲ୍ୟ ସିକନ୍ଦର



◄ ଡ଼ ହଂସନାଥ ମୁଦୁଲି

କେବେ ବା କେମିତି
କିଏ ନିଜ କଥା
କହିଦିଏ ମନ ଖୋଲି
ଦୁଃଖର ନଈରେ
ଭାସିଗଲା ବେଳେ
ଜମା ତ ପାରେନା ଫେରି
ଏମିତି ବେଳାରେ
ଜାବୁଡ଼ି ଧରେ ମୁଁ
ହସକୁ ଲୁହ ସାଥିରେ
ବୁଝିଗଲି ଏକାଥରେ ।

♥ ଖଣ୍ଡଗିରି, ଡୁମଡୁମା-୧,
ଭୁବନେଶ୍ୱର-୭୫୧୦୩୦
ଫୋନ: ୯୭୭୭୯୬୮୭୧୯

# ମୋ ଦେହ ମୋ ଦେଶ

ଉତ୍ପଳ ମହାନ୍ତି

ଖରାଦିନେ ମୋ ଦେହ ସାରା ଝାଳମାଛି
ସାନ ଭଉଣୀକୁ କହେ ତାକୁ ମାରିବାକୁ
ଏକ୍ ଦୁଇ ତିନି ଏପରି ନବେ
ସେ ମାରି ଚାଲେ
ଗୋଟିଏ ଟଙ୍କାକିଆ କଏନ୍‌ରେ ସେ ପାଏ
ପରମବୀର ଚକ୍ରର ଉପାଧି ମୋ ଠୁ ।

ସେଫ୍ଟିପିନ୍ ସାହାଯ୍ୟରେ ଶତ ଚେଷ୍ଟା ପରେ ବି
ପାଦରେ ପଶିଥିବା କଣ୍ଟା ବାହାରେନି
ହୋମିଓପାଥିର ତିନୋଟି ବୁନ୍ଦାର ବିଦେଶନୀତି
ପାଦକୁ ପଚାଇ ଲୁହାକଣ୍ଟା ବାହାରି ଯାଏ ।


କ୍ୟାଲୋରି ମାପି ଖାଦ୍ୟ ଖାଉ ଖାଉ
ଭିଟାମିନ୍ ଅଭାବ, ରକ୍ତହୀନତା
ପୁଣି ଔଷଧ ଆଉ ଡାକ୍ତର ଖର୍ଚ୍ଚ
ମୋ ଅର୍ଥନୀତି ପ୍ରଭାବିତ ।

ଏବେ ମୁଁ କର୍କଟ ରୋଗରେ
କେଶ ସବୁ ନଷ୍ଟ ହେଉ ପଛେ
କେମୋର ସାହାଯ୍ୟ ବଂଚିବା ପାଇଁ
ଦେହ ଦୁର୍ବଳ
ବାୟୋପ୍‌ସିରେ ପୁଣି ପଜିଟିଭ୍
ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ବଳି ଦେଇ
ଅପରେସନ୍‌ରେ ମୋ ଜିଭ ମୋ ଠୁ ଅଲଗା
ମୁଁ ବାକ୍‌ଶୂନ୍ୟ
ମୋ ଦେହ ମୋ ଦେଶ ।

♥ 'ସଂକେତ', ବିବେକାନନ୍ଦମାର୍ଗ, ବାଲେଶ୍ୱର-
୭୫୬୦୦୧, ଫୋନ: ୯୮୬୧୩୫୧୬୬୬



▶ ଡ଼ ଉତ୍ପଳ ମହାନ୍ତି



▲ଚିତ୍ର : ଶ୍ରୀଜୀ ଓଡ଼ିଆ ଦେଓ

# ଦେଶ : ଏକ ପବିତ୍ର ପ୍ରବାହ

## ଚିନ୍ମୟ ବିବେକ

ହଁ, ଦେଶ ଥିଲା
ଅଛି ଓ ରହିବ କାଳେକାଳେ ।

ଦେଶ ବୋଇଲେ କ'ଣ ?
ଠିଆ କରେ ଅନେକ ଅସମାହିତ ପ୍ରଶ୍ନ
ସେ କିଏ ଗାନ୍ଧିଜୀ, ନେହେରୁ, ନେତାଜୀ
ମନୁ, ପରାଶର ଭୃଗୁ
ମାରିଚୀ, ବଶିଷ୍ଠ, ବାଲ୍ମିକୀ
ଗୌତମବୁଦ୍ଧ, ଅଶୋକ, ନାନକ
ସେ କ'ଣ ଯୁଗ ଯୁଗ ଧରି ପ୍ରବହମାନ
ଗଙ୍ଗା, ଯମୁନା, ସରସ୍ୱତୀ
ପ୍ରାଚୀ ବ୍ରହ୍ମପୁତ୍ର କୃଷ୍ଣା
ନର୍ମଦା, ସିନ୍ଧୁ, କାବେରୀ
ସେ କ'ଣ ଅଟକି ଯାଇଚି କାହା ଶାସନ ଦଣ୍ଡରେ
ନାଁ ଅଟକି ଯାଇଚି ସମୟ ତା' ପାଖରେ
ସମୁଦ୍ରଗୁପ୍ତ, ଆକବର, ଶାହାଜାହାନ
ଧନ୍ୟ ମାଣିକ, ଶୁକାମ୍ଭା, ମହାରଣା ପ୍ରତାପ
ରାଣୀ ଲକ୍ଷ୍ମୀବାଈ, ମହାରାଜା ଶିବାଜୀ ଆହୁରି ଅନେକ
ବୀରତ୍ୱ ଓ ବିଭବର ଏକ ଏକ ଐରାବତ – ଇତିହାସ ସାକ୍ଷୀ ।

ସେ କ'ଣ ବେଦ, ଉପନିଷଦ, ରାମାୟଣ, ମହାଭାରତ
କୋରାନ, ବାଇବେଲ, ଗୀତା, ଭାଗବତ
ଶିବସଂହିତା, ବ୍ରହ୍ମସୂତ୍ର
ସେ କ'ଣ ହିନ୍ଦୁ, ସନାତନୀ, ବୁଦ୍ଧଜୈନ ଖ୍ରୀଷ୍ଟିଆନ
ସେ କିଏ, କେଉଁଠି ତା'ର ଆତଯାତ
ଆଖି ପାଉନି ଅନେଇଲେ
କଳି ହେଉନି ତାର ପ୍ରକାଣ୍ଡ ରୂପ
ଲେଶମାତ୍ର ଯାହା ଦିଶୁଚି
ସମୁଦ୍ର କୂଳର ତାହା ବାଲିରେଣୁ ବିଶେଷ ।

ମହାନଦୀର ମହାସ୍ରୋତ ପ୍ରାୟେ
ଗଡ଼ି ଚାଲିଚି ଦେଶ
ସେ ଅଟକେ ନାହିଁ କାହା ଇଚ୍ଛାରେ କାହା ପାଖରେ
ବରଂ କ୍ଷଣେ ଅଟକି ଯାଇ ପୁଚ୍ଛା କରେ
ଏ କ୍ଷୁଦ୍ର ଜୀବନ ଅସମର୍ଥ
ଦେଖିପିବାକୁ ତାର ରୂପକାନ୍ତି ମହିମା ଓ ମହକ
କାହାର ପ୍ରଶଂସା କି ତାଚ୍ଛଲ୍ୟରେ, ଖଣ୍ଡା କି ବନ୍ଧୁକରେ
ମଳିନ ହୁଏନି ତା'ର ଅନ୍ତଃସ୍ରୋତ
ବାଞ୍ଛା କରେ, କ୍ଷୟମାଣ ଜୀବନର ଜୀର୍ଣ୍ଣ ସ୍ରୋତ
ମିଶିଯାଉ ସେ ପବିତ୍ର ଧାରେ ।

♥ ପଲ୍ଲୀ, ବାଲିପୁଟ, ପୁରୀ-୭୫୨୦୪୫
ଫୋନ:୯୪୩୭୨୮୫୬୨୩



▲ଫଟୋ ଉତ୍ସ ଲେଖକ

# ମେଘ

## ଯାଦବେନ୍ଦ୍ର ସାହା

ଏଥର ଆସ
ଟିକେ ବୁଲି ଆସିବା ଗାଁ ଛକ ଆଡୁ ।
ଆଜିକାଲି ଛକସାରା
ନାହିଁ ନଥିବା ଲୋକଙ୍କ ଭିଡ଼ା
ଗୋଟାପଣେ ଅଣନିଃଶ୍ୱାସୀ ହୋଇ ଉଠେ
ଜିଇଁବାର ଛୋଟ-ଛୋଟ ଆଶା ଓ ବିଶ୍ୱାସ ।

ଦେଖ ହୋ !
କେଡ଼େ ଅନ୍ୟମନସ୍କ ଏଇ ଜୀବନଟା
ଅଦିନିଆ ବର୍ଷାଦିନ ପରି ।

ଯେମିତି,
କୋଉଠି କିଛି ନାହିଁ
ଆଉ ଆଖି ପିଛୁଳାକେ ଦେଖୁ-ଦେଖୁ ଆକାଶ ସାରା
ମେଘମାନଙ୍କର ଫାଜିଲ୍‌ପଣ ।

ଗାଁ ଛକର ଯେଉଁ ଦୋକାନୀ ବାଲା କେମ୍ପା ବୁଢ଼ା



▶ ଚିତ୍ର : ଶ୍ରୀ ସୌମ୍ୟା ସାହୁ

କେବେଠୁ ଉଠି ସାରିଲାଣି
କେବେ କାହାକୁ ଆଶ୍ରା ଦେଇ ପାରୁ ନଥିବା
ଥୁଣ୍ଟା ଗଛତଳକୁ ।

ଗଲାକାଲି ସାରାରାତି
ମେଘମାନଙ୍କର ବିକଟାଳ ଚିତ୍କାର
ଆଉ ଆଖି ଦେଖି ପାରୁ ନଥିବା
ବର୍ଷାର ଅଲାଜୁକିଆ ନାଚ ।

ସତରେ କେତେ
ବିଚିତ୍ର ବୀଭତ୍ସ ନଥିଲା
ମୋ ଅସଜଡ଼ା ଚୁକୁରା-ଚୁକୁରା ସ୍ୱପ୍ନସବୁକୁ
ସାଇତି କରି ତିଆରି କରିଥିବା ବସାଟିର
ସର୍ବନାଶ ଦୃଶ୍ୟ ।

ଆଃ !
ପୁଣି ଥରେ ପଥହୀନ
ମୋ ଭବିଷ୍ୟତ ପଥ ।

ମେଘ
ଓଃ !
ସେ କଳା ମଚ୍ ମଚ୍ ଘୁମନ୍ତ ମେଘ
କାହା ପାଇଁ କେମିତି କେଜାଣି
ମୋ ପାଇଁ ଏଇ ଏବେ ଏବେ
ଅଙ୍ଗେ ନିଭେଇଥିବା
ଗୋଟେ ମସ୍ତବଡ଼ ଅଭିଶାପ ।



▶ ଫଟୋ : ଯାଦବେନ୍ଦ୍ର ସାହା

♥ ବୋରିଙ୍ଗପଦର, କେସିଂଗା, କଳାହାଣ୍ଡି
ଫୋନ:୯୯୩୮୭୧୧୭୦୫

# ସ୍ୱାଧୀନତା : ଧଳାରଙ୍ଗ

**କମଳାକୃଷ୍ଣ ତ୍ରିପାଠୀ**



▶ ଚିତ୍ର : ଉଷାମୀ

ମୁଠାଏ ଧଳାରଙ୍ଗ ଖସି ଆସିଛି
ପତାକାରୁ ।

ଭାବୁଥିଲି,
ଶାନ୍ତିର ପାଦରେ ଘୁଙ୍ଗୁର ବନ୍ଧା ହେବ ।
ଝମ୍‌ଝାମ୍ ଶବ୍ଦରେ ବିଭୋର ହେଇ
ନୃତ୍ୟ ରଚିବ ଦେଶ ମହାଦେଶ ।

ପାପୁଲି ପରି ମାନଚିତ୍ର ଉପରେ
ଆଉ ରେଖାଙ୍କିତ ହେଇ ନଥିବ
ଅଙ୍ଗାରର ବକ୍ର ମାନସିକତା ।
ପାଂଚ ଆଙ୍ଗୁଠି ଗୋଟିଏ ମୁଠାରେ
ଟାଣି ଧରିବେ ଧଳା ଫିତା,
ଗୋଟିଏ କଣ୍ଠରେ ଶୁଭିବ :
ଜନ ଗଣ ମନ, ଭାଗ୍ୟ ବିଧାତା ।

ଏଥର ଧୋବ ଫରଫର ରଙ୍ଗ ଦେଖିଲେ
ମାଡି ଆସୁଛି କଳା ଜରଜର ଅନ୍ଧାର ।
ଖଦଡ ପିନ୍ଧି ହାତ ଗୋଡରେ ବେଡି ପକାଇ
ଇତିହାସର ଚିତ୍ରରେ ଚିତ୍ରିତ ତ୍ରିରଂଗା
କେବଳ ଆଚ୍ଛନ୍ନ କରୁଛି
ଆଖିକୁ ଆବେଗକୁ ଅନ୍ତରାତ୍ମାକୁ !



▶ ଡ଼ କମଳାକୃଷ୍ଣ ତ୍ରିପାଠୀ

ଏମିତି ହିଁ ଦଳେ
ସୁଆଦିଆ ଖାଦ୍ୟ ପାଇଁ
ସଜାଗ ରଖିଥିବେ ଜିଭକୁ,
ଏମିତି ହିଁ ଶୁଖିଲା ପତାକା ପରି
ଫଡ୍‌ଫାଡ୍ ହେଉଥିବ
ଛାତି ତଳର ଅବ୍‌ସୋସ୍ ।
ମୁଠାକୁ ମୁଠା ମାଟି କାମୁଡି
ହାତ ପ୍ରସାରିଥିବ ଆକାଶେ ଶୂନ୍ୟତାକୁ ।

ଏମିତି ହିଁ ମହାକାଳର ପିଠିରେ ଆଉଜି
ଯାତ୍ରା କରୁଥିବ ମୁକ୍ତିର ମହାଦ୍ୱାରକୁ ।
ନା ନା କାହା କାହାର
ଭୋକିଲା ଡଙ୍ଗାରେ ବସି
ଆଉ ନିଜର ଅସ୍ତିତ୍ୱ ଜୀର୍ଣ୍ଣ ପାଇଁ ଅପେକ୍ଷା
କରିଥିବ ଭିନ୍ନ ଏକ ପରାଧୀନ ଜଠରକୁ ।

♥ 'ସର୍ଜନାଳୟ', ଲିଙ୍କ୍ ରୋଡ୍, ୨ୟ ଗଳି
ଜୟପୁର, କୋରାପୁଟ, ଫୋନ: ୯୯୩୭୦୧୪୮୬୩

# ପାଳଭୂତ
## ସୁଶାନ୍ତ କୁମାର ନାୟକ

ଲମ୍ବିଚି ରାସ୍ତା
ରାସ୍ତାର ଦୁଇପାଖେ
ଶସ୍ୟ ଶ୍ୟାମଳା କ୍ଷେତ
କ୍ଷେତକୁ ଜଗିଛି ପାଳଭୂତ ।

ରାସ୍ତା ଦାଡ଼ ବରଗଛ ଛାଇରେ
ଶୋଇଚି
ବିଶ୍ୱାସର କ୍ଳାନ୍ତ ପଥିକ ।

ଆକାଶରେ ଫୁଟିଚି
ତାରାଙ୍କ ଫୁଲ
ଫୁଲ କିଆରିରେ
ଜଳଜଳ ଦିଶୁଚି
ଦର୍ପଣର ମୁହଁ ।

ପୋଖରିରେ
ପହଁରୁଚି ମାଛ
ମାଛ ଦେହରେ ବଢୁଚି
ଅସମାପ୍ତ ଯୋଜନାର
ଇସ୍ତାହାର ।

ଧାନ କିଆରିରେ
ଶୋଇଚି
ରାତିର ସ୍ୱପ୍ନ ।

ଅଂଧାର ଓ
ଆଲୁଅର
ମଝି ଦାଣ୍ଡରେ
ଦିକ୍ ଦିକ୍ ଜଳୁଛି
ପ୍ରତିଶ୍ରୁତିର ବତୀଖୁଣ୍ଟ ।

ମଝି ରାସ୍ତାରେ ଅଟକିଚି
ଯେତେସବୁ
ସମ୍ଭାବନାର ସ୍ୱର ।

ପୂର୍ବପୁରୁଷଙ୍କ ସାନ୍ନିଧ୍ୟରେ
ଚେଇଁ ଉଠୁଚି ରାସ୍ତା
କାଦୁଅରୁ ଗୋଡ଼ଗାଡ଼ି
ପରିତ୍ୟକ୍ତ ଘରକୁ
ଫେରୁଛି ଜହ୍ନ ।



▲ ଚିତ୍ର : ଶିଳ୍ପୀ ସସ୍ମିତା ସାହୁ

ଚଢ଼େଇଙ୍କର କିଚିରି ମିଚିରି ଶବ୍ଦରେ
ପାଳଭୂତ ଦେଖୁଚି
ପଙ୍ଗପାଳ ଦଳ
ଫସଲ ଉଜାଡ଼ିବାର ଦୃଶ୍ୟ ।

♥ ପଞ୍ଚବଟୀ ନଗର, ୨ୟ ଲେନ୍,
ରାୟଗଡ଼-୭୬୫୦୦୧
ଫୋନ:୯୪୩୭୧୧୮୮୨୨



# ଗାଆଁ ଗୀତ

## ସୁନୀଲ ମିଶ୍ର



ଚିତ୍ର : ଶିଳ୍ପୀ ସସ୍ମିତା ସାହୁ

ଇଠୁ
ଆଉ ଅଳପ ବାଟ
ସେ ଗାଆଁ ।

ଗାଁ ନୁହେଁ ତ
ଗୋଟେ କଅଁଳ ଅପେକ୍ଷା ;
ନିରୀହ ଆଖିଯୋଡ଼କର
ନିରୋଳା ଡାକ ;
ହଳେ ଥରିଲା ଓଠର
ଲାଜ ଛୁଇଁ ଝରି ପଡ଼ିଥିବା
ଟିକିଏ ଅଭିମାନ ;
ଗାଁ ନୁହେଁ ତ
ଗୋଟେ ତୃଷ୍ଣାବତୀ ତିଥିର
ତରଳପଣରେ
ନଈ ହେଇ ବହି ଯାଉଥିବା
ଗୋଟେ ଛଳ ଛଳ ମନ ।

ଯୋଉ ଦିନ
ଉଡ଼ାଣ ବୁଝୁ ବୁଝୁ
ଚିଠି ପାଲଟିଗଲା ମେଘ,
ଯୋଉ ଦିନ
ଶିହରଣ ସାଉଁଟୁ ସାଉଁଟୁ
କବିତା ପାଲଟିଗଲା କଦଂବ,
ଯୋଉ ଦିନ
ସ୍ୱପ୍ନର ସାମିଆନାରେ
ତାରା ଗୁଂଥୁ ଗୁଂଥୁ
ଓଢ଼ଣୀ ପାଲଟିଗଲା ଆକାଶ,
ସେଇ ଦିନଠୁ
ସେ ଗାଆଁର ଆଖିରେ
ଆଖିଏ ଅନୁରାଗ
ଛୁଆଁରେ ଆବେଗ
ପାଉଁଜିରେ ଉଥଳ ନଈଗୀତ
ଆଉ ବେଣୀରେ ବସଂତ ।

ସେଠି ପାଦ ଦେଲା ମାତ୍ରେ
ଖୁ ସରାଗରେ ଡାକିନେବ
ନହକା ଡାଳରୁ
ମୋତେ ଛୁଁ ମୁଦ୍ରାରେ
ନଇଁ ପଡ଼ିଥିବା ଫୁଲ,
ଚାହାଣିର ଚାଳ ତଳେ
ଚୁପି ଚୁପି ନୁଆଣି ସ୍ୱାଗତ,
ସୋହାଗର ସବୁଜିମା ଘେରରେ
ଚଂପାଫୁଲିଆ
ହଳଦୀବସଂତର ଛଟକ,
ଆଉ କାମନାର କଂସାଥାଳିରେ
ଥାଳିଏ ତବତ ଭାତର ଭୋକ ।
ଯିବା ?

ଫେରିଲା ବେଳକୁ କିଏ
ପାପୁଲିରେ ଭରି ଦେଉଥିବ
ଲୁହଭିଜା ନିବିଡ଼ତାର
ଆଂଜୁଳାଏ ଗୀତ,
ସୁଂଥାଏ ସଧବା ବିଶ୍ୱାସର
ସଜ ସକାଳ,
ଆଉ ଦେହର ଦୀପରେ
ସେ ଯାଏଁ ଜଳୁଥିବା
ଗୋଟେ ନହୁଲି ନିଆଁର
ଅନିର୍ବାଣ ଇହକାଳ ।

ଆଣିବା ?
ନା, ଅଟକିଯିବା ?

କାହାଳିଆ, ରାଜ ନୀଳଗିରି, ବାଲେଶ୍ୱର
ଫୋନ : ୯୭୭୭୨୩୩୫୬୬



କବି ସୁନୀଲ ମିଶ୍ର



ଚିତ୍ର : ଶିଳ୍ପୀ ନିତ୍ୟାନନ୍ଦ ସାହୁ

# ଭେଟିଥିଲେ ଭଲ ହେଇଥାନ୍ତା

## ରବି କୁମାର ମହାନ୍ତି

ସେଦିନ ଫେରିବା ବେଳେ
ତମ ସହ ଭେଟ ହେଲାନି ମୋର
ତ୍ରସ୍ତ ଆଖି ଦିଓଟି
ଦରାଣ୍ଡୁଥିଲା
ବଣ ଖମଣ, କଦମ୍ବ ମୂଳ
ଆମ୍ବ ତୋଟା, ଯମୁନା କୂଳ
ଲତା ଗହଳ
ଝପର ଝପର ବର୍ଷାରେ ଓଦା ହୋଇଯାଇଥିବା
କୁଞ୍ଜ ତଳ
କାହିଁ କେଉଁଠି ବି ତମେ ନଥିଲ
ଯଦିଓ ଆମେ ଦୁହେଁ
ମୁହାଁ ମୁହିଁ ହେଉଥିଲେ ପ୍ରତିକ୍ଷଣ
ଗୋଟେ ନିର୍ଦ୍ଦିଷ୍ଟ ବିନ୍ଦୁରେ

ଏକା କ୍ଷତର ମଧୁର ମୂର୍ଚ୍ଛନା
ବ୍ୟଥାର ସମାନ ସମ୍ମୋହନ
ଭୋଗୁଥିଲେ ପ୍ରତିଟି କୋଷରେ
ଆମେ ଆପୋଷରେ ଉଦରସ୍ଥ
କରିଥିଲେ କେତେଥର
ଦରପୋଡ଼ା ବିରହ ସବୁକୁ
ଯିଏ ଜଳୁଥିଲା
ଆମ ଅପରିପକ୍ୱ ପ୍ରେମର ଧାସରେ ।


ଭେଟି ଥିଲି ବି ଅନେକ ରାତିରେ
ତୁମକୁ ମୁଁ
ଗୋଛା ଗୋଛା ଅନ୍ଧାରର
ଶିରାଳ ଛକିରେ
ଖୁବ୍ ଓଜନିଆ ଅଥଚ କୋମଳ
କାକର ଟୋପା
ବୋଳି ଦେଇଛି ତୁମ ଚିବୁକର
ଅଥଳ ଗଣ୍ଡରେ
କେତେ ମେଘୁଆ ସଂଜରେ
କେତେ ଥର ମିଶେଇଛି
ଛାଇକୁ ତମ ଚେତନାର
କେଉଁ ଭିଜା ପରସ୍ତରେ

ତଥାପି ତ ଆମର
ସେଦିନ ଦେଖା ହେବାର ଥିଲେ
ତମେ ପିନ୍ଧେଇ ଦେଇଥାଆନ୍ତ
କପାଳରେ ସନ୍ନ୍ୟାସୀର ଚିତା
ଧରେଇ ଦେଇଥାଆନ୍ତ କମଣ୍ଡଳୁ
ଏକ ହାତରେ ବଂଶୀ
ଅନ୍ୟ ହାତରେ ମୋର ଥାଆନ୍ତା
ମୋ କମଣ୍ଡଳୁରେ
ସାତ ସିନ୍ଧୁର ପାଣି-
ତମ ପ୍ରତିଟି ଅଭିଶାପର ଆସ୍ୱର୍ଦ୍ଧା
ଚିରକାଳ ବିରହର ଆସ୍ପୃହାରେ ଦେଇଥାନ୍ତା,
ଥାଇ ନଥିବାର ଛୁଇଁ ନଛୁଇଁବାର
ପାଇ ହଜେଇବାର
ମହାମନ୍ତ୍ରଟିଏ ଆଣି ।

♥ ମାତୃନୀଡ଼, କମାରିଆ, ତିହିଡ଼ି, ଭଦ୍ରକ
ଫୋନ:୭୦୬୪୭୭୮୨୪୭



# ମୁଁ ଓ ସେ



## ଅଧ୍ୟାପକ ବିଶ୍ୱରଞ୍ଜନ

ନେତାଜୀ ନିବାସ, ୧୯୯-କଂସାରୀଝର
ୟୁନିଟ୍-୬, ଭୁବନେଶ୍ୱର-୧
ଫୋନ : ୮୭୬୩୨୩୬୨୧୨


ପୃଷ୍ଠଚିତ୍ର : ଚିତ୍ରଶିଳ୍ପୀ ଇପ୍‌ସିତା ଦେ

**କାହାଣୀ ପଛର କାହାଣୀ**

**'ମୁଁ' ଓ 'ସେ'ର ଆଧାରଶିଳା ହେଉଛି ଏକ ଅନ୍ତରଙ୍ଗ ଭାବାନୁଭୂତି । ପ୍ରେମର ଉଷ୍ଣତାରେ, ଦୁଇ ପ୍ରେମୀ ହୃଦୟର ଆନ୍ତରିକ ମୁକ୍ତ ଆଳାପରେ ଅନୁରଣିତ ଏହି ଗଳ୍ପର ପ୍ରତ୍ୟେକ ଶବ୍ଦ ଓ ବାକ୍ୟ । ଦେହକୁ ବାଦ୍ ଦେଇ କେବଳ ମନସ୍ଥିତିରେ ପ୍ରେମର ଅସ୍ତିତ୍ୱ କେତେଦୂର ସମ୍ଭବ ବା ସମ୍ଭବ ନୁହେଁ, ଏହି ତର୍କ ଓ ବିଚାରରେ ଆଳାପରତ 'ମୁଁ' ଜଣେ ପୁରୁଷ ଓ 'ସେ' ଜଣେ ନାରୀ । କୌଣସି କଥା ବା କାହାଣୀର କଳ୍ପନାରେ ନୁହେଁ, ଏକ ନିରୋଳା ମୁହୂର୍ତ୍ତରେ ଭାବସ୍ପନ୍ଦିତ ହୃଦୟର ଅଭିବ୍ୟକ୍ତି ହେଉଛି 'ମୁଁ' ଓ 'ସେ' । କବିତାର ଆଙ୍ଗିକରେ ରଚିତ କଥାହୀନ କଥାଟିଏ ।**

ମୁଁ: ମୁଁ ତୁମକୁ ଛୁଇଁବାକୁ ଚାହେଁ ।
କୁହ, ଛୁଇଁବି କି ନାହିଁ ।
କେତେ କାଳ ତମେ ମୋତେ
'ଅସ୍ପୃଶ୍ୟ'ର ସଂଜ୍ଞା ଦେଇ
ଅଟକାଇ ରଖିଥିବ
କବାଟର ବନ୍ଧ ଆରପଟେ !
ସେ: ଆସ, ଛୁଅଁ ମୋତେ
ଛୁଇଁଦେଲେ ଯଦି ଚାଲିଯିବ
ତୁମ ଦୁଃଖ, ଶୋକ, ଶୋଷ
ତେବେ ଛୁଇଁ ଦେଇଯାଅ
ତା'ପରେ ମୁଁ ମରୁଥିବି
ତୁମ ଛୁଆଁ ଦାଗ ନେଇ
ପ୍ରତି ମୁହୂର୍ତ୍ତରେ
ଅସରନ୍ତି ଶୋକର ଜ୍ୱାଳାରେ ।
ମୁଁ : ମୁଁ ତୁମକୁ ଛୁଇଁବାକୁ ଚାହେଁ
ମୋର ଦେହ ଚାହେଁ
ଭୋଗିବାକୁ ତୁମ ଦେହ ତାତି
ମନ ଚାହେଁ
ମାପିବାକୁ ତୁମ ମନର ଉଷ୍ଣତା
ଦୁଇ ଦେହ, ଦୁଇ ମନ ଏକ ହେଲେ
କଳି ହେବ, ଆମ ପ୍ରେମ ଗଭୀରତା ।
ସେ: ପ୍ରେମ !
କିଭଳି ପଦାର୍ଥ ସିଏ !
କେଉଁଠି ସେ ଥାଏ
କ'ଣ ତା' ସ୍ୱରୂପ !
ଦେଖିଛ କି ପ୍ରେମରୂପ
ପାରିବ କି ବର୍ଣ୍ଣି ମୋ ପାଖରେ ?
ମୁଁ : ପ୍ରେମ ଏକ ବସ୍ତୁ ନୁହେଁ
ଯେ, ମୁଁ ବର୍ଣ୍ଣିବି ତା'ର ରୂପରଂଗ
ପ୍ରେମ ଏକ ଭାବ, ଅନୁଭବ
ଆତ୍ମ ଉପଲବ୍ଧି
ଆତ୍ମା ପରି ଅଦୃଶ୍ୟ, ଅଭେଦ୍ୟ ।
ସେ: ଯଦି ବୁଝିଛ ସତରେ
ପ୍ରେମଭାବ
ତେବେ କାହିଁକି ବ୍ୟାକୁଳ ଏତେ
ମାପିବାକୁ ଗଭୀରତା ତା'ର !
ମୋ ଦେହର ତାତି ଯଦି
ସଞ୍ଚରିଯାଏ ତୁମ ଦେହରେ
ତେବେ କ'ଣ ଧରିନେବ
ମନ ମୋର ମଗ୍ନ ବି ପ୍ରେମରେ !
ଦେହ ସହ ଖେଳିପାରେ ଦେହ
ମନ କିନ୍ତୁ ରହିପାରେ ଅନେକ ଦୂରରେ
'ଅଛୁଆଁ'ର ଭାବରୂପ ନେଇ
ଏକାନ୍ତବାସରେ ।
ମୁଁ : ବୁଝି ପାରୁନାହିଁ,
ଦେହ ଯଦି ଦେହ ଚାହେଁ ଆଉ ପାଇଯାଏ
ମନ କିପରି ନିଖୋଜ ହେବ
ମନ ବି ତ ଅଂଶ ଶରୀରର ।


▲ଫଟୋ ଓ ଅଧ୍ୟାପକ ବିଶ୍ୱରଞ୍ଜନ

ସେ : ମନ ଯଦି ଶରୀରର ଅଂଶ, ଦେଖେଇ ପାରିବ କି ତା'ର ଅବସ୍ଥିତି ? ଶରୀରର ବ୍ୟବଚ୍ଛେଦରେ ଆମେ ପାଇବା କି ମନର ଅଂଶକୁ ! ଦେହ ଥିଲେ ମନ ଅଛି ସତ, ହେଲେ ସେ ତା'ର ଘୁରି ବୁଲୁଥାଏ ଆପଣା ଇଚ୍ଛାରେ । ମନ ଏକ ପବନର ଘୋଡ଼ା । ତା'କୁ ଲଗାମ ଦେବା ପାଇଁ ଦେହର ଜୋର୍ ନାହିଁ । ଦେହ ଭୋଗିପାରେ ଜରା, ବ୍ୟାଧି । ମନ କିନ୍ତୁ ଜଳିପାରେ ଯୌବନର ଜ୍ୟୋତି ହୋଇ । ଉଡ଼ିପାରେ ଡେଣା ଗଜୁରାଇ ।

ମୁଁ: ତୁମର ଯୁକ୍ତି ପାଖରେ ମୁଁ ଅସହାୟ । ତୁମ କଥାରେ ସତ୍ୟତା ରହିଛି ଅବଶ୍ୟ । ଅସ୍ୱୀକାର କରିବି କିପରି ? ହେଲେ ମୁଁ ତୁମକୁ ଛୁଇଁବା ପୂର୍ବରୁ ଶରୀରରେ, ମନକୁ କ'ଣ ନିଜର କରିନାହିଁ ? ତୁମ ମନ ସହିତ ମୋ ମନର ମିଳନକୁ ତମେ ଗ୍ରହଣ କରିନାହଁ ?

ସେ: ପୁଣି ସେଇ ଭୁଲ୍ କରି ବସୁଛ । ଦେହକୁ ଆମେ ଦେଖୁଛେ । ଦେଖିପାରୁଛେ ପରସ୍ପର ଦେହକୁ ସାମ୍ନାରେ ବସି । ହେଲେ ମନ ? କିଏ ଦେଖିଛି କାହା ମନ ? ନର ମାୟା ପରା ନାରାୟଣଙ୍କୁ ଅଗୋଚର । ଆଉ ନାରୀର ମନକୁ ନେଇ ତୁମେ ପୁରୁଷମାନେ ତ କେତେ ପ୍ରକାର କାହାଣୀ ସୃଷ୍ଟି କରିଛ । ନାରୀ ହେଉ ବା ପୁରୁଷ, ମନର ଅତଳତଳ ଗଭୀରତାକୁ କିଏ ଭେଦ କଲାଣି ନା କରିପାରିବ ? ମନର ମିଳନ ବୋଲି ଯାହା କହୁଛ, ହୋଇପାରେ, ତାହା କେବଳ ଦେଖାଣିଆ । ତୁଚ୍ଛା ଅଭିନୟ ।

ମୁଁ: ହୋଇପାରେ ଅଭିନୟ । ହେଲେ ଅଭିନୟକୁ ଜୀବନର ସତ୍ୟ ବୋଲି ଗ୍ରହଣ କରିନେଲେ କ୍ଷତି କ'ଣ ? କବି ମନିଷୀ ତ କହିଛନ୍ତି ଜୀବନର ରଙ୍ଗମଞ୍ଚରେ ଆମେ ସମସ୍ତେ ଜଣେ ଜଣେ ଅଭିନେତା ଓ ଅଭିନେତ୍ରୀ ।

ସେ: କିଏ କ'ଣ କହିଛନ୍ତି ବା କହିବେ, ସେ କଥାରେ ମୋର ଆଗ୍ରହ ନାହିଁ । ମୋ ପାଇଁ ଜୀବନ କିନ୍ତୁ ଅଭିନୟ ନୁହେଁ । ଜୀବନରେ ମୋର ଭୂମିକା ମୁଁ ନିଜେ ସ୍ଥିର କରିବି । ସେଇ ଭୂମିକାରେ ରଂଗମଖା ମୁଖା ନଥିବ ମୋ ମୁହଁରେ । ମୁଁ ଯାହା, ଯେପରି, ସେହିପରି ଅଛି ଓ ରହିବି ।

ମୋର ଆଉ କିଛି କହିବାର ନ ଥିଲା । ପୁନରାବୃତ୍ତି କଲି ମୋର ଉକ୍ତି- 'ମୁଁ ତୁମକୁ ଛୁଇଁବାକୁ ଚାହେଁ ।' ସେ ନିରବ ରହିଲା । ଥରେ ମୋ ମୁହଁକୁ ଚାହିଁ ଦେଇ ଦୃଷ୍ଟି ଫେରେଇ ନେଲା ଦୂର ଦିଗ୍‌ବଳୟ ଆଡ଼େ ।

ଆକାଶରେ ସୂର୍ଯ୍ୟାସ୍ତର ରଂଗ । ସମୁଦ୍ରରୁ ଭାସି ଆସୁଥିଲା ସଂଗୀତ ତରଙ୍ଗ । ବେଳାଭୂମିରେ ଆମେ ଦୁହେଁ । ମୁଁ ଆଉ ସେ । ଗଭୀର ନିରବତାରେ ମଗ୍ନ ଥିଲୁ । କେହି କାହାରିକୁ ଛୁଇଁଲୁ ନାହିଁ । କିନ୍ତୁ ସର୍ବାଙ୍ଗ ଆମର ଛୁଆଁ ହୋଇଗଲା ଅଦୃଶ୍ୟ ପବନର ଛୁଆଁରେ । ସେ ଆମକୁ ଉଡ଼େଇ ନେଲା ବେଳାଭୂମିରୁ କାହିଁ କେତେ ଦୂରକୁ ।

ଉତ୍ତାଳ ପବନର ସ୍ପର୍ଶରେ ମୁଁ ହଜିଗଲି ମୋ ଭିତରୁ, ଆଉ ସେ ତା' ଭିତରୁ । କହିପାରିବି ନାହିଁ, ସେ ମୋ ଭିତରେ ଆଉ ମୁଁ ତା' ଭିତରେ ଥିଲୁ କି ନ ଥିଲୁ ।




# ଓଲାଶୁଣି ପୀଠ

# ସନ୍ଥ ଅରକ୍ଷିତ ଓ ଓଳାଶୁଣି ପୀଠ


**କରିସ୍ମିତା କର**

ମାହାଙ୍ଗା, ଲଳିତଗିରି, କଟକ

ଫୋନ:୬୩୭୨୦୦୪୨୩୫


ଫଟୋ ସୌଜନ୍ୟ : ଲେଖିକା



ହିନ୍ଦୁ ଧର୍ମର ପାରମ୍ପରିକ ପରମ୍ପରା ଅନୁସାରେ ଆମ ରାଜ୍ୟରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ଦେବାଦେବୀ ଦେଖିବାକୁ ମିଳିଥାନ୍ତି । ସେଥି ମଧ୍ୟରୁ କଟକ ଜିଲ୍ଲା ଅନ୍ତର୍ଗତ ମାହାଙ୍ଗା ବ୍ଲକରେ ଥିବା ଲଳିତଗିରି ଗ୍ରାମ ନିକଟରେ ଓଳାଶୁଣି ପାହାଡ଼ ବା ଶୁଖୁଆ ଖାଇ ପାହାଡ଼ ନିଜର ଅପୂର୍ବ ପ୍ରାକୃତିକ ଶୋଭାରାଜିକୁ ନେଇ ଦଣ୍ଡାୟମାନ । ଯେହେତୁ ଓଳାଶୁଣି ପୀଠ ପୂର୍ବରୁ ପାହାଡ଼ର ପଛ ପାଖରେ ଅବସ୍ଥିତ ଥିଲା ତେଣୁ କେହି କେହି ଏହାକୁ ଯାଜପୁର ଜିଲ୍ଲା ଅନ୍ତର୍ଗତ ବରଚଣା ବ୍ଲକରେ ଅବସ୍ଥିତ ବୋଲି କହିଥାନ୍ତି ।

ଏହାର ପରିବେଶରେ ନିର୍ଝରିଣୀ ଭାବରେ ବହି ଯାଉଥିବା ଗୋବରୀ ନଈ ପର୍ଯ୍ୟଟକଙ୍କ ମନକୁ ଅତ୍ୟନ୍ତ ଆକର୍ଷିତ  କରୁଛି । ପାହାଡ଼ର ଆରମ୍ଭ ପୂର୍ବରୁ କେଉଁ ଅନାଦି କାଳରୁ ସେଠାରେ ଥିବା ମଙ୍ଗଳା ମନ୍ଦିର ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଆସୁଛି । ପାହାଡ଼ ଉପରେ ଥିବା ଅନ୍ୟାନ୍ୟ ଦେବାଦେବୀ ଯଥା ଆରମ୍ଭରେ ମହାବୀର ହନୁମାନ, ଗଣେଷ, ବ୍ରଜବିହାରୀ, ଶ୍ରୀକୃଷ୍ଣ, ଜଗନ୍ନାଥ, ଶାଳଗ୍ରାମ ମନ୍ଦିର ଓ ଫଟୋଚିତ୍ର ବିଦ୍ୟମାନ । କିନ୍ତୁ ସବୁଠାରୁ ଆକର୍ଷଣୀୟ ପୀଠ ହେଉଛି ସେଠାରେ ଥିବା ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିର ତଥା ସପ୍ତସାଧୁଙ୍କ ସମାଧି ମନ୍ଦିର । ପାହାଡ଼ର ପ୍ରାକୃତିକ ପରିବେଶ ସଦାସର୍ବଦା ପ୍ରକୃତି ପ୍ରେମୀ ତଥା ଧାର୍ମିକ ମନୋଭାବର ମନୁଷ୍ୟମାନଙ୍କୁ ନିଜ ଆଡ଼କୁ ଚୁମ୍ବକ ପରି ଟାଣି ଆଣୁଛି । ଓଳାଶୁଣି ଠାରୁ କିଛି ଦୂରରେ ପ୍ରସିଦ୍ଧ ପୁଷ୍ପଗିରି ମହାବିହାର ତଥା ଓଡ଼ିଶାର ଏକ ପ୍ରଧାନ ବୌଦ୍ଧପୀଠ ଭାବରେ ପ୍ରସିଦ୍ଧ ଲାଭ କରିଥିବା ଲଳିତଗିରି ଅବସ୍ଥାନ କରିଛି । ଯାହା ପ୍ରସ୍ତର ଶିଳ୍ପ ନିମନ୍ତେ ଦେଶବିଦେଶରେ ବେଶ୍ ପରିଚିତ । ଅନବଦ୍ୟ ପଥର ମୂର୍ତ୍ତି ନିର୍ମାଣ ପ୍ରତିପାଦନ କରୁଛି ଉତ୍କଳର ଚାରୁ ପ୍ରସ୍ତରକାଳର ଗାରିମା । ପ୍ରଳୟକାରୀ ବାତ୍ୟା ଫନିରେ ଭାଙ୍ଗି ଯାଇଥିବା ଲୀଳାଚଳର ଜୟବିଜୟ ମୂର୍ତ୍ତି ଏବେ ଏହି ଗ୍ରାମରୁ ପୁନଃନିର୍ମିତ ହୋଇ ଶୋଭା ବର୍ଦ୍ଧନ କରୁଛି ।

ମାଘମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଓଳାଶୁଣି ପୀଠରେ ଆୟୋଜିତ ଅନୁଷ୍ଠାନ ଉତ୍ସବ ମୁଖର ହୋଇ ଉଠି ଶ୍ରୀପଞ୍ଚମୀ ଦିନ ଉଦ୍‌ଯାପିତ ହୋଇଥାଏ । ସନ୍ଥ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ ଆଖପାଖ ଗ୍ରାମାଞ୍ଚଳମାନଙ୍କରେ ପାରମ୍ପରିକ ବା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଉଠେ ଉତ୍ସବମୁଖର । ଦୀର୍ଘ ଦିନ ଧରି ପ୍ରକୃତିରାଣୀ ଦୋଳି ଖେଳୁଥାଏ ଏହି ଓଳାଶୁଣି ପାହାଡ଼ରେ ।

କର୍ମଭୂମି, ପୁଣ୍ୟଭୂମି ଉତ୍କଳ ମାଟିରେ ଅନେକ ସାଧୁସନ୍ଥ ଜନ୍ମଗ୍ରହଣ କରି ଭାରତମାତାଙ୍କୁ



▶ ଲେଖିକା କରିସ୍ମିତା କର



ବିଶ୍ୱ ଦରବାରରେ ସର୍ବଶ୍ରେଷ୍ଠ ଦେଶ ଭାବରେ ପରିଚିତ କରିଛନ୍ତି । ସେମାନଙ୍କର ଧର୍ମଧାରଣା, ରୀତିନୀତି, ଚିନ୍ତାଚେତନା ଦ୍ୱାରା ତତ୍କାଳୀନ ସମାଜ, ଶାସକ ଓ ଗତମାନସକୁ ପ୍ରଭାବିତ କରି ବିଶ୍ୱମୁଖରେ ବସୁଧୈବ କୁଟୁମ୍ବକମ୍ ସମନ୍ୱୟ ବାର୍ତ୍ତା ସ୍ଥାପନ କରିଛନ୍ତି । ପରିଶେଷରେ ସେମାନେ ଭୁଲିଯାନ୍ତି ଗତ ପ୍ରଭେଦ ଭାଷାଗତ ଭିନ୍ନତା, ଧର୍ମଗତ ପାର୍ଥକ୍ୟ ଓ ଗୋଷ୍ଠୀଗତ ବିଭେଦ । ପବିତ୍ର ଉତ୍କଳ ଭୂମିରେ ଅନେକ ସାଧୁ ସନ୍ଥ ଭିନ୍ନ ଭିନ୍ନ ସ୍ଥାନରେ ଜନ୍ମନେଇ ନିଜର ଆଧ୍ୟାତ୍ମିକ ଉପଲବ୍‌ଧିତାର ପ୍ରତ୍ୟକ୍ଷ ପ୍ରମାଣ ରଖି ଯାଇଛନ୍ତି । ସମସ୍ତ ସନ୍ଥମାନଙ୍କ ମଧ୍ୟରେ ଅରକ୍ଷିତ ଦାସ ଅନନ୍ୟ ପ୍ରତିଭାର ଅଧିକାରୀ ଭାବରେ ବିଦ୍ୟମାନ । ଯେଉଁଥିପାଇଁ ଓଳାଶୁଣି ପୀଠ ଘରେ ଘରେ ପରିଚିତ ହୋଇପାରିଛି ।

କିଏ ଏହି ସନ୍ଥ ? କେଉଁଠୁ ଆସିଲେ ? କ'ଣ ତାଙ୍କର ପରିଚୟ ? ସଭିଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । ସନ୍ଥ ଅରକ୍ଷିତ ଦାସ ଜଣେ ସନ୍ଥ କବି ଭାବରେ ସୁପରିଚିତ । ବାସ୍ତବିକ ଆଲୋଚନା କଲେ ସେ ଆଦ୍ୟରୁ ସନ୍ଥ ନଥିଲେ, ସେ ଥିଲେ ବଡ଼ଖେମୁଣ୍ଡି ରାଜପରିବାରର ରାଜକୁମାର । କେହି କେହି ତାଙ୍କୁ ଅନ୍ୟ ଜଣେ ବୁଦ୍ଧ ବୋଲି ମଧ୍ୟ ଆଖ୍ୟା ଦେଇଥାନ୍ତି । ଅଷ୍ଟାଦଶ ଶତକ ବେଳକୁ ସେ ମାତୃ ଗର୍ଭରୁ କୋଳମଣ୍ଡନ କରି ମାତୃଭୂମିକୁ ତାଙ୍କ କରୁଣ ଚରଣ ସ୍ପର୍ଶ କରିବା ମାତ୍ରେ ସମଗ୍ର ରାଜ୍ୟରେ ଖୁସିର ଲହରୀ ଖେଳିଗଲା । ସଂସାର ବୈରାଗ୍ୟ ହେତୁ ସେ ମାତ୍ର ଅଠର ବର୍ଷ ବୟସରେ ଗୃହ ତ୍ୟାଗ କରି ଆତ୍ମ-ଉପଲବ୍ଧି ଉଦ୍ଦେଶ୍ୟରେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥାନ ଘୁରି ବୁଲିଲେ । ପରିଶେଷରେ ଓଳାଶୁଣି ନିକଟରେ ଜୀବନ୍ତ ସମାଧି ନେଇ ଘରେ ଘରେ ଅମର ହୋଇ ଯାଇଛନ୍ତି ।



ଅରକ୍ଷିତ ଦାସଙ୍କ ପ୍ରସିଦ୍ଧ ଗ୍ରନ୍ଥ ହେଉଛି 'ମହୀମଣ୍ଡଳ ଗୀତା' । ଏଥିରେ ତାଙ୍କ ଜୀବନର ଚରିତାର୍ଥକୁ ଏକ ସ୍ୱତନ୍ତ୍ର ଦୃଷ୍ଟିକୋଣରୁ ପରିପ୍ରକାଶ କରିଛନ୍ତି । ସେ ଜାତିପ୍ରଥାର ଘୋର ବିରୋଧୀ ଥିଲେ । ତାଙ୍କ ମତରେ ବ୍ରାହ୍ମଣଙ୍କ ଠାରୁ ଆରମ୍ଭ କରି ଚଣ୍ଡାଳ ପର୍ଯ୍ୟନ୍ତ ସମସ୍ତଙ୍କ ଠାରେ ବ୍ରହ୍ମସତ୍ତା ରହିଛି । ବ୍ରହ୍ମ ଅରଦିତି ସମ୍ପ୍ରଦାୟରେ ଖାଦ୍ୟ ଉପରେ କୌଣସି ରୁଚି ନଥାଏ । ତେଣୁ ସେ ସମସ୍ତଙ୍କ ଘରୁ ଖାଦ୍ୟ ଗ୍ରହଣ କରୁଥିଲେ । ପ୍ରବାଦ ଅଛି ଯେ ଏକଦା ଜଣେ ଯବନ ଘର ପୁଅ ସନ୍ଥ ଅରକ୍ଷିତଙ୍କୁ ଅପମାନିତ କରି କହିଲା ଯେ ଖାଦ୍ୟର ଜାତ ବିଚାର କରୁନ ପରା । ଏହି ଭଳି ଭାବରେ ନିନ୍ଦା କରି ହେଡ଼ା ଆଣି ଖାଦ୍ୟ ଆକାରରେ ପରଷିଦେଲା । କିନ୍ତୁ ମହାପୁରୁଷଙ୍କ ସ୍ପର୍ଶରେ ହେଡ଼ା ମହାପ୍ରସାଦରେ ପରିଣତ ହୋଇଗଲା ।

ପାଖ ଅଞ୍ଚଳର କେହି କେହି କହିବୁଲନ୍ତି ଯେ ମହାରଣା ପୁଅ ଅରକ୍ଷିତଙ୍କ ଛୋଟିଆ କେଶଟିଏ ରଖିଥିଲେ । ଏବେ ସେ ବଢ଼ିବାକୁ ଲାଗିଲାଣି । ବର୍ତ୍ତମାନ ଓଳାଶୁଣି ପୀଠରେ ଅରକ୍ଷିତଙ୍କ ମନ୍ଦିର ଭିତରେ ପୂଜା ପାଉଛି । ଅନ୍ୟ ଏକ ବିଚିତ୍ର କଥା ଦୃଷ୍ଟିଗୋଚର ହୁଏ କି ଏଠାରେ ପ୍ରସାଦ ଆକାରରେ କାଞ୍ଜିପାଣି ସହିତ ଶୁଖୁଆ ଭୋଗ ଲାଗିଥାଏ । ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଅମୃତ ବାଣୀ ସହ ମର୍ମସ୍ପର୍ଶୀ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଅରକ୍ଷିତଙ୍କ ପ୍ରସାଦ ପର୍ଯ୍ୟଟକଙ୍କୁ ବିଶେଷ ଭାବରେ ଆକର୍ଷିତ କରିଛି ।

ଧାରାବାହିକ
ଚରିତ-ଉପନ୍ୟାସ



# ଦାସେ ଆପଣେ

୧୮

# ଦାସେ ଆପଣେ


## ପବିତ୍ର ମୋହନ ଦାଶ

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।




ଇନ୍ସପେକ୍ଟର ଅଫ୍ ସ୍କୁଲ୍ସ୍ କବି ମଧୁସୂଦନ ରାଓ ଶ୍ରୀରାମଚନ୍ଦ୍ରପୁର ଗାଁରେ ପ୍ରତିଷ୍ଠିତ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିଦର୍ଶନରେ ଆସୁଥାନ୍ତି । ଏ ଗାଁ ତାଙ୍କ ଭିତରେ କେତେ ଶିହରଣର କାରଣ । ଏ ଗାଁରେ ଜନ୍ମ ହୋଇଥିଲେ ତାଙ୍କର ପ୍ରିୟ ଗୁରୁଜ୍ଞାନର ଆଦ୍ୟ ଜ୍ୟୋତି ପଣ୍ଡିତ ହରିହର ଦାସ । ହରିହର ଯିଏ ନବଦ୍ୱୀପରୁ ତର୍କ ଓ ଦର୍ଶନରେ ଲାଭ କରିଥିଲେ ପ୍ରଚଣ୍ଡ ପାଣ୍ଡିତ୍ୟ, କଛା ମାରି ଧୋତି ପିନ୍ଧିବା ବଦଳରେ ପିନ୍ଧୁଥିଲେ ପ୍ୟାଣ୍ଟ, କୋର୍ଟ, ବୁଟ୍, ଇଂରାଜି ଓ ଲାଟିନ୍‌ରେ ଥିଲେ ଦକ୍ଷ, ମାଜିଷ୍ଟ୍ରେଟ୍ ବକ୍ସେଲ୍‌ଙ୍କୁ ପଢୁଥିଲେ ସଂସ୍କୃତ, ପୁରୀରେ ବସାଇଥିଲେ ସଂସ୍କୃତ କଲେଜ, କେତେ ପଣ୍ଡିତଙ୍କୁ ତର୍କରେ କରିଥିଲେ ପରାସ୍ତ, ଯିଏ ବିଦେଶ ଯିବାକୁ ସାରିଥିଲେ ସବୁ ପ୍ରସ୍ତୁତି, ଯିଏ ମହାବିଦ୍ୟାଳୟରେ ଇଂରାଜୀ ଓ ଲାଟିନ ପଢ଼ାଯିବା ସପକ୍ଷରେ ଥିଲେ, ଯିଏ ଖ୍ରୀଷ୍ଟିଆନଙ୍କ ସହ ଖ୍ରୀଷ୍ଟିଆନ, ମୁସଲମାନଙ୍କ ସହ ମୁସଲମାନ ଓ ହିନ୍ଦୁଙ୍କ ସହ ହିନ୍ଦୁ ହୋଇ ପାରୁଥିଲେ, ବୁଲି ବୁଲି ବହି ବାଣ୍ଟିବା, ବିଦ୍ୟାଳୟ ବସାଇବା, ପୁରୀ ଘରେ ପିଲାଙ୍କୁ ଲୁଚାଇ ଖୁଆଇବା ଓ ଇଂରାଜୀ ପଢ଼ିବା ଯାହାର ଅଙ୍ଗୀକାର ଥିଲା, ଯାହାଙ୍କ ପାଣ୍ଡିତ୍ୟର ପ୍ରଶଂସା 'ଅମୃତ ବଜାର' ପତ୍ରିକା କରୁଥିଲା, ଯିଏ ହୋମର୍‌ଙ୍କ କବିତା ସରଳ ସଂସ୍କୃତରେ ଅନୁବାଦ କରିପାରୁଥିଲେ, ଦି ବେଙ୍ଗଲି, ଡେଲି ନ୍ୟୁଜ, ହିନ୍ଦୁ ପାଟ୍ରିଅଟ୍ ଆଦି ବିଖ୍ୟାତ ସମ୍ବାଦ ପତ୍ରରେ ଯାହା ବିଷୟରେ ଖବର ବାହାରୁଥିଲା, ଯିଏ ମରିବାର ବର୍ଷକ ପୂର୍ବରୁ ମୂକ ହୋଇ ଯାଇଥିଲେ ଓ କୁଣ୍ଡେଇବେଣ୍ଟ ସାହିରେ ନିଜ ଘରେ ପୋଷାକରେ ନିଆଁ ଲାଗି ପୋଡି ମରିଥିଲେ ତାଙ୍କର ଜନ୍ମ ମାଟି ଇଏ । ଏଠିକାର ପାଣିପବନରେ ପୁଷ୍ଟ ହୋଇଥିଲା ତାଙ୍କ ଗୁରୁଙ୍କ ମସ୍ତିଷ୍କ ଓ ହୃଦୟ । ଏ ମାଟିର ସବୁ ରକ୍ଷଣଶୀଳତା ଭେଦି ଝଟକିଥିଲା ତାଙ୍କ ଭିତରର ବିଦ୍ରୋହୀ, ସଂସ୍କାରକ ଓ ଶିକ୍ଷାବିତ୍ । ନଅଙ୍କ ଦୁର୍ଭିକ୍ଷ ଓ ତା'ର ପରବର୍ତ୍ତୀ ସମୟରେ ଓଡ଼ିଶାର ଅନ୍ଧାରୀ ମୂଳକରେ ଆଧୁନିକ ପାଠ ପାଇଁ ତାଙ୍କ ଭିତରେ ଥିଲା ପରମ ଆଗ୍ରହ । ଯେତେବେଳେ ବ୍ରାହ୍ମଣ ଶାସନରେ ଇଂରେଜୀ ବହି ଓ କାଗଜ କଲମ ନିଷେଧ ଥିଲା ସେତେବେଳେ ସେ ଗାଁରେ ବିଦ୍ୟାଳୟ ବସାଇଥିଲେ । ବାହାରର ରାଜାମାନଙ୍କ ମେଳରେ ସେ ବଡ଼ ଆଦରଣୀୟ ଥିଲେ । ହେଲେ ହରିହର ତାଙ୍କ ଜୀବନ କାଳରେ ସ୍ଥାନୀୟ ବ୍ରାହ୍ମଣ ମାନଙ୍କ ମେଳରେ ବଡ଼ ଅପ୍ରିୟ ଥିଲେ । ସେ ଥିଲେ ନାସ୍ତିକ । ମଧୁସୂଦନଙ୍କ ମନେ ପଡେ ତାଙ୍କ ସହ କଟିଥିବା ଦିନମାନ । ସେତେବେଳକୁ ବାପା ଭାଗିରଥି ରାଓ ଚାକିରୀ କରୁଥିଲେ ଭୁବନେଶ୍ୱର ଥାନାରେ । ମଧୁ ପାଠ ପଢୁଥିଲେ ପୁରୀ ଜିଲ୍ଲା ସ୍କୁଲ୍‌ରେ । ତେଣୁ ରହିବାକୁ ହେଉଥିଲା ବାପାଙ୍କ ବନ୍ଧୁ ବଳରାମଜୀଙ୍କ ଘରେ । ମା ଆରପାରିକୁ ଚାଲି ଯାଇଥିବାରୁ ସେ ହୋଇ ପଡ଼ିଥିଲେ ଅତି ଧାର୍ମିକ । ସକାଳୁ ଉଠି ମନ୍ତ୍ର ପାଠ ତା ପରେ ପଥୁରିଆ ସାହି ବାନାମ୍ବର ମହାଦେବ ଦର୍ଶନ । ତା ପରେ ଯାଇ ଜଳ ଗ୍ରହଣ । ସେ ସମୟରେ ସେ ନିୟମିତ ହରିହରଙ୍କ ଘରକୁ ଯାଉଥିଲେ । ବଳରାମଜୀଙ୍କ ଅଟା କଳ ଥିଲା । ସେଥିରୁ ଆସୁଥିବା ଘର୍ଘର ଶବ୍ଦରୁ ରକ୍ଷା ପାଇବାକୁ ସେ ବୁଲି ଯାଉଥିଲେ ସମୁଦ୍ର କୂଳ । ଅପରିସୀମ ଜଳରାଶି ଓ ବେଳେବେଳେ ନକ୍ଷତ୍ର ଭର୍ତ୍ତି ମହାକାଶ ତାଙ୍କ ମନରେ ସୃଷ୍ଟି କରୁଥିଲା ମହାଭାବ । ସେ ତାରା ଭିତରେ ନିଜ ପରଲୋକଗତା ମାଆଙ୍କୁ ଦେଖୁଥିଲେ ଆଉ ସୃଷ୍ଟିର ବିଶାଳତା ଭିତରେ ଦେଖୁଥିଲେ ଅଖିଳ ବ୍ରହ୍ମାଣ୍ଡ ପତିଙ୍କୁ । ପରବର୍ତ୍ତୀ କାଳରେ ସେ ରଚିଥିବା ଅନେକ କବିତାରେ ସେ ଦିନର ମହାଭାବ ବିକଶିତ ହୋଇ ରହିଛି । ସେ ଅଖିଳ ବ୍ରହ୍ମାଣ୍ଡ ପତି ହେଉ ଅଥବା କି ସୁନ୍ଦର ଆହା କି ଆନନ୍ଦମୟ । ମହାଭାବରେ ତଲ୍ଲୀନ ଥିବା ତାଙ୍କ ପ୍ରାଣ ନିକଟରେ ହରିହର ଥିଲେ ଏକ ଆକର୍ଷଣ ଓ ଆହ୍ୱାନ ଉଭୟ । ଆକର୍ଷଣ ଏଥିପାଇଁ ଯେ ତା'ଙ୍କ ପ୍ରଜ୍ଞା ଓ ଇଚ୍ଛା ଶକ୍ତି ଥିଲା ଉତ୍ତୁଙ୍ଗ । ଆଉ ଆହ୍ୱାନ ? ନାସ୍ତିକ ହୋଇ ଜଣେ ଏତେ ଉଚ୍ଚ ହୋଇପାରେ କେମିତି । ମଧୁସୂଦନ ମନେ କରନ୍ତି ସେ ତାଙ୍କ ପ୍ରଭାବରୁ ଆଂଶିକ ବାହାରିବା ଲାଗି ମାନସିକ ଆୟାସ କରିଛନ୍ତି । ହେଲେ ତାଙ୍କ ପବିତ୍ର ସ୍ମୃତି ତାଙ୍କୁ ସବୁବେଳେ ବିଚଳିତ କରିଛି । ସେଥିପାଇଁ ତ ଶ୍ମଶାନ କବିତାରେ ଲେଖିଛନ୍ତି

'ମୃତ ଜ୍ଞାନ ଦାତା ପୁଣି ମୃତ ପରିଜନ
ନୟନ ଆଗରେ ଯେହ୍ନେ ନାଚିଲେ ତକ୍ଷଣ ।'

ସେଇ ମୃତ ଜ୍ଞାନଦାତା ତ ହରିହର ।

ଅବଶ୍ୟ ପଣ୍ଡିତଙ୍କ ନାସ୍ତିକତା ତାଙ୍କର ପସନ୍ଦ ନଥିଲା । ତାଙ୍କ ଜୀବନ ଦର୍ଶନର ଯୁକ୍ତି ପ୍ରବଣତାକୁ କଟାକ୍ଷ କରି କହନ୍ତି

'ହେ ପଣ୍ଡିତ କ୍ଷୁଦ୍ରତ୍ୱ ବୁଦ୍ଧି ମାନଦଣ୍ଡେ ।

ସେ ପାଣ୍ଡିତ୍ୟ ଛାଡି ବିଶ୍ୱାସ ମାଧୁରୀ ଭୁଂଜନ୍ତୁ ବୋଲି ପରମ ପ୍ରମାଣ କବିତାରେ ଲେଖିଛନ୍ତି ମଧୁସୂଦନ । ହେଲେ ତାଙ୍କ ଦେହାନ୍ତର ଏତେ ବର୍ଷ ପରେ ବି ତାଙ୍କ ଆକର୍ଷଣ ତ କିଛି ବି କମି ନାହିଁ । ସେ ତ ଏବେ ବି ଆହ୍ୱାନ ହୋଇ ରହିଛନ୍ତି ।

ଅତୀତର ଏଇସବୁ କଥା ମନେ ପଡିବା ଭିତରେ ମଧୁସୂଦନ ପହଂଚି ଯାଇଥିଲେ ସାକ୍ଷୀଗୋପାଳରେ । ସେଠାରୁ ପାଛୋଟି ନେବାକୁ ଶ୍ରୀରାମଚନ୍ଦ୍ରପୁର ଗାଁର କିଛି ମୁରବି ସ୍ଥାନୀୟ ଲୋକ ଆସିଥିଲେ । ଯିବା ବାଟରେ ସେମାନଙ୍କ ମଧ୍ୟରୁ ଜଣେ କହିବା ଆରମ୍ଭ କଲେ

'ଆଜ୍ଞା ଦେଖନ୍ତୁ ଆମ ଗାଁରେ ଅଛି ଗୋଟିଏ ଭର୍ନାକୁଲାର୍ ସ୍କୁଲ୍ । ଗାଁ ଲୋକଙ୍କର ବଡ଼ ଉଦ୍ୟମ ଏଠି ଏମ.ଇ. ସ୍କୁଲ୍ ହେଉ ।'

'ଇଚ୍ଛା ତ ମହତ ।' ଏତିକି କହି ଗମ୍ଭୀର ମଧୁସୂଦନ ଆଉ ଟିକେ ଗମ୍ଭୀର ହେଲେ । ତାଙ୍କର ମନେ ପଡ଼ିଲା ପ୍ରଥମେ ହରିହର ବସାଇଥିବା ବିଦ୍ୟାଳୟକୁ ଜାତି ଯିବା ଭୟରେ ବ୍ରାହ୍ମଣେ ପିଲା ପଠାଉ ନଥିଲେ । ଏବେ ସ୍କୁଲ୍ ବଡ଼ ହେଉ ଚାହୁଁଛନ୍ତି । ଲୋକଜଣକ କହି ଚାଲିଥାନ୍ତି ।

'ଆମରି ଗାଁରେ ଜନ୍ମ ହୋଇଥିଲେ ଆଦ୍ୟ ଜ୍ୟୋତି ହରିହର । ତାଙ୍କୁ କିଏ ନ ଜାଣେ । ତାଙ୍କର ସ୍ମୃତି ରକ୍ଷା ଲାଗି ତ ଏ ବିଦ୍ୟାଳୟ । ହେଲେ ବିଶ୍ୱନାଥପୁର ଗାଁ ବାଲାଏ ବି ଚାହାଁନ୍ତି ସେଠି ଏମ.ଇ. ସ୍କୁଲ୍ ହେବ ।'

ପୁଣି ଥରେ ମନେ ମନେ ହସିଲେ ମଧୁସୂଦନ – ଆହା ଏମାନେ ହରିହରଙ୍କ ଜୀବନ କାଳରେ ତାଙ୍କୁ ଏତିକି ଗୁରୁତ୍ୱ ଦେଇଥାନ୍ତେ ଭଲା ! ତାଙ୍କର ମନେ ପଡୁଥିଲା ହରିହରଙ୍କ ଚିକିତ୍ସା ଲାଗି ଅର୍ଥାଭାବ । ପୁଣି କୁଳୀନ ବ୍ରାହ୍ମଣମାନଙ୍କର ତାଙ୍କ ପ୍ରତି କ୍ରୋଧ । ସେ ତ ନିଜେ ଆଦ୍ୟ କୈଶୋରରେ ସ୍ୱପ୍ନ ଦେଖିଥିଲେ – ଜଣେ ବିରାଟ ପୁରୁଷ, ଜ୍ୟୋତିର୍ମୟ ଦେହଧାରୀ ଯାହାକୁ ଦେଖୁଛନ୍ତି ତା ଆଡ଼କୁ ଜ୍ୱଳନ୍ତ କାଠ ଖଣ୍ଡମାନ ଫିଙ୍ଗୁଛନ୍ତି । ତାଙ୍କ ମୁଖର ଉଦାତ୍ତ ଓଁ ଉଚ୍ଚାରଣରେ ଚାରିପାଖ ପ୍ରକମ୍ପିତ ହେଉଛି । ବଡ଼ ଦାଣ୍ଡରେ ଜ୍ୱଳନ୍ତ ଅବସ୍ଥାରେ ଧାଇଁ ଧାଇଁ ଶେଷରେ ସେ ନରେନ୍ଦ୍ରରେ ପ୍ରବେଶ କଲେ । ସେଠି ଚିର ଶାନ୍ତି ଲାଭ କଲେ। ପରେ ହରିହରଙ୍କୁ ହି ସେ ସେହି ବିରାଟ ପୁରୁଷ ବୋଲି ଧରି ନେଇଥିଲେ । ତେବେ ତାଙ୍କ ନାସ୍ତିକତା ଥିଲା ସମସ୍ୟା । ବୋଧହୁଏ ସେଦିନର ସେ ଜ୍ୱଳନ୍ତ କାଠ ଖଣ୍ଡ ଥିଲା ଜ୍ଞାନର ଅଗ୍ନି । ତାଙ୍କର କବି ସୁଲଭ ମସ୍ତିଷ୍କ ସେ ଘଟଣାକୁ ପ୍ରତୀକାତ୍ମକ ଭାବେ ଦେଖିଥିଲା ।

ଗାଁରେ ତାଙ୍କର ଭବ୍ୟ ସ୍ୱାଗତ କରାଇଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଡ଼ ଆପଣେ ମଧୁସୂଦନ ମିଶ୍ର । ତାଙ୍କ ନାଁ ଜାଣିବା ପରେ ପରିଦର୍ଶକ କହିଲେ' ଓହୋ ଆପଣ ବି ମଧୁସୂଦନ ?' ସ୍ୱଭାବତଃ ଗମ୍ଭୀର ଭକ୍ତ କବି ଏତିକି କହି ଅଳ୍ପ ହସିଲେ ପରିବେଶ ହାଲୁକା କରିବା ପାଇଁ ।



ଗାଁର ମୁରବୀମାନେ ଆସିବା ପୂର୍ବରୁ ସେ ପରିଦର୍ଶକଙ୍କୁ ବାସ୍ତବ ପରିସ୍ଥିତି ବିଷୟରେ ଅବଗତ କଲେ ବଡ଼ ଆପଣେ ମଧୁସୂଦନ 'ଗାଁରେ ଆପଣଙ୍କ ଆଗମନକୁ ନେଇ ବଡ଼ ଉତ୍ସାହ । ଏଠି ଭର୍ନାକୁଲାର୍ ସ୍କୁଲ୍ ତ ଥିଲା । ଏମ.ଇ. ସ୍କୁଲ୍ ପାଇଁ ବି ସମସ୍ତେ ଆଶାବାନ । ତେଣୁ ଅସ୍ଥାୟୀ ଭାବେ ବିଦ୍ୟାଳୟ ଖୋଲା ଯାଇ ପାଠ ପଢା ଚାଲିଛି ।'

'ଆଚ୍ଛା ଶୁଣିଥିଲି ନିକଟବର୍ତ୍ତୀ ଆଉ ଗୋଟିଏ ଗାଁ ର ଲୋକେ ମଧ ଏମ.ଇ. ସ୍କୁଲ୍ ପାଇଁ ଆଶା ରଖିଛନ୍ତି ? ତା ଛଡା ଏମ. ଇ. ସ୍କୁଲ୍ ପାଇଁ ସରକାରୀ ଗ୍ରାଣ୍ଟ୍ ତ ମାତ୍ର ବାର ଟଙ୍କା ଆଠଣା ।'

'ହଁ ଆଜ୍ଞା । ବିଶ୍ୱନାଥ ପୁରର ଲୋକେ ମଧ ସେ ଚିନ୍ତା କରୁଛନ୍ତି । ଆପଣ ଆସିଥିବା କଥା ଶୁଣି ସେମାନେ ହୁଏତ ଆସି ପାରନ୍ତି ।'

'ହେଲେ ଶ୍ରୀ ରାମଚନ୍ଦ୍ରପୁର ଲୋକେ ଏତେ ଦୂର ଆଗେଇ ଯିବା ପଛରେ କାରଣ ?'

'କାରଣ ଆଜ୍ଞା ଗୋପବନ୍ଧୁ ବାବୁ ଆଉ ହରିହରଙ୍କ ପବିତ୍ର ସ୍ମୃତି । ବାକି ଲୋକେ ଭାବୁଛନ୍ତି ଗାଁର ଗୋପୀନାଥ ଦାଶ ଡେପୁଟି ମାଜିଷ୍ଟ୍ରେଟ୍ । ସିଏ ବି ଏଥକୁ ସହାୟକ ହେବେ ।'

'ହଁ ଗୋପୀନାଥ ତ ଗୋପର ସହପାଠୀ ।'

ତହୁଁ ଉତ୍ତରରେ ବଡ଼ ଆପଣେ କହିଲେ, 'ମୁକ୍ତିଆର ରାମଚନ୍ଦ୍ର ଯେତେବେଳେ ଦୁହିଁଙ୍କୁ ପଚାରିଥିଲେ କଣ କରିବ ? ଗୋପୀନାଥ ଉତ୍ତର ଦେଇଥିଲେ, ଡ଼େପୁଟି ହେବି ହେଲେ ଗୋପବନ୍ଧୁ କହିଥିଲେ ଦେଶ କାମ କରିବି । କରୁଛନ୍ତି ।'

'ହଁ ଏ ବିଷୟରେ ମୁଁ ଶୁଣିଛି ।'

'ଦାସେ ଆପଣେ ପ୍ରତି ବର୍ଷ ହରିହରଙ୍କ ପୁଣ୍ୟ ତିଥିରେ ଏଠିକୁ ଆସନ୍ତି । ସଭା କରନ୍ତି । ତନ୍ମୟ ହୋଇ ତାଙ୍କ କଥା କହନ୍ତି । ବେଳେବେଳେ ପାଞ୍ଚ ସାତ ଦିନ ଗୋପୀନାଥଙ୍କ ଘରେ ରହି ଯାଆନ୍ତି । ମୋ ଭାଇ ଅନନ୍ତ, ନୀଳକଣ୍ଠ ଓ ହରି ସହିତ ମିଶି କେତେ ସେବାମୂଳକ କାମର ଯୋଜନା କରନ୍ତି ।

ହରିହରଙ୍କ କଥା ପଡିଥାଏ ନୀଳକଣ୍ଠ ଆସି ପହଁଚିଲେ । କହିଲେ, 'ହଁ ଦାସେ ଆପଣେ ହୁଅନ୍ତୁ କି ବଡ଼ ଆପଣେ ସମସ୍ତେ ହରିହରଙ୍କ ପୁଣ୍ୟ ସ୍ମୃତି ହୃଦରେ ଧାରଣ କରିଛନ୍ତି । ଦାସେ ଆପଣେ ତ ଫରଗୁସନ, ହାରୋ, ଇଟନ, ରଗବି କେତେ କଥା କହୁଛନ୍ତି । ହେଲେ ସବୁ ଶେଷରେ ହରିହର ।'

'ଆଚ୍ଛା ତା'ଙ୍କ ବଂଶରେ ଆଉ ସବୁ କିଏ ଅଛନ୍ତି ?' ପଚାରିଲେ ମଧୁସୂଦନ ।

'ପୋଷ୍ୟ ପୁତ୍ର ବନମାଳୀଙ୍କ ଛଡା ଆଉ କେହି ନ ଥିଲେ ।'

ତା ପରେ ନୀଳକଣ୍ଠ କହିଲେ, 'ତାଙ୍କ ପ୍ରତି ଦାସେ ଆପଣେଙ୍କର ଯେଉଁ ଭକ୍ତି- ମଧୁସୂଦନ ଜାଣିଥିଲେ, ତେବେ ଗୋପ ବିଷୟରେ ନୀଳକଣ୍ଠ ଠାରୁ ଶୁଣିବାର ଆଗ୍ରହ ତାଙ୍କର ଥିଲା ।

'ଦିନେ ଦାସେ ଆପଣେଙ୍କ ସହ ମୁଁ ଓ ହରିଭାଇନା ତାଙ୍କ ଗାଁ ସୁଆଣ୍ଡୋରୁ ବାହାରିଲୁ । ଏହାର ଅଳ୍ପ ଆଗରୁ ସେ ପଣ୍ଡିତ ହରିହର ଆମ ଗାଁର ବୋଲି ଜାଣିଥାନ୍ତି । ତେଣୁ କୁଆଁର ପୂନେଇଁ ରେ ତାଙ୍କ ଜୟନ୍ତୀ ସଭା କରନ୍ତି । ସେଦିନ ବି କୁଆଁର ପୂନେଇଁ । ଭାର୍ଗବୀ ପାରି ହୋଇ ବରାଳ ବାଟେ ସତ୍ୟବାଦୀ ଆସୁଥିଲୁ । ବାଟରେ ଦେଖିଲୁ ଦୁଇ ଜଣ ହଳିଆଙ୍କ ଭିତରେ ଘମାଘୋଟ କଳି । ଦୁହେଁ ହାତ ଉଠାଉଠି ହେବା ଉପରେ । ହୁଏତ ଆମେ ନଥିଲେ ମାରପିଟ ଆରମ୍ଭ ହୋଇ ଯାଇଥାନ୍ତା ।'

ଆପଣେ କହିଲେ, 'ରୁହ ରୁହ । ଟିକେ ଦେଖି ଯିବା ଝଗଡା କଣ ପାଇଁ ।'

ମୁଁ କହିଲି, 'ନା ଚାଲନ୍ତୁ । ତେଣେ ଆମ ପହଁଚିବା ଡେରି ହେବ ।'

ସେ ଅଟକିଲେ । କହିଲେ 'blessed are the peace makers'କଳି ନ ତୁଟେଇ ଚାଲିଯିବା ଠିକ୍ ନୁହେଁ । ଯଦି ଆମେ ଆମ ପାଖଲୋକଙ୍କ ଭିତରେ ଶାନ୍ତି ପ୍ରତିଷ୍ଠା କରି ନପାରିବା ତେବେ ବଡ଼ବଡ଼ କଥା କହି ଲାଭ କଣ ?'

ଜଣକୁ ପଚାରିଲେ, 'ତୁମ ଦୁହିଙ୍କ ସମ୍ପର୍କ କଣ ?'

'ଆମେ ଦୁହେଁ ଦି ଭାଇ ।'

'ତୁମ ଭିତରେ କଳି କାହିଁକି ?'

'ସେ ମୋ ଆଡ଼କୁ ହିଡ ମଡ଼େଇ

ଦେଇଛି ।'

'ନା ଆପଣେ ! ମୁଁ ନୁହେଁ ସେ ଏମିତି କରିଛି ।'

'ନା ଆପଣେ ! ହିଡ କଟି କରିବା ବାହାନାରେ ସେ ଏପରି କରିଛି । ଦେଖନ୍ତୁ ।'

'ତା ପରେ ଆମେ ସମସ୍ତେ ବସିଲୁ । ଘଣ୍ଟାଏ କାଳ ଧରି ଦୁଇ ଭାଇଙ୍କ କଥା ବିସ୍ତାରରେ ଶୁଣିଲୁ । ଶେଷରେ ଦୁହେଁ ବୁଝିଲା ଭଳି ନ୍ୟାୟ ସାରି ଫେରିଲୁ । ବାଟରେ ହେଲା ଅସରାଏ ସରିକି ଓଳିଗଡା ବର୍ଷା । ସମସ୍ତେ ଓଦା ।'

'ଆଉ ସଭା ?' ପଚାରିଲେ ମଧୁସୂଦନ ରାଓ ।

'ଆମେ ତ ପାଂଚିଥିଲୁ ଆଉ ସଭା ହେବନି । ହେଲେ ଦାସେ ଆପଣେ ଅଟଳ । ସାକ୍ଷୀଗୋପାଳ ଡାକ୍ତରଖାନା ପୋଖରୀରେ ତିନିହେଁ ଗାଧୋଇଲୁ । ସେତେବେଳକୁ ଭୋକରେ କରଡି ଜଳୁଛି । ଓଦା ଲୁଗା ପାଲଟି ସତ୍ୟବାଦୀ ମନ୍ଦିର ଗଲୁ । ସେଠୁ ମହାପ୍ରସାଦ କିଣି ନେଇ ଗାଁରେ ଖାଇଲୁ । ଆଉ ସେଦିନ ଦାସେ ଆପଣେଙ୍କର କି ଭାଷଣ ? କଂଠ ବାଷ୍ପରୁଦ୍ଧ, ଆଖି ଛଳଛଳ, ଓଠ ପ୍ରକମ୍ପିତ । ଯେମିତି ହରିହରଙ୍କ ଆତ୍ମା ତାଙ୍କ ଉପରେ ସବାର ।'

'ହଁ ସେଦିନ ଗୋପବାବୁଙ୍କ ଭାଷଣ ଶୁଣି ହରିହରଙ୍କୁ ମନେ ପକାଇ ଆଖି ଛଳଛଳ କରିଥିଲେ ଗାଁର ବୁଢା ବୁଢା ମାନେ ।'

ସେଦିନ ନିଜ ଆଡୁ ମନେ ପକାଇଲେ ବଡ଼ ଆପଣେ ।

ମଧୁସୂଦନ ଦେଖିଲେ ଯେ ପ୍ରସ୍ତାବିତ ଏମ.ଇ. ସ୍କୁଲ୍‌ରେ ହରିହରଙ୍କ ସ୍ମୃତି ପାଇଁ ଯତ୍ନ କରାଯାଇଛି । ଗ୍ରାମ ଲୋକେ ସ୍ଥାନୀୟ ଅଂଚଳରୁ ବହିମାନ ସଂଗ୍ରହ କରି ଯେଉଁ ପାଠାଗାର ସ୍ଥାପନ କରିଛନ୍ତି ତା'ର ନାମ ଦେଇଛନ୍ତି ହରିହର ପାଠାଗାର । ଗ୍ରାମରେ ନୀଳକଣ୍ଠ, ହରିହର, ଅନନ୍ତଙ୍କ ପରି ଅଙ୍ଗୀକାର ବଦ୍ଧ ଯୁବକ ବି ଅଛନ୍ତି । ସର୍ବୋପରି ଏ ସମସ୍ତଙ୍କ ପଛରେ ଅଛି ଗୋପ ପରି ଦ୍ରଷ୍ଟାର ସ୍ୱପ୍ନ ଓ ସଂକଳ୍ପ । ସେଦିନର ପୁରୀ ଜିଲ୍ଲା ସ୍କୁଲର ବିବଦମାନ ଛାତ୍ର ଗୋପ ଭିତରୁ ଧୀରେଧୀରେ ଫୁଟି ଦିଶୁଛି ଜଣେ ଜନନାୟକ ରୂପ । ସର୍ବାଙ୍ଗ ଭାବେ ବିକଶିତ ହେବାକୁ ଚାହୁଁଥିବା ଜଣେ ବ୍ୟକ୍ତିର ସଂକଳ୍ପ ।

ଏହି ଭଳି ଅନେକ କଥା ଭାବୁଥିବା ଭିତରେ ମଧୁସୂଦନ ମିଶ୍ର ତାଙ୍କୁ ଜଣାଇଲେ ଯେ ବିଶ୍ୱନାଥ ପୁରର କିଛି ମୁରବି ସ୍ଥାନୀୟ ଲୋକ






ଆସିଛନ୍ତି । ସେମାନେ ମଧ ତାଙ୍କ ଗାଁରେ ମଧ ଇଂରାଜୀ ବିଦ୍ୟାଳୟ ଖୋଲିବା ସପକ୍ଷରେ । ଭକ୍ତ କବି ପରିଦର୍ଶନରେ ଆସିଥିବାରୁ ତାଙ୍କୁ ସାକ୍ଷାତ କରି ମନୋଭାବ ଜଣାଇବାକୁ ଚାହାନ୍ତି ।

ମଧୁସୂଦନ ପଚାରନ୍ତି, 'ଆପଣମାନେ କଣ ଚାହାନ୍ତି ।'

'ଆମେ ଚାହୁଁ ପ୍ରସ୍ତାବିତ ବିଦ୍ୟାଳୟ ଆମ ଗାଁରେ ହେଉ ।'

'ସରକାରଙ୍କ ତରଫରୁ ଏ ଅଞ୍ଚଳ ପାଇଁ ତ ଗୋଟିଏ ମଧ ଇଂରାଜୀ ବିଦ୍ୟାଳୟର ବ୍ୟବସ୍ଥା ଅଛି ।'

'ତା ହେଲେ ତାହା ଆମ ଗାଁ ରେ ହେଉ ।'

'ଏଠି ତ ଏମାନେ ବିଧିବଦ୍ଧ ଭାବେ ବିଦ୍ୟାଳୟ ଆରମ୍ଭ କରି ସାରିଛନ୍ତି ।'

'ଆପଣଂକ ବିନା ଅନୁମତିରେ ଖୋଲିଛନ୍ତି । ମଞ୍ଜୁରୀ ନହେଲା ପର୍ଯ୍ୟନ୍ତ ବିଦ୍ୟାଳୟ ତ ନାଁ କୁ ମାତ୍ର ।'

'ତେବେ ଏଠାରେ ଭିତ୍ତି ଭୂମି ପ୍ରସ୍ତୁତ ହୋଇ ଅଛି ।'

ଏକଥାର ଉତ୍ତରରେ ବିଶ୍ୱନାଥ ପୁରରୁ ଆସିଥିବା ଲୋକେ ସମସ୍ୱରରେ କହିଲେ, 'ଆମେ ମଧ ତୁରନ୍ତ ଭିତ୍ତି ଭୂମି ପାଇଁ ସବୁ ଯୋଗାଇ ଦେବୁ । ଆମ ଗାଁରେ ଜାଗାର ଅଭାବ ନାହିଁ, ଆଉ ଉତ୍ସାହ ତ ଆପଣ ଦେଖୁଛନ୍ତି । ଆମେ ପ୍ରତିନିଧି ରୂପେ ଗାଁରୁ ଆସିଛୁ । ନଚେତ ସାରା ଗାଁର ପିଲା ପିଚିକା ଆସି ପାରିଥାନ୍ତେ ।'

ଏ କଥାରେ ବଡ଼ ଆପଣେ ମଧୁସୂଦନ ମିଶ୍ର କହିଲେ, 'ଆମେ ଉଭୟେ ପାଖାପାଖି ଗାଁର ଲୋକ । ଯେଉଁଠି ହେଲେ ବିଦ୍ୟାଳୟ ହେଉ ।'

ତହୁଁ ଆରପାଖର ଜଣେ ମୁରବି କହିଲେ, 'ତା ହେଲେ ଆପଣ ମଞ୍ଜୁରୀ ଆଗରୁ ସ୍କୁଲ୍ ଚଳାଇଲେ କାହିଁକି ।'

'ପାଠ ତ ପଢାଉଛୁ ଆଉ କିଛି ତ କରୁ ନାହୁଁ ।' ଜବାବ ଦେଲେ ମଧୁ ମିଶ୍ର ।

'ଆମେ କଣ ଦୁଇ ଶାସନ ଗାଁର ଲୋକେ ପରସ୍ପର ଭିତରେ ଝଗଡା କରିବା ? ଆମ ଅଞ୍ଚଳକୁ ଓଡ଼ିଶାର ଏଡ଼େ ବିଖ୍ୟାତ ଲୋକ ଆସିଛନ୍ତି ତାଙ୍କର ଆମମାନଙ୍କ ଉପରେ କଣ ଧାରଣା ହେବ ? ଶାସନ ଗାଁ ଗୁଡିକରେ ସଂସ୍କାର ନାହିଁ ବୋଲି ସେ ମନେ କରିବେ ।'

ଆର ପାଖରୁ ଉତ୍ତର ଆସିଲା, 'ଏଇ ବାହାନା କରି ତୁମ ଗାଁ ବାଲାଏ ସ୍କୁଲ୍‌କୁ ନିଜ ଗାଁରେ କରାଇ ନେବାକୁ ଚାହୁଁଛ ନା ?'

ହଠାତ ଉଭୟ ପକ୍ଷ ଭିତରେ ସଚେତନତା ଆସିଲା ଇନ୍‌ସପେକ୍ଟର ଚୁପ୍‌ଚାପ୍ ବସିଛନ୍ତି । ମଧୁସୂଦନ ସେତେବେଳକୁ ଏମାନଙ୍କ କଳି ଶୁଣିବା ଭିତରେ ଅନ୍ୟମନସ୍କ ହୋଇ ପଡ଼ିଥିଲେ । ମନେ ପଡି ଯାଇଥିଲା ଗୋପ ତାଙ୍କ ପୁତୁରା ରଘୁନାଥ ସହ ଥରେ ଘରକୁ ଆସିଥିବା କଥା । ସାଙ୍ଗରେ ବ୍ରଜସୁନ୍ଦର ଥାଏ ନା କଣ । କେନ୍ଦ୍ରାପଡ଼ା ଅଞ୍ଚଳର

ବଡ଼ି କାମରେ ଦିହେଁ କାଇଲା ହୋଇ ଯାଇଥାନ୍ତି । ସେମାନଙ୍କ କାମ ମଧ୍ୟ ଚାରିଆଡେ ଚହଳ ପକାଇଥାଏ । ଗୋପର କାନ୍ଦ ବିଷୟରେ ଚାରିଆଡେ ଚର୍ଚ୍ଚା ହେଉଥାଏ । ହେଲେ ମଧୁସୂଦନ ଏପରି ଅଶ୍ରୁପାତକୁ ଏକ ସାତ୍ତ୍ୱିକ ଗୁଣ ଭାବେ ଦେଖୁଥାନ୍ତି । ଗରିବ, ବାସହରା,ଉପାସୀ,ସର୍ବହରାଙ୍କ ସହ ନିଜକୁ ଏକାତ୍ମ ନକଲେ ଏପରି ଲୁହ ନିଗିଡ଼ିବ ନାହିଁ । ହଁ ଭଲ ଭାଷଣ ହୋଇପାରେ । ସେଦିନ ଗୋପ ବଢ଼ି ବିଷୟରେ କିଛି କହିବ ବୋଲି ସେ ଆଶା କରୁଥିଲେ । ଆଉ ନିକଟରେ ତା'ର ପତ୍ନୀ ବିୟୋଗ ଘଟିଥିବାରୁ ସେ ପଚାରିଥିଲେ 'ଆଉ ଘରେ ପିଲାମାନେ ଭଲ ଅଛନ୍ତି ତ ?'

'ସବୁ କର୍ତ୍ତାଙ୍କ ବରାଦ' କହି ଗୋପ କଥା ଏଡ଼ାଇ ଯାଇଥିଲା ।

ବରଂ କଥା ମୋଡ଼ ନେଇଥିଲା ଶିକ୍ଷା ଆଡ଼କୁ ।

'ଅଶିକ୍ଷା ହେଉଛି ସବୁ ଅନର୍ଥର କାରଣ ।'

'ହଁ ଗୋପ ।'

'ସେଥିପାଇଁ କେତେ ଚେଷ୍ଟା କରି ନଥିଲେ ହରିହର ।'

'ହଁ ଗୋପ ସେ ତ ବିରଳ ତ୍ୟାଗୀ ପୁରୁଷ ଥିଲେ ।'

'ହେଲେ ତାଙ୍କ ସ୍ମୃତି ରକ୍ଷା ହୋଇପାରିଲା କି ?'

'ନା । ବଙ୍ଗ ପ୍ରଦେଶ ହୋଇଥିଲେ କେତେ କଣ ହୋଇଥାନ୍ତା ।'

'ମୋର ଭାରି ଇଚ୍ଛା ତାଙ୍କ ସ୍ମୃତିରେ ବିଦ୍ୟାଳୟ ଟିଏ ହୁଅନ୍ତା ।'

'ସେ ପରା ମୋର ଗୁରୁ । ମୁଁ ବି ଏପରି ହେଲେ ଖୁସି ହୁଅନ୍ତି ।'

ସେଦିନ ନାନାଦି କଥା ଭିତରେ ସମୟ ଗଡି ଯାଇଥିଲା । ମଧୁସୂଦନ ଜାଣନ୍ତି ଗୋପକୁ ଗଢ଼ିବାରେ ଦୁଇ ଜଣଙ୍କର ପ୍ରେରଣା ଅଛି । ଜଣଙ୍କ ପ୍ରେରଣା ଦୃଶ୍ୟମାନ ସେ ହେଲେ ମୁକ୍ତିଆର ରାମଚନ୍ଦ୍ର । ଆଉ ଜଣଙ୍କ ହରିହରଙ୍କ ଜୀବନ । ତାଙ୍କୁ ଗୋପ ସଶରୀରେ ଦେଖିନାହିଁ । ହେଲେ ତାଙ୍କ ତ୍ୟାଗର ଅଗ୍ନିରେ ସେ ବାଟ ଦେଖୁଛି । ସେଥିପାଇଁ ସେ ଅଳ୍ପ ସମୟ ତଳେ ଗୋପର ମୁକୁରରେ ପ୍ରକାଶିତ କବିତାଟି ମନେ ପକାଉଥିଲେ । କବିତାଟି ହରିହର ଦାଶଶର୍ମା ଶୀର୍ଷକରେ ଲେଖା ଯାଇଥିଲା ।

'ଆହେ । ହରିହର ! ସୁଯୋଗ୍ୟ କୁମର
ଥିଲ ଉତ୍କଳ ମାତାର,
କି ମଙ୍ଗଳ କ୍ଷଣେ ଉତ୍କଳ ଭୁବନେ
ହେଲା ତୁମ୍ଭ ଅବତାର ।
ସମାଜ ଦୁର୍ଗତି ସମୟର ଗତି
ବୁଝିଥିଲ ତୁମ୍ଭେ ଏକା,
ସଂସ୍କାର ବାସନା ସାଧୁ ପ୍ରାଣେ ସିନା
ତେଣୁ ଦେଇଥିଲା ଦେଖା ।
କେତେ ଉଚ୍ଚ ଭାବ ଲଭିଥିଲା ଠାବ
ତୁମ୍ଭ ଉଦାର ହୃଦୟେ,
କି କଲା ଦଇବ କେ ତାହା ସହିବ
ଚାଲିଗଲ ଅସମୟେ ।
ମୂକ ହୋଇକରି ଆଜି ଯାଏ ହରି
ଯେବେ ରହିଥାନ୍ତ ବଂଚି
ଓଡ଼ିଆଙ୍କ ହାତେ ଦେଇଥାନ୍ତ ସତେ
ଉନ୍ନତି ଭଣ୍ଡାର କଂଚି ।
ନବ୍ୟ ପୁରାତନ ରୁଚି ସମ୍ମିଳନ
କରିବ ଏବେ କିଏ ସେ ?
ଉତ୍ସାହ ଉଦ୍ୟମ ସାହସ ଅଦମ୍ୟ
କାହିଁ ଏ ଉତ୍କଳ ଦେଶେ ?
ପାଂଚିଥିଲ ମନେ ତେଜିବେ ବ୍ରାହ୍ମଣେ
ଯେବେ ଚିର କୁସଂସ୍କାର,
ଅନ୍ୟ ଯେତେ ଜାତି ଉଠିବେ ଝପଟି
ହେବ ଉନ୍ନତି ପ୍ରଚାର ।

କବିତାଟି ମନେ ପକାଇବା ବେଳେ ମଧୁସୂଦନଙ୍କ ଆଖି ଛଳଛଳ ହୋଇଥିଲା । ଗୋପର କାବ୍ୟ ଭାଷାରେ ଥିବା କାରୁଣ୍ୟ ତାଙ୍କ ସ୍ଥିତପ୍ରଜ୍ଞତାକୁ ଚହଲାଇ ଦେଇଥିଲା । ହରିହରଙ୍କ କରୁଣ ମରଣ ସେ ଦେଖିଥିଲେ । କିନ୍ତୁ ଗୋପ ତାକୁ କବିତାରେ ପ୍ରାଣବନ୍ତ କରିଥିଲା । ଶେଷରେ ସଭ୍ୟ ଶିକ୍ଷିତଙ୍କୁ ବିଦ୍ରୂପ କରି ଲେଖିଥିଲା-

'ଉତ୍କଳ ମଣ୍ଡଳେ ନବ୍ୟ ସଭ୍ୟ ଦଳେ / ସର୍ବେ ଆଜି ସ୍ୱାର୍ଥ ପର
ଆସ ହରିହର ପଣ୍ଡିତ ପ୍ରବର / ସମାଜ ସଂସ୍କାର କର ।'

ଆଜି ଦୁଇ ବ୍ରାହ୍ମଣ ଶାସନର ଏ ଦ୍ୱନ୍ଦ୍ୱ ଦେଖି ମଧୁସୂଦନଙ୍କର ପୁଣି ମନେ ପଡ଼ିଲେ ହରିହର । ସେ ଏ ଯାଏ ନିରବ ଥିଲେ । ଏବେ ଉଭୟ ଗ୍ରାମବାସୀଙ୍କୁ ସମ୍ବୋଧନ କରି କହିଲେ-

'ଭାଇମାନେ ! ଉଭୟ ଗ୍ରାମବାସୀଙ୍କ ମନରେ ବିଦ୍ୟାଳୟ ପ୍ରତିଷ୍ଠାକୁ ନେଇ ଥିବା ଆଗ୍ରହ ସମସ୍ତଙ୍କର ଶିକ୍ଷା ପ୍ରତି ଆଗ୍ରହକୁ ସୂଚାଉଛି । ମୋର ଗୁରୁ ପଣ୍ଡିତ ହରିହରଙ୍କ ପ୍ରତି ଏ ବିଦ୍ୟାଳୟରେ ଶ୍ରଦ୍ଧା ଲୁଚି ରହିଛି । ସେ ତ କେବଳ ଏ ଗାଁର ନଥିଲେ ଥିଲେ ସାରା ଅଞ୍ଚଳର , ସାରା ଓଡ଼ିଶାର । ଏ ବିଦ୍ୟାଳୟ ସତ୍ୟବାଦୀରେ ପ୍ରତିଷ୍ଠିତ ହେଲେ ଏହାର ମୂଲ୍ୟ ବଢ଼ିବ । ସାକ୍ଷୀଗୋପାଳ ଦେଉଳ ପଛ ତୋଟାରେ ଏ ବିଦ୍ୟାଳୟ ପ୍ରତିଷ୍ଠିତ ହେଉ ବୋଲି ମୁଁ ମତ ଦେଉଛି ।'

ପରିଦର୍ଶକଙ୍କ ଏ ମତ ଉଭୟ ଗ୍ରାମବାସୀଙ୍କୁ ଚକିତ ଓ ସହମତ କରାଇଲା । ସତ୍ୟବାଦୀର ଐତିହ୍ୟକୁ ନେଇ ଉଭୟ ଗାଁ ଗର୍ବ କରନ୍ତି । ତେଣୁ ଏ ପ୍ରସ୍ତାବ ଉଭୟ ଗାଁର ଲୋକମାନଙ୍କୁ ଖୁସି କରିବାରେ ସମର୍ଥ ହେଲା । ବିଦ୍ୟାଳୟର ନାଁ ରଖାଗଲା ଭିକ୍ଟୋରିଆ ମଧ୍ୟ ଇଂରାଜୀ ବିଦ୍ୟାଳୟ । କଥା ପଡିଲା ମୌଖିକ ଭାବେ ପ୍ରଧାନ ଶିକ୍ଷକ କିଏ ହେବେ । ସମସ୍ତେ କହିଲେ 'ଯେଉଁ ବଡ଼ ଆପଣେ ଶ୍ରୀ ରାମଚନ୍ଦ୍ର ପୁରରେ ବିଦ୍ୟାଳୟ ଚଳାଉଥିଲେ ସେ ହିଁ ହେଡ ପଣ୍ଡିତ ହେବେ । ଏଥିରେ କାହାରି ଦ୍ୱିମତ ନଥିଲା ।

ସେ ଦିନ ଉଭୟ ଗାଁ ମଧ୍ୟରେ ଯେ ଆନନ୍ଦ ଲହରୀ ଖେଳିଗଲା ତା ନୁହେଁ ସତ୍ୟବାଦୀର ଛୋଟ ବଜାରଟିରେ ମଧ୍ୟ ଖେଳିଗଲା ଶିହରଣ । ଲୋକେ ଏହାକୁ ସତ୍ୟବାଦୀର ଆଗାମୀ ବିକାଶର ଆରମ୍ଭ ବିନ୍ଦୁ ବୋଲି ମନେ କଲେ । ଗୋପବନ୍ଧୁ ଓ ତାଙ୍କର ସଂଗୀମାନେ ଯେ ଏଠି ନୂଆ କିଛି କରିବାକୁ ଚାହାନ୍ତି ଏ କଥା ସମସ୍ତଙ୍କର ହୃଦ୍‌ବୋଧ ହେଲା । ଦେଉଳ ପାଖରେ ଠିଆ ହୋଇ ଦୁଇଜଣ ଲୋକ କଥା ହେଉଥିଲେ-

'ଏଣିକି ପଛ ପଟ ଅପନ୍ତରାରେ ପିଲାଙ୍କ ଗହଳି ଶୁଭିବ ।'

'ହଁ ହେ । କୋଉଠି ଇସ୍କୁଲ୍ ହେବ କେତେ ପାଲା ଲାଗିଥିଲା । ଦି ଗାଁ ଅଡ଼ି ବସିଥିଲେ । ଏବେ ସଭିଏଁ ଖୁସି ।'

'ହଁ ଯୋଉଥିରେ ସବୁରି ଭଲ ତାହା ହିଁ ଭଲ ।'

'ହେଲେ ମାନିବାକୁ ପଡ଼ିବ ଭକ୍ତକବିଙ୍କୁ । ଯୋଉ କଥା କୁରାଢ଼ୀରେ ଛିଡିବନି ଲାଗୁଥିଲା ସିଏ ତାକୁ ନଖରେ ଛିଡାଇ ଦେଲେ ।'

ଶେଷରେ ୧୨-୮-୧୯୦୯ରେ ଭିକ୍ଟୋରିଆ ମଧ୍ୟ ଇଂରାଜୀ ବିଦ୍ୟାଳୟର ଶୁଭ ଦିଆଗଲା । ଶ୍ରୀରାମଚନ୍ଦ୍ର ପୁରରୁ ଚୌକି, ଟେବଲ, କଳାପଟା ଠାରୁ ଆରମ୍ଭ କରି ପେନ୍‌ସିଲ କଟା ଛୁରୀ ପର୍ଯ୍ୟନ୍ତ ସତ୍ୟବାଦୀକୁ ଆସିଲା । ଉଣେଇଶ ଜଣ ଛାତ୍ରଙ୍କୁ ନେଇ ଆରମ୍ଭ ହେଲା ବିଦ୍ୟାଳୟ । ଶୁଭ ଦିଆ ଉତ୍ସବରେ ଗୋପବନ୍ଧୁଙ୍କ ସମେତ ସଦ୍ୟ ବି.ଏ. ପାଶ କରିଥିବା ନୀଳକଣ୍ଠ ମଧ୍ୟ ଅଂଶଗ୍ରହଣ କରିଥିଲେ । ହରିହରଙ୍କ ପବିତ୍ର ସ୍ମୃତି ପୀଠରେ ଗୋପବନ୍ଧୁଙ୍କ କଳ୍ପନା ଓ ଯୋଜନା ମୁତାବକ ଆରମ୍ଭ ହେଲା ବିଦ୍ୟାଳୟର ଆଦି ରୂପ ।

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



**ଜୟନ୍ତୀ ରଥ**

'ସାଇସୁଧା', ୩୭୫/୩୦୨୫, ଶିଶୁ ବିହାର,
ପଟିଆ ଛିଟ, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬

ଫଟୋ ସୌଜନ୍ୟ : ଭାରତୀ ପାଲ, ଶୁଚିସ୍ମିତା ମନ୍ତ୍ରୀ

# (୫) ପ୍ରଜ୍ଞାପୀଠରେ ତେତିଶ ବର୍ଷ

'ପ୍ରଜ୍ଞାପୀଠରେ ତେତିଶ୍ୱର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।



▲ ଲେଖିକା ଜୟନ୍ତୀ ରଥ

ପ୍ରତିବର୍ଷ ମକର ସଂକ୍ରାନ୍ତି ତିଥିରେ ବେବି ସ୍ମରଣ କରେ ଓ ପ୍ରଣାମ କରେ ଜଣଙ୍କୁ । ସେ ହେଉଛନ୍ତି ଐତିହାସିକ, ପ୍ରତ୍ନତତ୍ତ୍ୱବିଦ୍ ଡକ୍ଟର ରମେଶ ପ୍ରସାଦ ମହାପାତ୍ର । ମାତ୍ର ଚଉବନ ବର୍ଷ ବୟସରେ ତାଙ୍କର ଅକାଳ ମୃତ୍ୟୁ ତାଙ୍କ ପରିବାର ପାଇଁ, ସଂଗ୍ରହାଳୟ ପାଇଁ, ସର୍ବୋପରି ଓଡ଼ିଶା ପାଇଁ ଥିଲା ଏକ ଅପୂରଣୀୟ କ୍ଷତି । ଈଶ୍ୱର ତାଙ୍କୁ ସୁନ୍ଦର ଆକୃତି ଦେଇଥିଲେ । ସତୀ, ସାଧ୍ୱୀ, ସୁନ୍ଦରୀ ପତ୍ନୀ ଦେଇଥିଲେ । ଉତ୍ତରାଧିକାର ସୂତ୍ରରେ ସେ ବିସ୍ତର ଭୂସଂପତ୍ତିର ଅଧିକାରୀ ଥିଲେ । ଚାରିଟି ସୁନ୍ଦର ପୁଅ ଝିଅଙ୍କର ପିତା ଥିଲେ ସେ । ରାଜ୍ୟ ସଂଗ୍ରହାଳୟର ପ୍ରତ୍ନତତ୍ତ୍ୱ ବିଭାଗର ସଂଗ୍ରହାଧ୍ୟକ୍ଷ ପଦବୀରେ ଥିବାରୁ ବହୁ ବଡ଼ ବଡ଼ ପ୍ରତ୍ନତତ୍ତ୍ୱବିଦ୍‌ଙ୍କ ସାନ୍ନିଧ୍ୟ ପାଇଥିଲେ ସେ । ଓଡ଼ିଶାର କୋଣ ଅନୁକୋଣରେ ଥିବା ପ୍ରତ୍ନ ସଂପଦକୁ ନେଇ ମୂଲ୍ୟବାନ ଗ୍ରନ୍ଥ ରଚନା କରିଥିଲେ । ମାତ୍ର ବିଧାତା ତାଙ୍କୁ ଆୟୁ ଦେଇ ନଥିଲେ । ରାତିରେ ପେଟରେ ଯନ୍ତ୍ରଣା ଅନୁଭବ କଲେ । ସଙ୍ଗେ ସଙ୍ଗେ ହସ୍‌ପିଟାଲ୍‌କୁ ନିଆଗଲା । ଦିନକ ପରେ ଜୀବନ ଦୀପ ଲିଭିଗଲା । ଅତି ଆକସ୍ମିକ, ଅତି ଦାରୁଣ ଥିଲା ସେଇ ସମ୍ବାଦ ।

ତାଙ୍କ ଘର ସାମ୍ନା ଦେଇ ବେବି ତା ଘରକୁ ଫେରେ । ସେଦିନ ଅପରାହ୍ନ । ସେ ଚାଲୁଥିଲେ ଆଗେ ଆଗେ । ବେବି ତାଙ୍କର କେତେ ହାତ ପଛରେ ଥିଲା । ଭାବିଲା ଟିକିଏ ଜୋର୍‌ରେ ଚାଲିଲେ ସେ ତାଙ୍କୁ ଟପିଯିବ । ଚେଷ୍ଟା କଲା ଯଥା ସମ୍ଭବ, ହେଲା ନାହିଁ । ସେ ଗେଟ୍ ଖୋଲି ତାଙ୍କ ଘର ଭିତରକୁ ଗଲେ, କିଛିକ୍ଷଣ ପରେ ସେଇ ଘର ଆଡ଼କୁ ଚାହିଁ ବେବି ମନକୁ ମନ କହିଥିଲା- ଆପଣଙ୍କ ଠୁ ହାରିଗଲି । ସେଇ ହାରିଯିବାର ଅନୁଭୂତି କେବେ ଦିନେ ସେ ଏକାଠି ବସିଲା ବେଳେ ବଖାଣିଥାନ୍ତା । ସେ ସୁଯୋଗ ଜୁଟିଲା ନାହିଁ ।

ତିନି ଦଶନ୍ଧିରୁ ଅଧିକ ସମୟ ବିତିଗଲାଣି । ଏବେ ବି ବିଶ୍ୱାସ କରିବାକୁ କଷ୍ଟ ହୁଏ ବେବିକୁ । କେମିତି ଚାଲିଗଲେ ରମେଶ ବାବୁ । ଏମିତି କ'ଣ କେହି ଯାଏ ? ଅଫିସ୍‌ରେ ରମେଶ ବାବୁଙ୍କ ଅନୁପସ୍ଥିତି ବହୁଦିନ ଯାଏଁ ବେବିକୁ ଶୋକାର୍ତ୍ତ କରି ରଖିଥିଲା । କେତେ କଷ୍ଟ ହୋଇଥିଲା ତାକୁ ମାନିନେବାକୁ ଡକ୍ଟର ମହାପାତ୍ରଙ୍କ ଦେବୀପ୍ରତିମା ପରି ଲାବଣ୍ୟମୟୀ ପତ୍ନୀଙ୍କ ବିଧବା ରୂପ ! ରୋଷେଇବାସ, ବାଡ଼ିବଗିଚା, ଘର କାମ ଏସବୁ ଛଡ଼ା ଆଉ କିଛି ସେ ଜାଣି ନଥିଲେ ସଂସାର ବିଷୟରେ । ଏକାବେଳକେ ଓଲଟି ପଡ଼ିଲା ପୃଥିବୀ । ଚାରିଟି ପିଲା । କେହି ପାରି ନଥିଲେ । ଈଶ୍ୱର ଅସହଣୀୟ ଦୁଃଖ ଦେଲେ । ଦୁର୍ଦ୍ଦିନ ସାମ୍ନା କରିବାକୁ ମନରେ ସାହସ ଦେଲେ । ଦମ୍ଭ ଦେଲେ । ସେ ଅଣ୍ଟା ସଳଖି ଠିଆ ହେଲେ । ପିଲାମାନଙ୍କୁ ମଣିଷ କରିବାର ସଂକଳ୍ପ ନେଇ । ମଝିରେ ମଝିରେ ସ୍ୱପ୍ନରେ ଆସୁଥିଲେ ସ୍ୱାମୀ । କେଉଁଠି କ'ଣ ଦରକାରୀ କାଗଜପତ୍ର ଥିଲା । ପାସ୍‌ବୁକ୍ ଥିଲା ସବୁ ସୂଚେଇ ଦେଇ ଯାଉଥିଲେ । ଶ୍ରୀମତୀ ମହାପାତ୍ରଙ୍କର ଏଇ ଅନୁଭୂତି ସବୁ ତାଙ୍କ ଆତ୍ମୀୟସ୍ୱଜନଙ୍କ ଠାରୁ ଶୁଣି ଆଶ୍ଚର୍ଯ୍ୟ ଚକିତ ହୋଇ ଉଠୁଥିଲା ବେବି ।

ଜୀବନରେ ଅତ୍ୟନ୍ତ ନିୟମାନୁବର୍ତ୍ତୀ ଥିଲେ ରମେଶ ବାବୁ । ସଂଗ୍ରହାଳୟ ଖୋଲିବା ସମୟ ପୂର୍ବାହ୍ନ ଦଶଟା । ନଅଟା ପଞ୍ଚାବନ ମିନିଟ୍‌ରେ ତାଙ୍କ ରୁମ୍ ଆଗରେ ଗ୍ରିଲ୍‌ରେ ହାତ ଦେଇ ଠିଆ ହେଉଥିଲେ । ନିଘା ରଖୁଥିଲେ କିଏ କେତେବେଳେ ଆସୁଛନ୍ତି । ତାଙ୍କ ରୁମ୍‌ରେ ବେବି ପ୍ରଥମେ ଦେଖିଥିଲା ରିଭଲ୍‌ଭିଙ୍ଗ୍ ବୁକ୍ ସେଲ୍‌ଫ୍ । ଚଉକିର ବସି ସେଲ୍‌ଫ୍‌କୁ ବୁଲେଇ ବୁଲେଇ ବହି କାଢୁଥିଲେ । ପଢୁଥିଲେ, ଲେଖୁଥିଲେ । ବିଶିଷ୍ଟ ପରିଦର୍ଶକ ବୁଲିବାକୁ ଆସିଲେ ସେମାନଙ୍କୁ ବିଷଦ ଭାବରେ ବୁଝଉଥିଲେ । ମୂର୍ତ୍ତି ଆଗରେ ଠିଆ ହୋଇ ସେ ବୁଝେଇବା ବେଳେ ଅଳ୍ପ ଦୂରରେ ଥାଇ ବେବି ତନ୍ମୟ ହୋଇ ଶୁଣୁଥିଲା ।

ଶୁଣି ଶୁଣି ସେ ମନେ ରଖିଥିଲା ଆସନ କେତେ ପ୍ରକାର । ପଦ୍ମାସନ, ବଜ୍ରାସନ, ଭଦ୍ରାସନ, ଲଳିତାସନ, ପର୍ଯ୍ୟଙ୍କାସନ ଇତ୍ୟାଦି ।

ବୀଣା କେତେ ପ୍ରକାର । ଏକତନ୍ତ୍ରୀ ବୀଣା । ରୁଦ୍ର ବୀଣା, ନାଗ ବୀଣା ଇତ୍ୟାଦି

ମୃଦଙ୍ଗ କେତେ ପ୍ରକାର । ଅଙ୍କ୍ୟ ମୃଦଙ୍ଗ । ଊର୍ଦ୍ଧ୍ୱ ମୃଦଙ୍ଗ । ଆଲିଙ୍ଗ୍ୟ ମୃଦଙ୍ଗ ଇତ୍ୟାଦି ।

ତାଙ୍କ କଥା ଶୁଣି ଶୁଣି ତା' ମନରେ ଆଗ୍ରହ ଆସିଥିଲା ଜଟିଳ ବିଗ୍ରହ ତତ୍ତ୍ୱ ସମ୍ବନ୍ଧରେ ଅଧିକରୁ ଅଧିକ ଜାଣିବା ପାଇଁ ।

୨୦୧୮ ମସିହାରେ ପାଇକ ବିଦ୍ରୋହର ଦୁଇଶହ ବର୍ଷ ପୂର୍ତ୍ତି ବିପୁଳ ଉତ୍ସାହ ଉଦ୍ଦୀପନାର ସହ ପାଳନ କରାଗଲା । ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମ ସ୍ୱାଧୀନତା ବୋଲି ବିଶିଷ୍ଟ ଐତିହାସିକମାନେ ମତ ପ୍ରଦାନ କଲେ । ଦିଲ୍ଲୀ ଠାରୁ ଓଡ଼ିଶା ପର୍ଯ୍ୟନ୍ତ ବହୁ ଜାତୀୟସ୍ତରର ଆଲୋଚନାଚକ୍ର, ସଭାସମିତିମାନ ଅନୁଷ୍ଠିତ ହେଲା । ରାଜ୍ୟ ସଂଗ୍ରହାଳୟରେ ପାଇକ ବିଦ୍ରୋହର ସମସ୍ତ ଘଟଣାବଳୀକୁ ନେଇ ଦୃଶ୍ୟଶ୍ରାବ୍ୟ

ବ୍ୟବସ୍ଥା ସହ ଏକ ସ୍ୱତନ୍ତ୍ର ଗ୍ୟାଲେରୀ ନିର୍ମାଣ କରାଗଲା । ଗ୍ୟାଲେରୀରେ ପାଇକ ବିଦ୍ରୋହର ପଞ୍ଚ ମହାରଥୀ- ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁବଳେନ୍ଦ୍ର, ମାଧବ ରାଉତରାୟ, କୃତ୍ତିବାସ ପାଟ୍ଟଶାଣୀଙ୍କର ଆବକ୍ଷ ମୂର୍ତ୍ତି ସ୍ଥାନିତ ହେଲା । ଲୋକାର୍ପଣ ଅବସରରେ ଓଡ଼ିଶାର ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଦୃଶ୍ୟଶ୍ରାବ୍ୟ ବ୍ୟବସ୍ଥା ମାଧ୍ୟମରେ ପାଇକ ବିଦ୍ରୋହର ରୋମାଞ୍ଚକର ଘଟଣାବଳୀ ଦେଖି ଖୁବ୍ ଆନନ୍ଦ ପ୍ରକାଶ କରିଥିଲେ । ଏହି ଗ୍ୟାଲେରୀ ନିର୍ମାଣ ପାଇଁ ବିଶିଷ୍ଟ ଐତିହାସିକ ଡ. ମହେଶ ପ୍ରସାଦ ଦାଶ, ଡ. ହେମନ୍ତ କୁମାର ପରିଜା, ଡ. ଅତୁଳ ଚନ୍ଦ୍ର ପ୍ରଧାନ, ଡ. ସତ୍ୟବାଦୀ ବଳୀୟାର ସିଂହ- ଏମାନଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଢ଼ା ଯାଇଥିଲା । ଏମାନଙ୍କ ସୁଚିନ୍ତିତ ପରାମର୍ଶ ସହିତ ବେବି ସହାୟତା ନେଇଥିଲା ଡ. ରମେଶ ପ୍ରସାଦ ମହାପାତ୍ରଙ୍କ ରଚିତ Military History ot Orissa ପୁସ୍ତକର । ଖୋର୍ଧାର ବୀର ପାଇକମାନଙ୍କର ବ୍ୟବହୃତ ଅସ୍ତ୍ରଶସ୍ତ୍ର, ପୋଷାକପରିଚ୍ଛଦ, ଜୀବନଚର୍ଯ୍ୟା ବିଷୟରେ ସମ୍ୟକ ଧାରଣା ପାଇଥିଲା ସେ ଏହି ବହିରୁ । ମଧ୍ୟଯୁଗୀୟ କବି ବ୍ରଜନାଥ ବଡ଼ଜେନାଙ୍କ ରଚିତ 'ସମର ତରଙ୍ଗ' କାବ୍ୟ, କହ୍ନେଇ ଚମ୍ପତିରାୟଙ୍କ 'ପାଇକଖେଦା' ପୁସ୍ତକ ଇତ୍ୟାଦି ବହୁ ଗ୍ରନ୍ଥ ଅଧ୍ୟୟନ କରି ସ୍ୱର୍ଗତ ମହାପାତ୍ର ଏହି ପୁସ୍ତକଟି ରଚନା କରିଥିଲେ । ଓଡ଼ିଆ ଜାତିର ସମର କଳା ଉପରେ ଏହା ଏକ ପ୍ରାମାଣିକ ଗ୍ରନ୍ଥ । ଗ୍ୟାଲେରୀ ଲୋକାର୍ପଣ ଦିନ ପାଇକ ବିଦ୍ରୋହର ଅମର ସହିଦ୍‌ମାନଙ୍କୁ ପ୍ରଣାମ କଲା ବେଳେ ନିରବରେ ସେ ସ୍ୱର୍ଗତ ମହାପାତ୍ରଙ୍କୁ ପ୍ରଣାମ କରିଥିଲା ।



ଓଡ଼ିଶାର ମନ୍ଦିର ଗାତ୍ରରେ ନାୟିକାମାନଙ୍କ ରୂପସଜ୍ଜାକୁ ଅବଲୋକନ କରି । ଉତ୍କଳୀୟ ନାରୀମାନଙ୍କର କେଶସଜ୍ଜାକୁ ନେଇ ଏକ ଚମତ୍କାର ଗ୍ରନ୍ଥ ରଚନା କରିଥିଲେ ରମେଶ ବାବୁ । ଏତେ ସୂକ୍ଷ୍ମ ଅନୁଶୀଳନ କରିଛନ୍ତି ଭାବିଲେ ବିସ୍ମିତ ହେବାକୁ ପଡ଼େ । କେବଳ ବେଣୀ ନୁହେଁ, କେବଳ ଜୁଡ଼ା ନୁହେଁ । ଆହୁରି କେତେ ପ୍ରକାର କେଶ ବିନ୍ୟାସ, ଚାମୁଣ୍ଡାଙ୍କ ମୂର୍ତ୍ତିରେ ଅଗ୍ନିଶିଖା ପରି କେଶର ଭାଙ୍ଗ, ବାରାହୀଙ୍କ ମୂର୍ତ୍ତିରେ ଥାକ ଥାକ ବର୍ତ୍ତୁଳାକାର କେଶଗୁଚ୍ଛ, ହୀରାପୁର ଚଉଷଠୀ ଯୋଗିନୀଙ୍କର ଚଉଷଠୀ ପ୍ରକାର କେଶ ସଜ୍ଜା ସବୁ ଦର୍ଶାଇଛନ୍ତି ସେ ବହିରେ । ଯେ କୌଣସି କଳାଗ୍ରାହୀ ମଣିଷ ସ୍ତବ୍ଧ ହୋଇ ଚାହିଁ ରହିବ ସେଇ କେଶ ପରିପାଟୀକୁ ।

ଉତ୍କଳୀୟ ନାରୀର ଅଳଙ୍କାର, ଆଭୂଷଣକୁ ନେଇ ଅନ୍ୟ ଏକ ମୂଲ୍ୟବାନ୍ ଗ୍ରନ୍ଥ ରଚନା କରିଥିଲେ ସେ । ତାଙ୍କ ଲେଖା ପଢ଼ି ଅନୁପ୍ରାଣିତ ହୋଇ ଜଣେ ବିଦେଶିନୀ ଭାରତୀୟ ନାରୀମାନଙ୍କ କେବଳ ନାସାଳଙ୍କାର ଉପରେ ଗବେଷଣା କରିବାକୁ ଓଡ଼ିଶା ଆସିଥିଲେ, ସେତେବେଳକୁ ଡ. ମହାପାତ୍ର ଇହ ଜଗତରେ ନଥିଲେ । ବେବି ତାଙ୍କୁ ନୋଥ, ଦଣ୍ଡି, ନାକଚଣା, ନୋଳି ଇତ୍ୟାଦି ନାସାଳଙ୍କାର ଉପରେ ସୂଚନା ଦେଇଥିଲା । ସେଇ ସମୟରେ ତା'ର ମନେ ହୋଇଥିଲା ତା' ଆଈର ଫଟୋଟିଏ ପାଖରେ ଥିଲେ ସେ ବିଦେଶିନୀ ଗବେଷିକାଙ୍କୁ ନାସାଳଙ୍କାରର ପ୍ରକୃଷ୍ଟ ଉଦାହରଣ ଦେଖେଇ ପାରିଥାନ୍ତା ।

ଆଈର ମୁହଁରୁ ନିଗୁଡ଼ୁଥିବା ଝାଳ, ଆଖିରୁ ବୋହୁଥିବା ଲୁହରେ ବେଳେବେଳେ ଭିଜି ଯାଉଥିଲା ତା' ନୋଥ । ବହୁବର୍ଷ ପରେ ଅପ୍ରତ୍ୟାଶିତ ଭାବରେ ତା' ସ୍ମୃତିପଟରେ ଉଭା ହେଲା ଆଈ । ମାତ୍ର ପଞ୍ଚାବନ ବର୍ଷର ଜୀବନ । ସମସ୍ତଙ୍କୁ ଦେଇ ଦେଇ, ସମସ୍ତଙ୍କ ପାଇଁ କରି କରି ସରିଗଲା ତା ଆୟୁ । ବାପଘରର ଟାଣ ନଥିଲା । ବଡ଼ଘରକୁ ବୋହୂ ହୋଇ ଆସିବା ପରେ ଗରିବ ବାପଘରକୁ ଯିବାର ସୁଯୋଗ ପାଉନଥିଲା । ବଡ଼ ଦହଗଂଜିଆ ଜୀବନ ଥିଲା ଆଈର । ଅଲକ୍ଷ୍ୟରେ ବେବିର ଆଖି ଛଳଛଳ ହୋଇଗଲା । ସ୍ମୃତି ଏମିତି ଛାଏଁ ଛାଏଁ କୋଲାଜ୍ ତିଆରି କରିପାରେ । ବେବି-ବିଦେଶିନୀ ମହିଳା ଡ. ମହାପାତ୍ର ଓ ଆଈ ସମସ୍ତେ ଯୋଡ଼ି ହୋଇଗଲେ ଏକାଠି ଜାତି, ବୟସ, କାଳଖଣ୍ଡ ନିର୍ବିଶେଷରେ ।

ସପ୍ତମ ଶତାବ୍ଦୀରେ ନିର୍ମିତ ପର୍ଶୁରାମେଶ୍ୱର ମନ୍ଦିରକୁ ନେଇ ମହାପାତ୍ର ଲେଖିଥିବା ପୁସ୍ତକ ପଢ଼ି ସେ ପ୍ରଥମେ ଜାଣିଥିଲା ଯେ ଶିବଙ୍କ ବିବାହକାଳୀନ ମୂର୍ତ୍ତିକୁ କୁହାଯାଏ କଲ୍ୟାଣ ସୁନ୍ଦର ମୂର୍ତ୍ତି । ଶୈବ ସଂପ୍ରଦାୟର ଆଦ୍ୟ ପ୍ରବକ୍ତା ଲକୁଳୀଶଙ୍କ ମୂର୍ତ୍ତିକୁ ସେ ଚିହ୍ନିଥିଲା ଏଇ ବହି ପଢ଼ିବା ପରେ । ଭାରତରେ





ଶୈବ ଉପାସନାର ଇତିବୃତ୍ତ ସଂପର୍କରେ ଜାଣିବାକୁ ସେ ଆଗ୍ରହୀ ହୋଇଥିଲା ଏହି ବହିଟି ପଢ଼ିବା ପରେ । ଏଇ ମନ୍ଦିରର କାରୁକାର୍ଯ୍ୟ (ଜାଲି କାମ) ବିଶେଷ ଲକ୍ଷଣୀୟ । ଗୋଟିଏ ମନ୍ଦିରକୁ ନେଇ ଗୋଟିଏ ବହି । ସେ ବହିରେ ସମସାମୟିକ କଳା, ସଂସ୍କୃତି, ଧର୍ମଧାରା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା । ଶ୍ରୀ ଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ଲିଙ୍ଗରାଜ ମନ୍ଦିର- ଏମିତି କେତୋଟି ପ୍ରମୁଖ ମନ୍ଦିରକୁ ଛାଡ଼ି ଦେଲେ ଆହୁରି ବହୁତ ମନ୍ଦିର ଓଡ଼ିଶାରେ ଅଛି ଯାହା ଆକାରରେ ଅପେକ୍ଷାକୃତ କ୍ଷୁଦ୍ର ହେଲେ ମଧ୍ୟ ଶିଳ୍ପକଳା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ- ଏହା ପ୍ରମାଣିତ କରିଥିଲେ ରମେଶ ପ୍ରସାଦ । ପର୍ଶୁରାମେଶ୍ୱର ମନ୍ଦିର ପରି ବ୍ରହ୍ମେଶ୍ୱର, ମେଘେଶ୍ୱର, ରାଜରାଣୀ ଆଦି ମନ୍ଦିର ଉପରେ ଡ. ମହାପାତ୍ର ପୁସ୍ତକ ରଚନା କରିଥାନ୍ତେ, ଯଦି କାଳ ତାଙ୍କୁ ମହଲତ ଦେଇଥାନ୍ତା ।

ସ୍ୱାମୀଙ୍କ ସହିତ ବିଦ୍ୟା ବୁଦ୍ଧିରେ ସମକକ୍ଷ ନଥିଲେ ବୋଲି ବଡ଼ ମନ ଉଣା କରୁଥିଲେ ଶ୍ରୀମତୀ ମହାପାତ୍ର । ପିଲାମାନେ ବଡ଼ ହେବା ପରେ, ଯେଝା ସଂସାର କରିବା ପରେ, ତାଙ୍କ ନିଃସଙ୍ଗ ମୁହୂର୍ତ୍ତର ସାଥୀ ଥିଲେ ସ୍ୱାମୀଙ୍କ ରଚିତ ବହିମାନ । ଆଲମାରୀର ଥାକରୁ ସେ ବେଳେବେଳେ ବହିସବୁ କାଢ଼ି ରଖୁଥିଲେ । ସେଥିରୁ ଧୂଳି ଝାଡୁଥିଲେ । ସ୍ୱାମୀଙ୍କ ସହ ବିତିଥିବା ଦିନସବୁର ସ୍ମୃତିଚାରଣ କରୁଥିଲେ । ତାଙ୍କ କମନୀୟ ରୂପ ଲାବଣ୍ୟ ଓ ପତିବ୍ରତ କଳ୍ପନାକୁ ଆଣି ବେବି ଲେଖିଥିଲା ଗପଟିଏ । ଶୀର୍ଷକ: 'ସୁଗନ୍ଧ କୁନ୍ତଳା' । ବହୁ ବର୍ଷ ପରେ ପାଇକ ବିଦ୍ରୋହ ଗ୍ୟାଲେରୀ ନିର୍ମାଣର ଅବ୍ୟବହିତରେ ସେ ଯାଇଥିଲା ପାରିକୁଦ ରାଜାଙ୍କ ପ୍ରାସାଦର ଅସ୍ତ୍ର ସଜ୍ଜା ଦେଖିବାକୁ । ସେଠାରେ ପ୍ରାସାଦର ବିସ୍ତୀର୍ଣ୍ଣ ବାରଣ୍ଡାରେ ସେ ଦେଖିଥିଲା ପାରିକୁଦ ରାଣୀ ଘନକୁନ୍ତଳାଙ୍କ ଫଟୋ । ଘନକୁନ୍ତଳା ଥିଲେ ଆଠମଲ୍ଲିକର ରାଜଜେମା । ରାଜ୍ୟ ନାହିଁ କି ରାଜୁତି ନାହିଁ । ମାତ୍ର ପ୍ରାସାଦର ନିର୍ଜନ ପରିବେଶରେ ଝଟକୁଚି ଘନକୁନ୍ତଳାଙ୍କ ହୀରା ପଥରବସା ରୂପା ମୁକୁଟ ପିନ୍ଧା ଫଟୋ । ଆଠମଲ୍ଲିକର ଘନସବୁଜ ଅରଣ୍ୟାନୀ, ପାରିକୁଦ ଗଡ଼ ସାମନାରେ ଚିଲିକାର ନୀଳ ବିସ୍ତାର, ରାଜ ପରିବାରର ବିଧି ବିଧାନ, ନିୟମ ଶୃଙ୍ଖଳା ଏଇ ଭିତରେ ବିତିଥିବା ଗୋଟିଏ ନାରୀର ଜୀବନକୁ ନେଇ ଗପଟିଏ ଲେଖିବାକୁ ଚାହିଁଛି ବେବି । ଘନକୁନ୍ତଳା ବିଦ୍ୟୁତ୍ ପରି ଝଲସି ଅନ୍ତର୍ଦ୍ଧାନ ହୋଇ ଯାଉଛନ୍ତି । କେବେ ଆସିବେ ଘନକୁନ୍ତଳା ତା' ବଳୟକୁ । ପ୍ରିୟସଖୀ ଭଳି ତାଙ୍କୁ ଆମନ୍ତ୍ରଣ କରିବାର ଅପେକ୍ଷାରେ ଅଛି ବେବି ।

ରାଜ୍ୟ ସଂଗ୍ରହାଳୟର ପ୍ରତ୍ନତତ୍ତ୍ୱ ବିଭାଗର ଚାରିଟି ବଡ଼ବଡ଼ ଗ୍ୟାଲେରୀର ଥିବା ସମସ୍ତ ବୌଦ୍ଧ, ଜୈନ ଏବଂ ବ୍ରାହ୍ମଣ୍ୟ ଧର୍ମର ଦେବ ଦେବୀଙ୍କ ମୂର୍ତ୍ତିଙ୍କର ଅଙ୍ଗଲକ୍ଷଣ ରମେଶ ବାବୁଙ୍କର ନଖ ଦର୍ପଣରେ ଥିଲା । ଅସ୍ତ୍ରଶସ୍ତ୍ର ଗ୍ୟାଲେରୀରେ ସଜ୍ଜିତ ଖଣ୍ଡା, ବର୍ଚ୍ଛା, ତେଣ୍ଟା, ତୀର, ଢାଲ, କଟାରୀ, ତୋପ, କମାଣ ଆଦି କେଉଁ ରାଜବାଟୀରୁ କେଉଁ ପୁରୁଣା ଦୁର୍ଗରୁ ସଂଗ୍ରହ କରା ଯାଇଥିଲା, ସବୁ ତାଙ୍କର ମୁଖସ୍ଥ ଥିଲା ।

ରମେଶ ବାବୁଙ୍କ ଦେହାନ୍ତ ପରେ, ତାଙ୍କ ସ୍ପର୍ଶ ନପାଇ ସେଇ ନିର୍ଜୀବ ମୂର୍ତ୍ତିମାନେ ଯେମିତି ତାଙ୍କୁ ଝୁରୁଥିଲେ, ସେଇଭଳି ଅନୁଭବ କରୁଥିଲା ବେବି । ଲାଇବ୍ରେରୀରେ ବହି ପଢ଼ି ପଢ଼ି ଚିଟା ଲାଗିଲେ ମନ ଖେଳେଇବାକୁ ସେ ଦିନେଦିନେ ପ୍ରତ୍ନତତ୍ତ୍ୱ ବିଭାଗର ଗ୍ୟାଲେରୀରେ ବୁଲୁଥିଲା । ଗ୍ୟାଲେରୀ ଭିତରେ ଗୋଟିଏ ଦ୍ୱାଦଶଭୁଜା ଦେବୀ ଦୁର୍ଗାଙ୍କ ଆକର୍ଷଣ ତା' ପାଇଁ ଥିଲା ଦୁର୍ନିର୍ବାର । କେମିତି ଖଂଜରେ ଶିଳ୍ପୀ ଗଢ଼ିଥିଲେ ସେଇ ମୂର୍ତ୍ତି ! ସେଥିରେ ଥିବା ବାରଟି ହାତ କାହା ଆଖିରେ ପଡ଼େ ନାହିଁ । ଯାହାଙ୍କୁ ଦେଖାଏ, ସେ ଦଶଭୁଜ ଯାଏଁ ସହଜରେ ଗଣି ଯାଆନ୍ତି । ଜଣେ ଜଣେ ଏକାଦଶ ଭୁଜଟିକୁ ଦେଖି ପାରନ୍ତି । ମାତ୍ର କେହି ବି ଦେଖି ପାରନ୍ତି ନାହିଁ ଦ୍ୱାଦଶ ଭୁଜକୁ । ସେଇଠି ଥାଏ ଶିଳ୍ପୀର ଜିତାପଟ । ସେଇ ଜିତାପଟକୁ ସେ ନିଜ ଉପରକୁ ଟାଣି ନିଏ । ଦେଖେଇ ଦିଏ ପ୍ରାୟତଃ ଅଦୃଶ୍ୟ ଦ୍ୱାଦଶଭୁଜକୁ । ଆରେ ସତେ ତ ! ଜମ୍ମା ଜଣାପଡୁ ନଥିଲା ଏଇଟା ଗୋଟିଏ ଭୁଜ ବୋଲି । ଚମକିଲା ପରି ଚାହାନ୍ତି ତା'ର ବନ୍ଧୁ, ବାନ୍ଧବୀ, ଦର୍ଶକ । ମୂର୍ତ୍ତିଟିର ମୁଖଭାଗ ବିନଷ୍ଟ ପ୍ରାୟ । ନାସା, ଚକ୍ଷୁ, ଓଠ ଆଉ ଦିଶୁ ନାହିଁ । ମାତ୍ର ମସ୍ତକ ଉପରେ କେଶ ସଜ୍ଜା, ହାତର ଆୟୁଧ, ପାଦ ତଳେ ମହିଷାସୁର ମୂର୍ତ୍ତି ଏଯାବତ୍ ଅକ୍ଷୁର୍ଣ୍ଣ ଅଛି ।

ପ୍ରବାସୀ ଓଡ଼ିଆ

ପ୍ରବାସୀ ସାହିତ୍ୟ ସମ୍ଭାର, ମୁମ୍ବାଇ


ସ୍ଥାପିତ : ୨୦୧୯

# ପ୍ରବାସର ବାସ୍ନା



# ମୁମ୍ବାଇ ଓଡ଼ିଆ ସଂଗଠନ

MOWA
Regd. 1996
Maharashtra Oriya Welfare Association




**ପାରମିତା ଷଡ଼ଙ୍ଗୀ**

ମାର୍ଫତ: ଏସ୍.କେ.ମିଶ୍ର, ୨ଡି-୨୦୪, ସନ୍‌ସିଟି-ପି-୧, ଠାକୁର ଭିଲେଜ, କାଣ୍ଡିଭାଲି ଇଷ୍ଟ୍, ମୁମ୍ବାଇ-୪୦୦୧୦୧
ଫୋନ:୯୮୬୭୧୧୩୧୧୩


ଫଟୋ ସୌଜନ୍ୟ : ଲେଖିକା



▶ ଲେଖିକା ପାରମିତା ଷଡ଼ଙ୍ଗୀ

କଳା, ସଂସ୍କୃତି ଓ ପରମ୍ପରାର ରାଜ୍ୟ ଓଡ଼ିଶା । ଏଠି ବାର ମାସରେ ତେର ପର୍ବ ପାଳିତ ହୁଏ । ଆଜି ଆମେ ଯେଉଁ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାର କଥା କହୁଛେ, ତାହାର  ସ୍ୱତନ୍ତ୍ରତା ଓ ବିକାଶ ପାଇଁ ଅନେକ ବୀର ସନ୍ତାନ ସଂଘର୍ଷ ଓ ସଂଗ୍ରାମ କରି ଆସିଛନ୍ତି । ତାଙ୍କର ସେଇ ଚେଷ୍ଟା ଓ ଉଦ୍ୟମ ଏବେ ଆଧୁନିକ ପୀଢ଼ି ହାତରେ । ସତ କହିଲେ ଏବେର ପିଢ଼ୀ ନିଜର ଭାଷା ସାହିତ୍ୟ ଓ ପରମ୍ପରା ପାଇଁ ଖୁବ ସଜାଗ । ସେଥିପାଇଁ ତ ଓଡ଼ିଆ ଯେଉଁଠି ବି ରହୁ ତାର ଓଡ଼ିଆ ପକାଇ ସ୍ୱାଦକୁ ବିଛାଡ଼ି ଦେଉଥାଏ ।

ମୁମ୍ବାଇରେ ରହୁଥିବା ଓଡ଼ିଆମାନେ ମଧ୍ୟ ନିଜର ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ଓ ଅନ୍ୟମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସବୁବେଳେ ତତ୍ପର । ଏମିତି ତ ଏଠି ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ଅନେକ ସଂସ୍ଥା ଗଠନ କରାଯାଇଛି । ମୁଁ ମଧ୍ୟ କେତେକ ସଂସ୍ଥା ସହିତ ଜଡ଼ିତ ଅଛି । ଏଠି ମୁଁ ଜଡ଼ିତ ଥିବା ଦୁଇଟି ସଂସ୍ଥା ସମ୍ପର୍କରେ କିଛି ଆଲୋକପାତ କରିବି ।

ଯେତେବେଳେ ଅଗ୍ରଜ ପ୍ରତିମ କୃଷ୍ଣ ଭାଇ 'ରେବତୀ' ପାଇଁ ଏପରି ଏକ ଶୀର୍ଷକ ଉପରେ ଲେଖିବାକୁ କହିଲେ, ମୋର ଖୁସିର ସୀମା ନଥିଲା । ମୁଁ ବହୁଦିନରୁ ଭାବୁଥିଲି ପ୍ରବାସୀ ଓଡ଼ିଆମାନେ ଏଠି, ତାଙ୍କ ମାଟି ପ୍ରତି ମୋହ, ତାଙ୍କ ସଂସ୍କୃତିର ମହକକୁ କିପରି ଅନ୍ୟ ରାଜ୍ୟର ପ୍ରବାସୀମାନଙ୍କ ସହ ବାଣ୍ଟି ଚାଲିଛନ୍ତି, ସେ ବିଷୟରେ କିଛି ଲେଖିବାକୁ 'ରେବତୀ' ଏହି ସୁଯୋଗ ଦେଇଥିବାରୁ ସମ୍ପାଦିକା ମହାଶୟାଙ୍କୁ ଅଶେଷ ଧନ୍ୟବାଦ ।

ମୁଁ ଜଡ଼ିତ ଥିବା ଦୁଇଟି ସଂସ୍ଥାର ନାମ, **'ପ୍ରବାସୀ ସାହିତ୍ୟ ସମ୍ଭାର'** ଓ **'ମହାରାଷ୍ଟ୍ର ଓଡ଼ିଆ ୱେଲ୍‌ଫେୟାର୍ ଏସୋସିଏସନ'**(ମୋୱା) ।

ପ୍ରଥମେ 'ପ୍ରବାସୀ ସାହିତ୍ୟ ସମ୍ଭାର' ସଂସ୍ଥା ବିଷୟରେ ଆଲୋଚନା କରିବା । ୨୦୧୯ ମସିହା ଜୁନ ମାସର ଦ୍ୱିତୀୟ ରଜଦିନ 'ପ୍ରବାସୀ ସାହିତ୍ୟ ସମ୍ଭାର' । କେବଳ ଆଠଜଣ ସଦସ୍ୟଙ୍କୁ ନେଇ ଓଡ଼ିଆ ସାହିତ୍ୟ ଜଗତରେ ପାଦ ଥାପିଥିଲା । ସେଇଦିନ 'ପ୍ରବାସୀ ସାହିତ୍ୟ ସମ୍ଭାର'ର ପ୍ରତିଷ୍ଠା ହୋଇଥିଲା । ଏହାର ପ୍ରତିଷ୍ଠାତ୍ରୀ ଶ୍ରୀମତୀ ମୈତ୍ରେୟୀ କମିଲା କୁହନ୍ତି । ଓଡ଼ିଶା ଓ ଓଡ଼ିଶା ବାହାରେ ରହୁଥିବା ଓଡ଼ିଆଙ୍କୁ ନେଇ । ସାହିତ୍ୟକୁ ଭିତ୍ତିଭୂମି କରି କବିତା, କ୍ଷୁଦ୍ର ଗଳ୍ପ, ପ୍ରବନ୍ଧରେ ଲେଖନୀ ସୁଦୃଢ଼ କରିବା ଏହାର ମୂଳଲକ୍ଷ୍ୟ ।' ବର୍ତ୍ତମାନ ଏଥିରେ ସଦସ୍ୟଙ୍କ ସଂଖ୍ୟା ଶହେ  କୋଡ଼ିଏ ଏବଂ ଏହାର ଲୋଗ ଚିତ୍ରଶିଳ୍ପୀ ଶ୍ରୀମତୀ ସୁଜାତା ବେଦମାତାଙ୍କ ଦ୍ୱାରା ଚିତ୍ରିତ ।

ପ୍ରତି ରବିବାର ଦିନ ସନ୍ଧ୍ୟାରେ ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କ ସ୍ମୃତିରେ, ଯେମିତି ବ୍ୟାସକବି ଫକୀରମୋହନ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ସ୍ୱଭାବ କବି ଗଙ୍ଗାଧର ମେହେର, ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ, ତା ସହ କୁମାର ପୁନେଇଁ ଜହ୍ନ, ଉପରେ କବିତା ପାଠ, ଓଡ଼ିଆ ଭାଷାର ଉତ୍ପତି ଉପରେ ଆଲୋଚନାଚକ୍ର, ମାଣବସା ଗୁରୁବାର ଶୀର୍ଷକ କବିତା ପାଠ, ଅଣୁଗଳ୍ପ ଆସରରେ ମୁମ୍ବାଇ, ଓଡ଼ିଶା, ଗୁଜୁରାଟ, ଆନ୍ଧ୍ରପ୍ରଦେଶ, ଦିଲ୍ଲୀରୁ ଓଡ଼ିଆମାନେ ଭରଚୁଆଲ ମୋଡ଼ରେ ଭାଗ ନିଅନ୍ତି । ବ୍ରହ୍ମପୁର



ରେଡ଼ିଓରେ ଏହି ସଂସ୍ଥାର କିଛି ଗପ, କଳିଙ୍ଗ ଟିଭିରେ କିଛି କାର୍ଯ୍ୟକ୍ରମର ବିବରଣୀ ପ୍ରସାରିତ ହୋଇଛି । ଏହାଛଡ଼ା ବିଭିନ୍ନ ବିଷୟକୁ ନେଇ ଲେଖା ସବୁ ସଦସ୍ୟମାନେ ଗ୍ରୁପରେ ଦିଅନ୍ତି । ବିଭିନ୍ନ ପତ୍ର ପତ୍ରିକା ଓ ଖବରକାଗଜର ସମ୍ପାଦକମାନେ ଏହି ସଂସ୍ଥାର ହ୍ୱାଟସଅପ୍ ଗ୍ରୁପରେ ସଦସ୍ୟ ଅଛନ୍ତି । ସେମାନେ କିଛି କିଛି ଲେଖା ପ୍ରକାଶିତ ମଧ୍ୟ କରନ୍ତି । ଯାହା ଦ୍ୱାରା ଲେଖକମାନେ ଉତ୍ସାହିତ ହୋଇଥାନ୍ତି । ଆଗକୁ ଏମିତି ସାହିତ୍ୟ ଚର୍ଚ୍ଚା ଜାରି ରହିବ । ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଓଡ଼ିଆ ସାହିତ୍ୟକୁ ଓଡ଼ିଶା ବାହାରେ ଆଦୃତ କରିବ । ଏହି ସଂସ୍ଥାର ଲକ୍ଷ୍ୟ ।

ଏବେ 'ମହାରାଷ୍ଟ୍ର ଓଡ଼ିଆ ୱେଲଫେୟାର୍ ଏସୋସିଏସନ' ଅର୍ଥାତ୍ 'ମୋୱା' ସମ୍ପର୍କରେ କିଛି ଆଲୋଚନା କରିବି ।

ଧର୍ମ ଓ ସାହିତ୍ୟର ପରିସର ବ୍ୟାପକ । ଧର୍ମକୁ ନେଇ ସାହିତ୍ୟ ଉନ୍ନତ ଓ ସାହିତ୍ୟ ଦ୍ୱାରା ଧର୍ମର ପରିଧି ମଧ୍ୟ ବ୍ୟାପ୍ତ ହୋଇଥାଏ, ବୋଲି ମୋର ମତ । ମୋୱା ଏପରି ଏକ ସଂସ୍ଥା ଯାହା ଓଡ଼ିଶାର ଧର୍ମ, ସାହିତ୍ୟ, ପରମ୍ପରା ଓ ସଂସ୍କୃତିକୁ ମହାରାଷ୍ଟ୍ର ଓ ଭାରତ ବାହାରେ ମଧ୍ୟ ପ୍ରଚାର ପ୍ରସାର କରିବା ସହ ସାମାଜିକ କଲ୍ୟାଣ କାର୍ଯ୍ୟ ମଧ୍ୟ କରିଥାଏ ।

୧୯୯୮ ମସିହା ଜୁନ ମାସରେ ମାତ୍ର ପନ୍ଦର ଜଣ ସଦସ୍ୟଙ୍କ ଦ୍ୱାରା ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ଏହି ସଂସ୍ଥା ଗଠନ କରା ଯାଇଥିଲା । ଦୀର୍ଘ ବାଇଶ ବର୍ଷ ଭିତରେ ଏହି ସଂସ୍ଥାଟି ତାର କାୟା ବିସ୍ତାର କରିବା ସହ ଧର୍ମ, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ର ତଥା ସାମାଜିକ କଲ୍ୟାଣ କାର୍ଯ୍ୟରେ ନିରନ୍ତର କାର୍ଯ୍ୟରତ । ଭାରତର ଯେ କୌଣସି ପ୍ରାନ୍ତରେ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ଲୋକଙ୍କୁ ଅନ୍ନ, ବସ୍ତ୍ର, ଅର୍ଥ ଆଦି ପ୍ରଦାନ କରିବା ସହ ଗରିବ ପିଲାଙ୍କୁ ପାଠ ପଢ଼ିବା ନିମନ୍ତେ ଆର୍ଥିକ ସାହାଯ୍ୟ ମଧ୍ୟ କରିଥାଏ ।

ବର୍ତ୍ତମାନ କରୋନାର ତାଣ୍ଡବରେ ଜର୍ଜରିତ ମାନବ ସମାଜ । ଚିନ୍ତା ଓ ଭୟର ଘମାଘୋଟ ମୁହୂର୍ତ୍ତ ସବୁ ଘରର ଚାରିକାନ୍ଥ ଭିତରେ ଆୟତ୍ତାଧୀନ । ଏପରି ପରିବେଶରେ ଏହି ସଂସ୍ଥା ମହାରାଷ୍ଟ୍ର ଓ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ





ଖାଦ୍ୟ ବସ୍ତ୍ର ଦାନ କରିଛି । ଖାଲି ସେତିକି ନୁହେଁ ସଂଗୀତ କ୍ଷେତ୍ରରେ ଆର୍ଥିକ ସୁବିଧା ପାଇଁ 'ଅନ୍‌ଲାଇନ୍' ମ୍ୟୁଜିକାଲ୍ ପ୍ରୋଗ୍ରାମ୍ ମଧ୍ୟ ଆୟୋଜନ କରିଛି ।

ଓଡ଼ିଆମାନଙ୍କର ପ୍ରାଣବିନ୍ଦୁ ହେଉଛି, ଜଗନ୍ନାଥ ସଂସ୍କୃତି । ଓଡ଼ିଆଟିଏ ଯେଉଁଠି ରହେ । ତାର ଆରାଧ୍ୟଙ୍କୁ ମଧ୍ୟ ଟାଣି ଆଣେ । ସେଇ ମହାପ୍ରଭୁଙ୍କ ଇଛାରେ 'ମୋୱ୍ୱା' ଦ୍ୱାରା ଖାରଘର । ନବୀ ମୁମ୍ବାଇରେ ଏକ ସୁନ୍ଦର ଜଗନ୍ନାଥଙ୍କ ମନ୍ଦିର ଗଠନ କରାଯାଇ ପ୍ରଭୁଙ୍କୁ ପ୍ରତିଷ୍ଠା କରାଯାଇଥିଲା । ଏହି ମନ୍ଦିର ବିଷୟରେ 'ରେବତୀ'ରେ ପୂର୍ବରୁ ମୁଁ ସୂଚନା ଦେଇ ସାରିଛି । ଏହି ମନ୍ଦିରର ପରିବେଶରେ ଓଡ଼ିଶାର ବାରମାସର ତେର ପର୍ବ, ଭଜନ, ଗୀତାପାଠ, ଯଜ୍ଞାଦି କର୍ମ ସହ ମହାପ୍ରଭୁଙ୍କ ରୀତିନୀତି ବିଧିବଦ୍ଧ ପାଳନ କରା ଯାଇଥାଏ । ଏ ବର୍ଷ ମଧ୍ୟ କରୋନା ହେତୁ ଅନ୍‌ଲାଇନ୍‌ରେ ବିଶ୍ୱ ଶାନ୍ତି ଯଜ୍ଞ, ଠାକୁରଙ୍କର ଅଧର ପଣା ନୀତି, ବାହୁଡ଼ା ଯାତ୍ରା, ସୁନାବେଶ ଆଦି ଭକ୍ତମାନେ ଦେଖିବାକୁ ସୁଯୋଗ ପାଇଥିଲେ । ଭର୍‌ଚୁଆଲ୍ ମୋଡ଼ରେ ପ୍ରାୟ ପ୍ରତି ରବିବାର, ଭଜନ ପରିବେଷଣ ଓ ପ୍ରବଚନ ଅନୁଷ୍ଠିତ ହୋଇଥାଏ । ଅପୂର୍ବ ଆନନ୍ଦରେ ଭକ୍ତମାନେ ଘରେ ବସି ଭକ୍ତିଭାବରେ ମଜ୍ଜି ରହିଥାନ୍ତି । ଏ ସବୁ ପଛରେ ଘରେ ରହି, ସ୍ୱାସ୍ଥ୍ୟରକ୍ଷାର ନିୟମ ଅନୁସରଣ କରି, ନିଜର ପାରିପାର୍ଶ୍ୱିକ ସମାଜ ସହ ଘୋଡ଼ି ହୋଇ ରହିବା ଏବଂ ଦୃଢ଼ ମନୋବଳ ସକାରାତ୍ମକ ଚିନ୍ତା ନେଇ ଏପରି ପରିସ୍ଥିତିକୁ ମୁକାବିଲା କରି ପାରିବା । ଏହି ସଂସ୍ଥାର ବର୍ତ୍ତମାନ ମୁଖ୍ୟ ଉଦ୍ଦେଶ୍ୟ ।

ସାହିତ୍ୟ କ୍ଷେତ୍ରରେ ମଧ୍ୟ ଏହି ସଂସ୍ଥା ଖୁବ୍ ସଜାଗ 'ନୀଳଚଳ' ନାମକ ପତ୍ରିକା ପ୍ରତିବର୍ଷ ଏହି ସଂସ୍ଥା ତରଫରୁ ପ୍ରକାଶିତ ହୁଏ । ଯାହାକି ଭକ୍ତି ରସରେ ଭରା ଗଦ୍ୟ,ପଦ୍ୟ, ପ୍ରବନ୍ଧକୁ ଧାରଣ କରିବା ସହ ମୋୱ୍ୱାର ବାର୍ଷିକ କାର୍ଯ୍ୟର ବିବରଣୀ ମଧ୍ୟ ଦେଇଥାଏ ।

ସମାଜସେବୀ, ଧର୍ମ, ସାହିତ୍ୟ କ୍ଷେତ୍ରରେ ସଜାଗ ରହିବା ସହ ଓଡ଼ିଶାର କଳା ସଂସ୍କୃତି, ପରମ୍ପରା, ଖାଦ୍ୟରୁଚି ଓ ଅନନ୍ୟ ବସ୍ତ୍ର, ବସ୍ତ୍ରଶିଳ୍ପର ଆକର୍ଷଣୀୟ ସମ୍ଭାରକୁ ନେଇ ମୁମ୍ବାଇ ମହାନଗରୀରେ 'ମୋୱ୍ୱା' ଦୁଇ ଦିନିଆ ବିଶାଳ କାର୍ଯ୍ୟକ୍ରମ ଆମ ଉତ୍କର୍ଷ ଓଡ଼ିଶା ୨୦୧୮ ମସିହାରେ ଆୟୋଜିତ କରିଥିଲା । ଏହି କାର୍ଯ୍ୟକ୍ରମକୁ ଝାଡ଼ଖଣ୍ଡର ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିଲେ । ଏଥିରେ ଓଡ଼ିଶାର କିଛି ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନୀତ ମଧ୍ୟ କରାଯାଇଥିଲା । 'ମୋୱ୍ୱା'ର ସଭାପତି (ବର୍ତ୍ତମାନ) ଶ୍ରୀ ଭଗବାନ ପଣ୍ଡା କୁହନ୍ତି, "ଓଡ଼ିଆ ଜାତିର ଭାଷା, ପରମ୍ପରା, ସଂସ୍କୃତି ଓ ଜଗନ୍ନାଥ ଧର୍ମର ପ୍ରଚାର ପ୍ରସାର ସହ ମାନବ କଲ୍ୟାଣ ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ।"

ମୋୱ୍ୱା ପନ୍ଦର ଜଣ ସଦସ୍ୟଙ୍କୁ ନେଇଆରମ୍ଭ ହୋଇଥିଲା । କିନ୍ତୁ ବର୍ତ୍ତମାନ ଶତାଧିକ ସଦସ୍ୟ ଭାରତ ଓ ଭାରତ ବାହାରେ ରହୁଥିବା ଓଡ଼ିଆ ହୁଅନ୍ତୁ କି ଅଣ ଓଡ଼ିଆ, ପରୋକ୍ଷ ଭାବରେ ଅଥବା ପ୍ରତ୍ୟକ୍ଷ ଭାବରେ ଏହି ସଂସ୍ଥା ସହ ଜଡ଼ିତ । ଭବିଷ୍ୟତରେ ଏପରି ଏକ ବାସସ୍ଥାନ କରିବାକୁ ମୋୱ୍ୱା ଚେଷ୍ଟା କରୁଛି ଯେଉଁଠି ଦରିଦ୍ର, ଅସହାୟ, ରୋଗଗ୍ରସ୍ତ ବ୍ୟକ୍ତିଙ୍କର ରହିବା ଓ ଚିକିତ୍ସା ମାଗଣାରେ କିମ୍ବା ଅଳ୍ପ ଖର୍ଚ୍ଚରେ ସମ୍ଭବ ହୋଇ ପାରିବ ।




ମୁମ୍ବାଇରେ ରହୁଥିବା ଓଡ଼ିଆମାନେ ନିଜ ନିଜର ସଂସ୍କୃତି ଓ ପରମ୍ପରାକୁ ନେଇ ଖୁବ୍ ସଜାଗ ଓ ଏହାର ପ୍ରଚାର ପ୍ରସାର ପାଇଁ ଏଠି ଯେଉଁ ମହାକୁମ୍ଭ ସୃଷ୍ଟି କରିଛନ୍ତି, ତାହା ଏକ ଗର୍ବର ବିଷୟ ।

ଅବଲୋକନ

# ମାଂସର ବିଲାପ



# ବିଦେଶୀ ବନ୍ଧୁଙ୍କୁ ଚିଠି : ମାଂସର ବିଳାପ

**ମଣୀନ୍ଦ୍ର କୁମାର ମେହେର**

ବିଭାଗୀୟ ମୁଖ୍ୟ: ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର
ବାଲେଶ୍ୱର-୭୫୬୦୮୯

ପୃଷ୍ଠଚିତ୍ର : ଶିଳ୍ପୀ ସମରେନ୍ଦ୍ର ବେହେରା

ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର୍ ଆମର ଅନୁରୋଧ କ୍ରମେ ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କଥାକାହାଣୀ ମଧ୍ୟରୁ ଅମର ହୋଇ ଉଠିଥିବା କିଛି ଚରିତ୍ରର ବିରଳ ବିଶ୍ଳେଷଣ କରୁଛନ୍ତି, ଖାସ୍ କରି 'ରେବତୀ'ର ପାଠକପାଠିକାଙ୍କ ପାଇଁ । ଏହା ନିୟମିତ ପ୍ରକାଶ ପାଇ ଭିନ୍ନ ଭିନ୍ନ ଚରିତ୍ରକୁ ଚିହ୍ନାଇବ ବୋଲି ଆମର ଆଶା । ଏଥର ବିଖ୍ୟାତ ଗାଳ୍ପିକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଂସର ବିଳାପ' ଗଳ୍ପରୁ ଜମିଦାର ଚରିତ୍ରର ବିଶ୍ଳେଷଣ ।


▶ଲେଖକ ମଣୀନ୍ଦ୍ର କୁମାର ମେହେର

ପ୍ରିୟବନ୍ଧୁ, ନମସ୍କାର !

ଯାହାକିଛି ଆମ ଜୀବନରେ ଘଟିଗଲା, ତାହା ଆପଣ ଜାଣିଲେ କିନ୍ତୁ କିଛି ଉପଲବ୍ଧି କରିପାରିଲେ ନାହିଁ । ସେଥିପାଇଁ ଏ ପତ୍ରଟି ଆପଣଙ୍କ ନିକଟକୁ ଲେଖିବାର ଆବଶ୍ୟକତା ଅନୁଭବ କଲି ଜଲିର ପ୍ରତିଟି ମାଂସଖଣ୍ଡର ତୀବ୍ର ତାଡ଼ନାରେ । ଆପଣ ମୋ ଘରକୁ ଆସିବେ ବୋଲି କିପରି ଭାବରେ ସବୁକିଛିର ପ୍ରସ୍ତୁତି ଚାଲିଥିଲା, ତାହା ମୁଁ ହିଁ ଜାଣେ । ଆପଣ କ୍ରୀଷ୍ଟମାସର ଆନନ୍ଦ ଉପଭୋଗ କରିବା ପାଇଁ ଆସିଥିଲେ ମୋ ଜମିଦାରୀ ଇଲାକାକୁ । ବାସ୍ତବରେ ସାହେବମାନଙ୍କୁ ମୁଁ ଖୁବ୍ ଖାତିର କରୁଥିଲି । ସେ ଦୃଷ୍ଟିରୁ ଯେହେତୁ ଆପଣ ଥିଲେ ମୋର ପ୍ରିୟ ବିଦେଶୀବନ୍ଧୁ, ସେଥିପାଇଁ ଆପଣଙ୍କୁ ସ୍ୱାଗତ କରିଥିଲି ହାର୍ଦ୍ଦିକତାର ସହିତ । ମୁଁ ତ ରାୟପୁର ଠାରେ ଶିକ୍ଷାର୍ଜନ କରିଥିଲି । ବିଲାତି ବାବୁଙ୍କ ପାଖରେ କିପରି ସାହେବୀ ବ୍ୟବହାର କରାଯାଏ, ତାହାର ସୂତ୍ର ଜଣାଥିଲା ମୋତେ ଭଲ ଭାବରେ । ମୁଁ ସାହେବମାନଙ୍କ ପ୍ରତି ଯଦିଓ ଥିଲି ଅଧିକ ଶ୍ରଦ୍ଧାଶୀଳ ମୋ ଦେଶର ପ୍ରଜାମାନଙ୍କ ପ୍ରତି କଦାପି ନଥିଲି ନିଷ୍ଠୁର । ତଥାପି ଏହି ବିଦେଶୀମାନଙ୍କ ସଂସ୍ପର୍ଶରେ ଆସୁଥିବା ଯୋଗୁଁ ମୋତେ ଲୋକେ ଭ୍ରଷ୍ଟ ଓ ବିଧର୍ମୀ ବୋଲି କହୁଥିବା କଥା ମୋ କାନରେ ପଡ଼ିଥିଲା । ମୋର ଆହାର ବିହାରରେ ବିଜାତୀୟ ଭାବ ଲକ୍ଷ୍ୟ କରୁଥିବା ଯୋଗୁଁ ସେମାନେ ଏପରି ମନ୍ତବ୍ୟ ଦେବା ଅଯଥାର୍ଥ ନଥିଲା । ସେଠାରେ ତମ୍ବୁ ଆଚ୍ଛାଦିତ ରହଣିସ୍ଥଳ ମଧ୍ୟ ସୁପ୍ରସ୍ତୁତ ହୋଇ ରହିଲା । କଟକରୁ ଆସିଲା ଆପଣଙ୍କ ଖାଦ୍ୟପେୟ ପାଇଁ ଅନେକ ଦ୍ରବ୍ୟ । ଯେହେତୁ ଆପଣଙ୍କ ସହିତ ମୋର ବନ୍ଧୁତା ପ୍ରଗାଢ଼, ସେହେତୁ ମଟରରେ ଯାଇ ବାଟରୁ ଆପଣଙ୍କୁ, ଆପଣଙ୍କ ପତ୍ନୀ ଓ ସୁକନ୍ୟାଙ୍କୁ ମୁଁ ପାଛୋଟି ଆଣିଥିଲି ନିଜେ ।

ଶିକାର ପ୍ରତି ମୋର ଦୁର୍ବଳତା ରହିଥିବା କଥା ଆପଣ ଜାଣିଥିଲେ । କିନ୍ତୁ ମୋର ସେହି ଦୁର୍ବଳତାର ସୁଯୋଗ ନିର୍ମମ ଭାବରେ ଆପଣ ଯେପରି ନେଲେ, ତାହା ମୁଁ ଭୁଲି ପାରିବି ନାହିଁ । ମୋ ପାଖରେ ଜଲି ଓ ଡୋରା କିପରି ପରମ ସାଥୀ ହୋଇ ରହିଥିଲେ, ତାହା ଆପଣ କେବେ ହେଲେ ଅନୁଭବ କରିପାରିବେ ନାହିଁ । ଡୋରା ଗୋଟିଏ ଇଂଲିଶ୍ ଗ୍ରେହାଉଣ୍ଡ୍ ଏବଂ ଜଲି ଗଡ଼ଜାତ ଜଙ୍ଗଲର ସୁକୁମାର କୃଷ୍ଣସାର । ଡୋରା ଆସିଥିଲା ଲଣ୍ଡନରୁ । ଜଲି ଓଡ଼ିଶାର ନିଭୃତ ଅରଣ୍ୟାନୀର କୋମଳାଙ୍ଗୀ କନ୍ୟା । ଡୋରା ମାଂସାଶୀ, ଜଲି ଶାକାହାରୀ । ତଥାପି ଏହି ବିପରୀତଧର୍ମୀ ଦୁଇ ଚରିତ୍ର ପରସ୍ପର ପ୍ରତି କିପରି ସହାନୁଭୂତିଶୀଳ ଥିଲେ, ତାହା ମହାନ ଗାଳ୍ପିକ **କାଳିନ୍ଦୀ ଚରଣ ପାଣିଗାହୀ** ବର୍ଣ୍ଣନା କରିଦେଇଛନ୍ତି ମାର୍ମିକ ଭାବରେ । ଓଡ଼ିଶାର ପ୍ରତିଟି ପାଠକ ଏ ଉଭୟଙ୍କ ବନ୍ଧୁତାରେ ବିମୁଗ୍ଧ । ମୋର ଗେହ୍ଲାଝିଅଟି ଜଲିକୁ କିପରି ଗଭୀର ଭାବରେ ଭଲ ପାଉଥିଲା, ତାହା ଆପଣ ଲକ୍ଷ୍ୟ କରିପାରିଲେ ନାହିଁ ।

ଯେଉଁଦିନ ମଧ୍ୟାହ୍ନ ଭୋଜନ କରିସାରିବା ପରେ ଆମେ ଶିକାର ଉଦ୍ଦେଶ୍ୟରେ ଯାତ୍ରା କଲେ, ସେ ଦିନଟି କେବେ କ'ଣ ଭୁଲି ଯାଇ ହେବ ? ସେଦିନ ବିଭିନ୍ନ ଦିଗରେ ଭ୍ରମଣ କରି ସୁଦ୍ଧା ଆମେ ଶିକାର କରିବା ପାଇଁ କୌଣସି ମାନବେତର ଜୀବଙ୍କୁ ପାଇ ପାରିନଥିଲେ । ପାହାଡ଼ ପଛପଟେ ସୂର୍ଯ୍ୟ ବୋଧହୁଏ ପରବର୍ତ୍ତୀ ସମୟର ଅମାନୁଷିକ ଦୃଶ୍ୟ ଦେଖିବା ପାଇଁ ନ ଚାହିଁ ଲୁଚି ଯାଇଥିଲେ । ଆମେ ତ ଶିକାରୀଦ୍ୱୟ । ନିରୀହ ଜୀବ ଦେହର ଲାଲ ରକ୍ତ ଦେଖିବାରେ ଆମର ପରମ ସୁଖ । ମାତ୍ର ସେଦିନ ପୂର୍ବଦିଗ ହୋଇଗଲା ମେଘାଚ୍ଛନ୍ନ । ଚତୁର୍ଦ୍ଦିଗରୁ ଘୋଟି ଆସିଲା ଭୀଷଣ ରୂପଧାରୀ ଅନ୍ଧକାର । ଶୀତାର୍ତ୍ତ ରାତ୍ରିର ବୃଷ୍ଟିପାତରେ ଆମେ ଭିଜି ଯାଇଥିଲେ ତମ୍ବୁର ତିନିଚାରି ମାଇଲ୍ ଦୂରବର୍ତ୍ତୀ ହୋଇ । ଆଶ୍ରୟ ନପାଇ ଆମେ ରାତି ୮ଟା ବେଳକୁ ପହଞ୍ଚିଥିଲେ ତମ୍ବୁକୁ । ଦୁର୍ଭାଗ୍ୟବଶତଃ ସେଦିନ ନୈଶ୍ୟ ଭୋଜନର କୌଣସି ବନ୍ଦୋବସ୍ତ ହୋଇ ପାରିନଥିଲା । ଉପାୟହୀନ ହୋଇ ଏକ ଅସହାୟ ଅବସ୍ଥାରେ ମୁଁ ଉପନୀତ ହୋଇଥିଲି ସେ ରାତିରେ । ତେବେ ଆପଣଙ୍କ ନିମନ୍ତେ କ'ଣ ବ୍ୟବସ୍ଥା କରାଯିବ, ତାହା ଭାବିବା ବେଳକୁ ଆପଣ ସେ ପ୍ରଚେଷ୍ଟାରୁ ମୋତେ ନିବୃତ୍ତ କରି ଦେଇଥିଲେ । ମୁଁ କ'ଣ ଜାଣିଥିଲି ଯେ, ଆପଣଙ୍କର ହିଂସ୍ର ଲୋଲୁପ ଦୃଷ୍ଟି ଆମର ଜଲି ଛୁଆଟି ପ୍ରତି ଆକର୍ଷିତ ହୋଇଛି ବୋଲି । ଯାହାହେଲେ ବି ଆପଣ ଏତିକି ତ ଜାଣିଥିଲେ ଯେ, ସେମାନେ ଆମର ପୋଷା ଜୀବ । ତଥାପି କିପରି ଆପଣଙ୍କ ଜିଭ ଲେଉଟିଲା ଜଲିକୁ ଆହାର ଭାବରେ ଗ୍ରହଣ କରିବାର ପ୍ରସ୍ତାବ ଦେବା ପାଇଁ ? ଆପଣଙ୍କ ପ୍ରଶ୍ନରେ ଚମକି ପଡ଼ିଥିଲି ମୁଁ । ତେବେ ଆପଣ ଯେହେତୁ ମୋର ସମ୍ଭ୍ରାନ୍ତ ବନ୍ଧୁ, ତେଣୁ ହଠାତ୍ କୌଣସି ବିଚାର କରିନପାରି ଦ୍ୱନ୍ଦ୍ୱାକ୍ରାନ୍ତ ମନରେ ଦେଇ ଦେଇଥିଲି ନିର୍ଦ୍ଦୟ ସ୍ୱୀକୃତି । ଆଜି ବି ମନେପଡୁଛି, ଆପଣଙ୍କ ପରି ଆଉ ଜଣେ ବିଦେଶୀ ବନ୍ଧୁଙ୍କ ସମ୍ମୁଖରେ ନିଜର ଶିକାର କୌଶଳ ଦେଖାଇବା ବେଳେ ଏହି ଜଲିକୁ ପାଇଥିଲି ମୁଁ । ଜଲି ଯେତେବେଳ ତା' ମାର ସ୍ତନ୍ୟପାନ କରୁଥିଲା ଆନନ୍ଦମୁଗ୍ଧ ହୋଇ, ଠିକ ସେତିକିବେଳେ ମୋର ବନ୍ଧୁକରୁ ଗୁଳିବର୍ଷଣ ହୋଇ ନିମିଷକରେ ଜଲିର ମା' ରକ୍ତାକ୍ତ ହୋଇ ଢଳି ପଡ଼ିଥିଲା ମାଟି ଉପରେ । ଗୋଟିଏ ମୁହୂର୍ତ୍ତରେ କ'ଣ ଯେ ଘଟିଗଲା, ତାହା ଜାଣି ପାରିନଥିଲା ଜଲି । ନିର୍ବୋଧ ଶିଶୁ ନିର୍ଭୟରେ ଠିଆ ହୋଇ ରହିଗଲା । ତା' ମା'କୁ ସେଦିନ ମାରିଦେଇ ସାହେବଙ୍କ ଠାରୁ ବହୁତ ପ୍ରଶଂସା ଶୁଣିଥିଲି । କିନ୍ତୁ ଏହି

ଜଲିର ଦୁଇଟି ନିରୀହ ଆଖି ମୋ ଅନ୍ତରକୁ ତରଳାଇ ଦେଇଥିଲା ସେଦିନ । ମୁଁ ତାକୁ ସ୍ନେହରେ ନେଇ ଆସିଥିଲି ଘରକୁ । ଯିଏ ଥିଲା ମୋର ପାଳିତା କନ୍ୟା ପରି ଅତି ଆପଣାର, ତା'ର ମାଂସ ମୁଁ ଭକ୍ଷଣ କରିବି, ଏହା ଥିଲା ମୋ କଳ୍ପନାର ବାହାରେ । ବନ୍ଧୁମୋହ ହେତୁ ଆପଣଙ୍କୁ ସେଦିନ ମନା କରି ପାରିଲି ନାହିଁ । ଆପଣ ନିଜ ହାତରେ କିଛି ହେଲେ ଶିକାର ନକଲେ ଆପଣଙ୍କ ମନ ଭାଙ୍ଗିଯାଏ ପରା ! ଯୁଦ୍ଧକ୍ଷେତ୍ରରେ ବହୁ ଲୋକଙ୍କର ପ୍ରାଣକ୍ଷୟ କରିଥିବାର ଆପଣଙ୍କର ସୁଖ୍ୟାତି ଥିଲା । ଆପଣ ଏତେ ଶିକାର-ଅନ୍ଧ ଥିଲେ ଯେ, ଦିନେ କାହାକୁ ନପାଇ ନିଜ ବେକ କାଟିବାକୁ ଉଦ୍ୟତ ହୋଇଥିଲେ ବୋଲି ଆପଣଙ୍କ ପତ୍ନୀଙ୍କଠୁ ଶୁଣିଥିଲି ।

ଆହା ! ଜଲି ଓ ଡୋରା ପରସ୍ପରର କୋଳରେ ମୁହଁ ଗୁଞ୍ଜିଦେଇ କେତେ ଆରାମରେ ସେଦିନ ଶୋଇ ପଡ଼ିଥିଲେ । ଡୋରା ପାଖରୁ ଜଲିକୁ ଆଣିବା ଥିଲା କି କଷ୍ଟସାଧ୍ୟ ବ୍ୟାପାର, ତାହା ତ ଆପଣ ଜାଣନ୍ତି । ଆମର ଅସତ୍ ଉଦ୍ଦେଶ୍ୟ ଡୋରା ଅବିଳମ୍ବେ ଜାଣି ପାରିଥିଲା । ଜଲି ଦେଖୁଥିଲା, ତା'ର ପିତୃପ୍ରତିମ ଜମିଦାର ବାବୁଙ୍କୁ । ଆଉ ପରମ ବନ୍ଧୁ ଡୋରାକୁ । ସେ ଥିଲା ସେଥିପାଇଁ ଭୟଶୂନ୍ୟ । ଆପଣଙ୍କ ହାତରେ ଚକ୍ ଚକ୍ କରୁଥିବା ଛୁରି ଦେଖି ଡୋରା ସବୁ ବୁଝି ଯାଇଥିଲା । ମୁଁ ଜଲିକୁ ବଳିଦେବା ପୂର୍ବରୁ ମୋ ବିବେକକୁ ଯେ ବଳି ଦେଇସାରି ଅସହାୟ ଭାବରେ ସ୍ଥାଣୁ ହୋଇ ରହିଥିଲି, ତାହା ଦେଖି ଜଲି ହୋଇଥିଲା ହତାଶ । କିନ୍ତୁ ଡୋରା ପ୍ରତି ଜଲି ଚାହିଁଲା ଯେତେବେଳେ ସଜଳ ଦୃଷ୍ଟି ନେଇ, ସେତେବେଳେ ଡୋରା ସକଳ ବନ୍ଧନକୁ ଛିନ୍ନ କରି ଜଲିକୁ ଧରିଥିବା ଖାନ୍‌ସାମାକୁ କିପରି ଆଘାତ କଲା, ଆପଣ ନିଜେ ଆଖିରେ ଦେଖିଲେ । ଏପରି ପରିସ୍ଥିତିରେ ମୁଁ ଆପଣଙ୍କୁ କ୍ଷମା ମାଗୁଥିଲି । ଅଥଚ ମୋ ଭିତରେ ଏକ ଅବ୍ୟକ୍ତ ବେଦନାର କ୍ରନ୍ଦନ ଅସ୍ପଷ୍ଟ ଭାବରେ ଶୁଣି ପାରୁଥିଲି । ଆପଣଙ୍କୁ ଏପରି ନିଷ୍ଠୁର ପଦକ୍ଷେପରୁ ନିଷ୍କ୍ରାନ୍ତ ରହିବାକୁ କହିବାକୁ ଯାଉଯାଉ ବସି ପଡ଼ିଥିଲି ସମସ୍ତ ନୈତିକ ବଳ ହରାଇ । ମୁହଁରେ ଓ ଆଖିରେ ରୁମାଲ୍ ଘୋଡ଼ାଇ ଦେଇଥିଲି ସେ ହୃଦୟ ବିଦାରକ ଦୃଶ୍ୟ ନ ଦେଖିବା ପାଇଁ । ମାତ୍ର ଗୋଟିଏ ପାଖରେ ଡୋରାର ବ୍ୟାକୁଳ କ୍ରନ୍ଦନ ଓ ଆଉ ଗୋଟିଏ ପାଖରେ ଜଲିର ରୁଦ୍ଧକଣ୍ଠର ବିଳାପ କର୍ଣ୍ଣରେ ନୁହେଁ ମର୍ମରେ ଭେଦିଗଲା । ମୁହଁରୁ ରୁମାଲ୍ କାଢ଼ି ଦେଖିଲି ସବୁ ହୋଇଯାଇଛି ଶେଷ ।

ଜୀବନରେ କେବେ ଭାବି ନଥିଲି ଆପଣଙ୍କ ପରି ସାହେବୀ ବନ୍ଧୁଙ୍କ ସହିତ ବସି ଜଲିର ମାଂସ ଭକ୍ଷଣ କରିବାକୁ ପଡ଼ିବ ମୋତେ । ଅତି କଷ୍ଟରେ ଯତ୍ ସାମାନ୍ୟ ଆହାର କଲି କି ନକଲି ହୃଦୟ ଭିତରଟା ବ୍ୟଥାତୁର ହୋଇ ଭାଙ୍ଗି ପଡ଼ିଲା । ଜଲିର ମାଂସ ଖାଇବା ପାଇଁ ଡୋରାକୁ ବି ଦିଆ ଯାଇଥିଲା । କିନ୍ତୁ ସେ ତାହା ସ୍ପର୍ଶ ସୁଦ୍ଧା କଲା ନାହିଁ । ସେ ରାତିରେ ଶୟନକକ୍ଷକୁ ଆସିଲି ସିନା, ନିଦ କୁଆଡୁ ଆସନ୍ତା ମୋ ପାଖକୁ ? ନିଦ୍ରାଦେବୀଙ୍କ ପାଇଁ ସୁଦ୍ଧା ମୁଁ ଅସ୍ପୃଶ୍ୟ ବିବେଚିତ ହୋଇଗଲି । ସବୁ ଦୃଶ୍ୟ ଗୋଟିକ ପରେ ଗୋଟିଏ ଆଖି ଆଗରେ ନାଚି ଯାଉଥାଏ । ଆପଣଙ୍କ ହାତର ଛୁରୀ ଓ ନୃଶଂସ ଅଟ୍ଟହାସ୍ୟ ବିଦ୍ଧ କରିପକାଇଲା ମୋର ସମଗ୍ର ସତ୍ତାକୁ । ଜଲି ମୋତେ ଚାହିଁ କହି ଉଠୁଥିଲା– "ମୁଁ ପରା ମୋ ମା'କୁ ଛାଡ଼ି ତୁମକୁ ଆଶ୍ରୟ କରି ଧରିଥିଲି ?" ଜଲିର କାକୁତିମିନତି ଭରା ଚାହାଣି ମୋ ଭିତରେ ମର୍ମବିଦାରକ ବିଳାପରେ ପରିଣତ ହୋଇଗଲା । ତହିଁପରଦିନ ଆପଣ ସପରିବାର ମୋ ଠୁ ବିଦାୟ ନେଇ ଯାଇଥିଲେ । ମୁଁ ମନେମନେ ଭାବୁଥିଲି ବିଲାତି କୁକୁରଟାର ହୃଦୟ ଅଛି ଅଥଚ ଆପଣଙ୍କ ପରି ବିଲାତି ସାହେବଙ୍କ ପାଖରେ ସେ ଟିକକ ଅନୁପସ୍ଥିତ । ଆପଣ କେବେହେଲେ ଡୋରା ଭଳି କୁକୁର ସହିତ ବି ତୁଳନୀୟ ହୋଇପାରିବେ ନାହିଁ । ଆପଣ ତା'ଠାରୁ କେତେ ହୀନ ! କେତେ ନୀଚ ! ଆଉ ମୁଁ ? ମାଂସାଶୀ କୁକୁର ଠାରୁ ବି କି ନୃଶଂସ ! ଛି ଛି, ନିଜ ପ୍ରତି ଯେଉଁ ଘୃଣା ଜନ୍ମ ନେଲା ସେ ମୁହୂର୍ତ୍ତରେ ତାହା କିପରି ବା ବ୍ୟକ୍ତ କରିପାରିବି ?

ମୋ ଚାରିବର୍ଷର ଶିଶୁ କନ୍ୟା ଜଲିକୁ କେତେ ଖୋଜିଥିଲା । ଆପଣ ତାକୁ ମାରି ଦେଇଛନ୍ତି ବୋଲି ଜାଣିବା ପରେ ଆପଣଙ୍କୁ ମାରିଦେବା ପାଇଁ ଆଖି ଛଳଛଳ କରି ତା'ର ଦୁଃଖ ଓ କ୍ରୋଧ ବ୍ୟକ୍ତ କରୁଥିଲା ଦରୋଟି ଭାଷାରେ । ଝିଅକୁ ଦେଖି ମୋ ଦୁଇ ଆଖିରୁ ଝରିବାକୁ ଲାଗିଲା ଶ୍ରାବଣ ଧାରା । ଅସହ୍ୟ ବେଦନାରେ ଛଟପଟ ହୋଇ ଭୋ ଭୋ କାନ୍ଦିଥିଲି ଶିଶୁଟିଏ ପରି । ସତେ ଯେପରି ହରିଣ ଶାବକର ମାଂସଖଣ୍ଡର ବିକଳ କ୍ରନ୍ଦନ ମୋର ପ୍ରତିଟି ରକ୍ତବିନ୍ଦୁରୁ ଫୁଟି ଉଠୁଥିଲା । ଏହି ଅସହ୍ୟ ବେଦନାରେ ଭାରାକ୍ରାନ୍ତ ମୋ ମନ ଓ ଶରୀର ଜ୍ୱରାକ୍ରାନ୍ତ ହୋଇପଡ଼ିଲା । ଭାବିଥିଲି, ମୁଁ ଆଉ ବଞ୍ଚିବି ନାହିଁ । ମାତ୍ର ମୋ ଦ୍ୱାରା ଭଗବାନଙ୍କର ନିଷ୍ପତ୍ତି କାର୍ଯ୍ୟକାରୀ ହେବାର ଥିଲା ବୋଲି ସୁସ୍ଥ ହୋଇଉଠିଲି ମୁଁ । ମୁଁ କ'ଣ ଆଉ ଆପଣଙ୍କର ସେହି ପ୍ରିୟ ବନ୍ଧୁ ହୋଇ ରହିଥିଲି ? ଡୋରା ନିରାହାରରେ ପଡ଼ି ରହିଥିଲା ଦିନଦିନ ଧରି । ତା'ପରେ ସେ ଦିନେ ଅଦୃଶ୍ୟ ହୋଇଗଲା । କାଠୁରିଆମାନେ କହନ୍ତି ନିବିଡ଼ ଜଙ୍ଗଲ ମଧ୍ୟରୁ ରୁଦ୍ଧ ପଶୁ କଣ୍ଠର କରୁଣ ଆର୍ତ୍ତବିଳାପ ସେମାନେ ଶୁଣି ପାରନ୍ତି । ଗାଳ୍ପିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଗଳ୍ପର ଶେଷଧାଡ଼ିଟି ଲେଖିଛନ୍ତି ଏହିପରି– "ସେ କିନ୍ତୁ ଜଲି, ନା ଡୋରାର ?"


ସତକଥା କହିବାକୁ ଆଜି ଆଉ ମୋର କିଛି ଭୟ ନାହିଁ । ସେ କ୍ରନ୍ଦନ ଜଣେ ନୁହେଁ, ତିନିଜଣଙ୍କର । ଜଲି, ଡୋରା ସହିତ ମୋ ଭଳି ନିଷ୍ଠୁର ଅମଣିଷର କ୍ରନ୍ଦନ ସେହି ଜଙ୍ଗଲ ମଧ୍ୟରେ ଏବେ ବି ଶୁଭୁଛି । ବନ୍ଧୁ ମହୋଦୟ ! ସେ ଦିନ ଠାରୁ ମୋର ହୋଇଛି ପୁନର୍ଜନ୍ମ । ମୁଁ କ'ଣ କରିଛି ଜାଣନ୍ତି ଆପଣ ? ଆପଣ ରହୁଥିବା ଅତିଥିଶାଳା ଦରିଦ୍ରମାନଙ୍କ ପାନ୍ଥନିବାସରେ ପରିଣତ ହୋଇସାରିଛି । ଉଆସ ମଧ୍ୟରେ ଆମିଷ ପ୍ରବେଶ ନିଷିଦ୍ଧ ହୋଇଛି । ଜମିଦାରୀ ମଧ୍ୟରେ କେହି ମୃଗଶିକାର କିମ୍ବା ବଧ କରି ପାରିବେ ନାହିଁ ବୋଲି ଘୋଷଣା କରି ଦିଆ ଯାଇଛି । ଜଲିର ଆତ୍ମୋତ୍ସର୍ଗ ବ୍ୟର୍ଥ ହୋଇଯାଇନାହିଁ । ଗୋଟିଏ ଜଲି ବଦଳରେ ଆଜି ସହସ୍ର ସହସ୍ର ଜଲି ଅବାଧରେ ବିଚରଣ କରୁଛନ୍ତି ଜଙ୍ଗଲ ମଧ୍ୟରେ । ମୁଁ ଏବେ ବି ଜଙ୍ଗଲ ମଧ୍ୟକୁ ବୁଲିବାକୁ ଯାଏ ଏକୁଟିଆ । ମୋ ହାତରେ ବନ୍ଧୁକ ନୁହେଁ ରହିଥାଏ କିଛି ଖାଦ୍ୟ ପଦାର୍ଥ ହରିଣ ଶାବକମାନଙ୍କୁ ଦେବା ପାଇଁ । ପ୍ରଥମେ ପ୍ରଥମେ ମୋତେ ଦେଖିଲା ମାତ୍ରକେ ମୃଗଦଳ ତୀବ୍ର ଗତିରେ ପଳାୟନ କରୁଥିଲେ । କିନ୍ତ ବର୍ତ୍ତମାନ ସେମାନେ ଧୀରେ ଧୀରେ ଭୟଶୂନ୍ୟ ହୋଇ ମୋର ନିକଟବର୍ତ୍ତୀ ହୁଅନ୍ତି । ମୁଁ ସ୍ନେହରେ ସେମାନଙ୍କୁ ଆଉଁସି ଦେଉଥାଏ । ଆଉ ସେମାନଙ୍କ ଦୁଇ ନିରୀହ ଆଖି ଭିତରେ ଅନ୍ୱେଷଣ କରୁଥାଏ ଜଲିର ମମତାଭରା ସରଳ ଚାହାଣି । ଏ ଗଳ୍ପଟି ପଢ଼ିଲା ପରେ ଓଡ଼ିଶାର ବହୁ ପାଠକ ମାଂସାହାର ତ୍ୟାଗ କରିଥିବା ଖବର ମୁଁ ପାଇଛି । ପ୍ରକୃତରେ ମହାନ ସାହିତ୍ୟ ସ୍ରଷ୍ଟା ପରମପୂଜ୍ୟ କାଳିନ୍ଦୀଚରଣ ପାଣିଗ୍ରାହୀ ଏ ଗଳ୍ପ ମାଧ୍ୟମରେ ଯେଉଁମାନଙ୍କ ସମ୍ବେଦନା ସୃଷ୍ଟି କରି ପାରିଛନ୍ତି, ତାହାର ତୁଳନା ନାହିଁ । ଏହି ଏକବିଂଶ ଶତାବ୍ଦୀରେ ଏ ପୃଥିବୀ କିପରି କରୋନା ଭୂତାଣୁ ଦ୍ୱାରା କବଳିତ, ତାହା ଆପଣ ଜାଣି ପାରୁଥିବେ । ଆପଣଙ୍କ ପରି ଅସଂଖ୍ୟ ବିଦେଶୀ ବନ୍ଧୁ ଯେପରି ଭାବରେ ଏ ପୃଥିବୀରେ ନିରୀହ ଜୀବହତ୍ୟା କରି ଚାଲିଛନ୍ତି ଓ ମମତାମୟୀ ମାତୃସମା ପ୍ରକୃତି ଉପରେ ଅବିଚାରିତ ଅତ୍ୟାଚାର କରି ଚାଲିଛନ୍ତି, ତାହାର ବିଷମୟ ପରିଣତି ଆଗକୁ କ'ଣ ହେବ ତାହା କିଏ ବା କହିପାରିବ ?

ଆପଣଙ୍କ ହୃଦୟଟି କେତେ ନିର୍ମମ ଏକଥା ନିର୍ଭିକ ଭାବରେ ଜଣାଇଦେବା ପାଇଁ ଏ ଚିଠି ଲେଖିଲି । ଆପଣଙ୍କ ପ୍ରିୟ ବନ୍ଧୁ ଏହି ନିଷ୍ଠୁର ଜମିଦାର ମଧ୍ୟ କିପରି ବଦଳି ଯାଇଛି, ତାହା ଆପଣଙ୍କୁ ଜଣାଇ ଦେବାର ଆବଶ୍ୟକତା ଥିଲା । ନିରୀହ, କୋମଳ, ନିଷ୍ପାପ ହରିଣୀ ଛୁଆଟିର ମାଂସର ବିଳାପ କି ମର୍ମବିଦାରକ, ତାହା ଆପଣଙ୍କୁ ବୁଝାଇ ଦେବାର ମଧ୍ୟ ଥିଲା ଏକାନ୍ତ ଜରୁରୀ । ଶେଷରେ ଆଉ ଏକ ଅନୁରୋଧ ଜଣାଇ ଏ ଚିଠି ଲେଖା ଶେଷ କରିବି ।

ଆପଣ ଜାଣନ୍ତି, ଯେଉଁଠି ଆପଣଙ୍କ ପରି ନୃଶଂସ ସାହେବମାନେ ରହିବାର ଆରାମଦାୟକ ସୁବ୍ୟବସ୍ଥା ମୁଁ କରିଦେଇଥିଲି ସେ ଅତିଥିଶାଳ ସଂପ୍ରତି ଦରିଦ୍ରମାନଙ୍କ ସଂପତ୍ତି । ଏଥିରେ ଆଉ ଆପଣଙ୍କ ପାଇଁ ସ୍ଥାନ ନାହିଁ, କେବେ ରହିବ ନାହିଁ । ମୋର ବିନମ୍ର ଅନୁରୋଧ ନିଜ ହୃଦୟ ପରିବର୍ତ୍ତିତ ନହେବା ପର୍ଯ୍ୟନ୍ତ ଆଉ ମୋ ପାଖକୁ ଆପଣ ଆସିବେ ନାହିଁ ।

# ଗୋପାଳପୁରର ଗୌରବ







# ଗୋପାଳପୁରର ଟସର ଓ ସିଲ୍‌କ ବସ୍ତ୍ରର କାହାଣୀ


**ନାରାୟଣ କୁମାର ରାଉତରାୟ**

ଉପୁଳାଇ, ନଗୁଆଁ, ଯାଜପୁର ରୋଡ଼

ଫୋନ : ୯୯୩୭୧୨୮୫୮୪


ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍


ରାଜ୍ୟର ବିଭିନ୍ନ ମେଳାମହୋତ୍ସବ ତଥା ହସ୍ତତନ୍ତ ପ୍ରଦର୍ଶନୀକୁ ଆସୁଥିବା ବିଭିନ୍ନ ରାଜ୍ୟର ଭିନ୍ନଭିନ୍ନ ହସ୍ତତନ୍ତ ସାମଗ୍ରୀ ମଧ୍ୟରୁ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡୀ ପଂଚାୟତର ଗୋପାଳପୁର ଗ୍ରାମର ଟସରରୁ ପ୍ରସ୍ତୁତ ନାମୀଦାମୀ ଶାଢୀ, ଧୋତି, ଯୋଡ,ଗାମୁଛା, ଚଦର ଓ ବିଭିନ୍ନ କିସମର କପଡା ଅନ୍ୟତମ । ଗୋପାଳପୁର ଟସର ରେଶମ ବସ୍ତ୍ରର ଚାହିଦା ଓ ଆଦର ଦେଶ ବିଦେଶରେ ବହୁତ ଅଧିକ ଜାଣିବା ପରେ ମୁଁ **ରେବତୀ** ପତ୍ରିକା ପାଇଁ ଏକ ଫିଚର୍ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଲି **ରେବତୀ**ର ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କ ଠାରୁ ସବୁଜ ସଂକେତ ପାଇଲା ପରେ ଆମେ (ମୁଁ ଓ ମୋର ବନ୍ଧୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିନନ୍ଦନ ପତିଙ୍କ ସହିତ) ଯାଇ ପହଁଚିଥିଲୁ ୧୬ନମ୍ବର ଜାତୀୟ ରାଜପଥରୁ ମାତ୍ର ଗୋଟେ କିଲୋମିଟର ଦୂର ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡୀ ପଂଚାୟତର ଗୋପାଳପୁର ଗାଁରେ । ଯେଉଁଠି ଦୁଇ ହଜାରରୁ ଉର୍ଦ୍ଧ୍ୱ ବୁଣାକାର ୧୭ଟି ତନ୍ତବାୟ ସେବା ସମବାୟ ସମିତି ଗଠନ କରି ପାରମ୍ପରିକ ହସ୍ତତନ୍ତରେ କାହିଁ କେଉଁ କାଳରୁ ବଂଶାନୁକ୍ରମେ ପ୍ରସ୍ତୁତ କରୁଛନ୍ତି ଟସର ଓ ସିଲ୍‌କ ବସ୍ତ୍ର । ଆମେ ପ୍ରଥମେ ପହଂଚିଥିଲୁ ଗାଁର ଆରମ୍ଭରେ ଥିବା ମା ତାରିଣୀ ତନ୍ତବାୟ ସହଯୋଗ ସମିତିର ସମ୍ପାଦକ ଶ୍ରୀ ଅଶୋକ କୁମାର ଗୁଇଁ ଓ ହିଙ୍ଗୁଳା ଟସର ଓ ସିଲ୍‌କ ସେବା ସମବାୟ ସମିତିର ସଭାପତି ନରେନ୍ଦ୍ର କୁମାର ବେହେରାଙ୍କ ନିକଟରେ । ଏ ଦୁଇ ଭଦ୍ରବ୍ୟକ୍ତିଙ୍କ ଠାରୁ ମିଳିଥିଲା ତଥ୍ୟ ସଂଗ୍ରହରେ ଅକୁଣ୍ଠ ସହେଯାଗ ।

## କେମିତି ଯିବେ

ରାଜଧାନୀ ଭୁବନେଶ୍ୱରରୁ ବସ୍ ଯୋଗେ ୧୬ନମ୍ବର ଜାତୀୟ ରାଜପଥରେ ବାଲେଶ୍ୱର, ବାରିପଦା କିମ୍ବା କେଉଁଝର ବସ ଯୋଗେ ୭୫ କିଲୋମିଟର ଆସିଲା ପରେ ଯାଜପୁର ଜିଲ୍ଲାର କୁଆଖିଆ ପୂର୍ବରୁ ପଡିବ ପ୍ରଥମାଖଣ୍ଡୀ ଗୋପାଳପୁର ଛକ । ସେହିଠାରୁ ପୂର୍ବକୁ ମାତ୍ର ଗୋଟିଏ କିଲୋମିଟର ଗଲେ ପଡିବ ଗୋପାଳପୁର ଗାଁ, ଯେଉଁଠି କାର୍ଯ୍ୟ କରୁଛି ବିଶ୍ୱପ୍ରସିଦ୍ଧ ଟସର ଓ ସିଲ୍‌କର ୧୭ଟି ହସ୍ତତନ୍ତ ସମବାୟ ସମିତି । ଅନ୍ୟ ବାଟରେ ରାଜଧାନୀ ଭୁବନେଶ୍ୱରରୁ କିମ୍ବା କଲିକତା ଆଡୁ ଟ୍ରେନ୍ ଯୋଗେ ଆସିଲେ ଯାଜପୁର-କେଉଁଝର ରୋଡ ରେଳ ଷ୍ଟେସନରେ ଓହ୍ଲାଇ କଟକ କିମ୍ବା ଭୁବନେଶ୍ୱର ଯାଉଥିବା ବସ୍ ଯୋଗେ ୩୫ କିଲୋମିଟର ଗଲେ ଗୋପାଳପୁର ଛକରେ ପହଂଚି ପାରିବେ ।

## ପ୍ରାଚୀନ କୌଳିକ ବୃତ୍ତି

ଓଡିଶା ତଥା ଯାଜପୁର ଜିଲ୍ଲାର ଗର୍ବ ଓ ଗୌରବ ବହନ କରୁଥିବା ଏହି ଗୋପାଳପୁର ଗ୍ରାମଟି ରସୁଲପୁର ବ୍ଲକ ଅନ୍ତର୍ଗତ ପଥମାଖଣ୍ଡୀ ଗ୍ରାମ ପଂଚାୟତ ଓ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀର ଉତ୍ତର ପାର୍ଶ୍ୱରେ ଅବସ୍ଥିତ । ଗ୍ରାମର ଗୋପାଳପୁର, ଗୋବିନ୍ଦପାଟଣା, ଚକଗୋପାଳପୁର, ପାଟଣାସାହି, ପତିସାହି, ହିଙ୍ଗୁଳାସାହି ଓ ବଉଳମୂଳ ସାହିରେ ହାରାହାରି ୨ହଜାରରୁ ଅଧିକ ତନ୍ତବାୟ ବୁଣାକାର ପରିବାର ବାସ କରୁଛନ୍ତି । ଟସର ଓ ରେଶମ ସହିତ କପାସୂତାରେ ବିଭିନ୍ନ ପ୍ରକାର ବସ୍ତ୍ର ପାରମ୍ପରିକ ହସ୍ତତନ୍ତରେ ବୁଣିବା ଏମାନଙ୍କର ବଂଶାନୁକ୍ରମିକ କୌଳିକ ବୃତ୍ତି ହୋଇଥିବାରୁ ଏଠିକାର ବୁଣାକାରମାନେ ଅନ୍ୟ କୌଣସି ବ୍ୟବସାୟ ପ୍ରତି ମନ ନବଳାଇ ସେମାନଙ୍କର କୌଳିକ ବୃତ୍ତିକୁ ଆଜି ପର୍ଯ୍ୟନ୍ତ ବଂଚାଇ ରଖିଛନ୍ତି । ସାଧାରଣତଃ ସମାଜର ଧନୀକ, ସମ୍ଭ୍ରାନ୍ତ ଓ ଉଚ୍ଚବର୍ଗର ଲୋକମାନେ ନିଜର ଆଭିଜାତ୍ୟର ପରାକାଷ୍ଠା ସ୍ୱରୂପ ଟସର ଓ ରେଶମର ବସ୍ତ୍ର ପରିଧାନ କରିବା ସଂଗେସଂଗେ ଉପଢୌକନ ଭାବେ ବ୍ୟବହାର କରୁଥିଲେ । ଏହଛଡା ପ୍ରାଚୀନ ଭାରତରେ ଉତ୍କଳୀୟ ସାଧବମାନେ ବାଲି, ବୋର୍ଣ୍ଣିଓ ଆଦି ଦୂର ଦେଶମାନଙ୍କରେ ଏହି ଟସର ଓ ରେଶମ ବସ୍ତ୍ରର ବ୍ୟବସାୟ ବାଣିଜ୍ୟ କରୁଥିବା ଇତିହାସରୁ ଜଣାପଡେ । ସେ ସମୟରେ କଳକାରଖାନା ନଥିଲେ ମଧ୍ୟ ଏହି ତନ୍ତବାୟ ବୁଣାକାରମାନେ ସପରିବାର ଟସରରୁ ସୂତା ପ୍ରସ୍ତୁତ କରିବା, ସୂତାରେ ପ୍ରାକୃତିକ ରଙ୍ଗ ଦେଇ ରଙ୍ଗୀନ କରିବା ସହିତ ତନ୍ତରେ ବିଭିନ୍ନ ପ୍ରକାର ବସ୍ତ୍ର ବୟନ କରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ନିଜ ମଧ୍ୟରେ ବାଣ୍ଟି ହୋଇ କରୁଥିଲେ ଯାହା ଏବେ ବି କରା ଯାଉଛି । ହେଲେ ସେତେବେଳେ ସମାଜରେ ଥିବା ଧନୀକ ଗୋଷ୍ଠୀ ଏହି ବୁଣାକାର ସଂପ୍ରଦାୟଙ୍କର ପୃଷ୍ଠପୋଷକତା କରୁଥିବା ବେଳେ ଏବେ ରାଜ୍ୟ ସରକାରଙ୍କ କୁଟୀର ଓ ହସ୍ତତନ୍ତ ଶିଳ୍ପ ବିଭାଗ ଯାହାକି ଏବେ ବୟନ ଶିଳ୍ପ ବିଭାଗ ବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ



▲ ଲେଖକ ନାରାୟଣ ରାଉତରାୟ



ସହାୟତାର ହାତ ବଢାଇ ବୁଣାକାରମାନଙ୍କର କୌଳିକ ବୃତ୍ତିକୁ ପ୍ରୋତ୍ସାହନ ଯୋଗାଉଛି ।

## ପ୍ରଥମ ସେବା ସମବାୟ ସମିତି ଗଠନ

ଦେଶ ସ୍ୱାଧୀନତା ଲାଭ କଲା ପରେ ଦେଶରୁ ରାଜା ମହାରାଜା ଓ ଜମିଦାରୀ ଉଚ୍ଛେଦ ହେଲା । ଫଳରେ ବୁଣାକାରମାନଙ୍କର ଅର୍ଥନୈତିକ ଦୁରାବସ୍ଥା ଦେଖା ଦେଲା । କାରଣ ଯେଉଁମାନଙ୍କ ପୃଷ୍ଠପୋଷକତାରେ ସେତେବେଳର ହସ୍ତତନ୍ତ ବୟନ ଶିଳ୍ପ ପରିଚାଳିତ ହେଉଥିଲା ସେମାନେ ମଧ୍ୟ ସରକାରଙ୍କ କଟକଣାର ଶିକାର ହୋଇଥିଲେ । ସ୍ୱାଧୀନତାର ପରବର୍ତ୍ତୀ ସମୟରେ ସରକାରୀ ପ୍ରୋତ୍ସାହନର ଅଭାବ ସାଙ୍ଗକୁ କଂଚାମାଲର ଅଭାବ, ବିଶେଷକରି ମାଲ୍ କିଣିବାକୁ ଅର୍ଥର ଅଭାବ ବହୁ ବୁଣାକାରମାନଙ୍କୁ କୌଳିକ ବୃତ୍ତି ଛାଡିବାକୁ ବାଧ୍ୟ ହୋଇଥିଲେ ହେଁ ଗୋପାଳପୁରର ହାରାହାରି ୮ଶହ ବୁଣାକାର ପରିବାରର ଦୁଇହଜାରରୁ ଅଧିକ ବୁଣାକାର ହତୋତ୍ସାହ ନହୋଇ ବିଶିଷ୍ଟ ବୁଣାକାର ହରମୋହନ ଦାସଙ୍କ ଉଦ୍ୟମରେ ଗୋପାଳପୁରର ସମସ୍ତ ବୁଣାକାରଙ୍କୁ ନେଇ ୧୯୫୬ ମସିହାରେ ଗଠନ କରିଥିଲେ ଏକ ହସ୍ତତନ୍ତ ବୁଣାକାର ସମବାୟ ସମିତି । ଯାହାର ନାମ ଥିଲା **ଗୋପାଳପୁର ବାଲୁଙ୍କେଶ୍ୱର ତନ୍ତୁବାୟ ସହଯୋଗ ସମିତି** । ଦୁଇହଜାରରୁ ଅଧିକ ବୁଣାକାରଙ୍କୁ ନେଇ ଗୋଟିଏ ସମବାୟ ସମିତି ଚଳାଇବା କଷ୍ଟକର ହେବାରୁ ପରବର୍ତ୍ତୀ ସମୟରେ ଗୋଟିକ ପରେ ଗୋଟିଏ କରି ମୋଟ ୧୭ଟି ସେବାସମବାୟ ସମିତି ଏବେ କାର୍ଯ୍ୟ କରୁଛି । ସେଥିମଧ୍ୟରୁ ୩ଟି ମହିଳା ବୁଣାକାରଙ୍କୁ ନେଇ ସେବା ସମବାୟ ସମିତି ଗଠିତ ହୋଇଛି । ସେଗୁଡିକ ହେଲା ହିଙ୍ଗୁଳା ସେବା ସମବାୟ ସମିତି, ଶ୍ରୀବିଷ୍ଣୁ , ମହାବୀର, ଶ୍ରୀକୃଷ୍ଣ, ଗୋଖନେଶ୍ୱର, ରାଧାକୃଷ୍ଣ, ଶ୍ରୀହରୀ, ଜୟ ଜଗନ୍ନାଥ, ସାଇରାମ, ମାଲ୍ୟାବୁଢୀ, ଲୋକମାତା, ବ୍ରାହ୍ମଣୀଦେବୀ, ମାଆ ମଙ୍ଗଳା ମହିଳା, ମାଆ ତାରାତାରିଣୀ ମହିଳା, ପଦ୍ମାଳୟା ମହିଳା, ମା ତାରିଣୀ ତନ୍ତବାୟ ସହେଯାଗ ସମିତି ।

## କଂଚାମାଲ୍ ସଂଗ୍ରହ

ରାଜା ଓ ଜମିଦାରଙ୍କ ସମୟରେ ଓଡିଶାରେ ଜଙ୍ଗଲ ଭରପୁର ହୋଇଥିଲା ଏବଂ ଏହିସବୁ ଜଙ୍ଗଲରୁ ପ୍ରଚୁର ପରିମାଣରେ ଟସର ମିଳୁଥିଲା । ସେ ସମୟରେ ବୁଣାକାର ମାନଙ୍କର ପୃଷ୍ଠପୋଷକତା କରୁଥିବା ଧନୀକ ଓ ସମ୍ଭ୍ରାନ୍ତ ଶ୍ରେଣୀର ବ୍ୟକ୍ତିମାନେ ଟସର ସଂଗ୍ରହ ପାଇଁ ବୁଣାକାର ପରିବାର ଗୁଡିକୁ ଆର୍ଥିକ ସହାୟତା ଯୋଗାଇ ଦେଉଥିଲେ । ବୁଣାକାରମାନେ ଓଡିଶାର ସୁକିନ୍ଦା, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ଢେଙ୍କାନାଳ, ନବରଙ୍ଗପୁର, ବୌଦ୍ଧ ଓ ଦେବଗଡ ଜିଲ୍ଲାର ଜଙ୍ଗଲ ମାନଙ୍କରୁ ଟସର ସଂଗ୍ରହ କରି ସୂତା ପ୍ରସ୍ତୁତ କରୁଥିଲେ । ପରବର୍ତ୍ତୀ ସମୟରେ ଅବାଧ ଗଛକଟା, ଖଣିଖାଦାନରୁ ଖଣିଜ ଉତ୍ତୋଳନ, ରାସ୍ତାଘାଟ ଓ କଳକାରଖାନା ନିର୍ମାଣ ଯୋଗୁ ଜଙ୍ଗଲ କ୍ଷୟ ପାଇବାରୁ ଟସରର ଅଭାବ ଦେଖା ଦେଲା । ଟସରର ଏହି ଅଭାବ ପୂରଣ କରିବାକୁ ରାଜ୍ୟ ସରକାର ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଟସର ଫାର୍ମ ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଟସର ଫାର୍ମ ଆରମ୍ଭ କଲେ । ବିଭିନ୍ନ ଟସର ଫାର୍ମରୁ ରାଜ୍ୟ ସରକାରଙ୍କ ଅଧିନରେ କାର୍ଯ୍ୟ କରୁଥିବା ସେରିଫେଡ୍ ଓ ବୟନିକା କଂଚାମାଲ୍ ଭାବେ ଟସର ସଂଗ୍ରହ କରି କିଲୋ ଦରରେ କିମ୍ବା ଗୋଟା ଦରରେ ବୁଣାକାରମାନଙ୍କୁ ଯୋଗାଇ ଦେଉଛନ୍ତି । ବେଳେବେଳେ ଓଡିଶା ଟସର ଫାର୍ମରୁ ଟସର ସଂଗ୍ରହ କମି ଯାଏ । ସେତେବେଳେ ମହାରାଷ୍ଟ୍ର, ଛତିଶଗଡ ଓ ବିହାରରୁ ଟସର ସଂଗ୍ରହ କରାଯାଇ ବୁଣାକାର ସେବା ସମବାୟ ସମିତି ମାନଙ୍କୁ ଯୋଗାଇ ଦିଆ ଯାଇଥାଏ । ଫଳରେ ସେବା ସମବାୟ ସମିତିର ବୁଣାକାରମାନଙ୍କୁ ଆଉ ପୂର୍ବଭଳି କଂଚାମାଲ୍ ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁନାହିଁ ।

## ଟସରରୁ ସୂତା ଏବଂ ସୂତାରେ ରଙ୍ଗ

ସେରିଫେଡ୍ ବା ବୟନିକାରୁ ଟସର ସଂଗ୍ରହ କରି ପ୍ରଥମେ ତାକୁ ଗରମ ପାଣିରେ ସୋଢା ଆଦି କେତେକ ରାସାୟନିକ ପଦାର୍ଥ ପ୍ରୟୋଗରେ ଶିଝା ଯାଏ । ଏହାଦ୍ୱାରା ଟସର ଭିତରେ ଥିବା କୀଟଟି ମରିଯାଏ ଓ ଟସରରେ ଲାଗିଥିବା କୀଟର ଲାଳ ବାହାରି ଯାଇ ପରିଷ୍କାର ହୋଇଗଲା ପରେ ସେଥିରୁ ସୂତା ସଂଗ୍ରହ କରାଯାଏ । ପୂର୍ବରୁ ପ୍ରାକୃତିକ ଉପାୟରେ ମିଳୁଥିବା କେତେକ ଗଛର ପତ୍ର, ଛେଲି , ରଙ୍ଗିନ ପଥରରୁ ରଙ୍ଗ ପ୍ରସ୍ତୁତ କରାଯାଉଥିଲା । ସମୟକ୍ରମେ ପ୍ରକୃତିକ ରଙ୍ଗର ଅଭାବ ଦେଖା ଦେବାରୁ ବୁଣାକାର ମାନେ ରାସାୟନୀକ ରଙ୍ଗ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି । ଏହି ସବୁ ରଙ୍ଗ ପଶ୍ଚିମବଙ୍ଗର ଶ୍ରୀରାମପୁର ଅଂଚଳରୁ ସଂଗ୍ରହ କରାଯାଉଥିବା ବେଳେ କିଛି ପରିମାଣର ରଙ୍ଗ ଓଡିଶାର ଖୋର୍ଦ୍ଧାରୁ



ସଂଗ୍ରହ କରାଯାଉଛି । ଗରମ ପାଣିରେ ରଙ୍ଗ ଗୋଳାଇ ସେଥିରେ ସୂତାକୁ ଭିଜାଯାଏ ଓ ନିଆଁରେ ଶିଝାଇ ରଙ୍ଗୀନ ସୂତା ପ୍ରସ୍ତୁତ କରାଯାଏ । ଏହି କାମରେ ଗୋପାଳପୁର ଗ୍ରାମର ସବୁବର୍ଗର ଓ ସବୁଜାତିର ଲୋକ ବର୍ଷସାରା ଲାଗିଥାନ୍ତି । ସୂତା ରଙ୍ଗ ହୋଇସାରିଲା ପରେ ସମବାୟ ସମିତିରେ ଓଜନ ମୁତାବକ ଦେଇ ପାରିଶ୍ରମିକ ପାଇଥାନ୍ତି । ଟସର ଓ ରେଶମରୁ ପ୍ରସ୍ତୁତ ବସ୍ତ୍ର- ରାଜା ଓ ଜମିଦାରଙ୍କ ସମୟରୁ ଟସର ଓ ରେଶମରେ ବିଶେଷତଃ ଶାଢୀ, ଧୋତିଯୋଡ, ଶାଲ୍, ଚଦର, ଦୁପଟା, ଓଢଣୀ, ପୁରୁଷମାନଙ୍କ ପୋଷାକ ପାଇଁ କପଡା ପ୍ରସ୍ତୁତ କରାଯାଉଥିଲା । ଏବେ ମଧ୍ୟ ସେହିସବୁ ବସ୍ତ୍ର ତିଆରି କରାଯାଉଛି । ତାସହିତ ଗରାଖଙ୍କ ଆବଶ୍ୟକତାକୁ ଦେଖି ସୂତାରେ ଲୁଙ୍ଗୀ ଗାମୁଛା, ବେଡ୍‌ସିଟ୍, ସାର୍ଟ କପଡା ପ୍ରସ୍ତୁତ କରାଯାଉଛି । ଟସର ଓ ରେଶମରୁ ପ୍ରସ୍ତୁତ ହେଉଥିବା ବିଭିନ୍ନ ପ୍ରକାର ଶାଢି ମଧ୍ୟରେ ବାନ୍ଧଶାଢି, କୁମ୍ଭଶାଢି, ଜାଲାଶାଢି ,ଜରିଦିଆ ଶାଢି, ଦୋଳବେଦୀ ଶାଢି, ମୟୂରୀ ଶାଢି, ଏକଫୁଲିଆ ଶାଢି, ବୁଟି ଶାଢି, ଡବୀ ଶାଢି ପ୍ରଧାନ । ଏଗୁଡିକର ସର୍ବନିମ୍ନ ବଜାର ମୂଲ୍ୟ ୩ହଜାର ୫ଶହରୁ ଆରମ୍ଭ କରି ସର୍ବାଧିକ ୫୦ହଜାର ପର୍ଯ୍ୟନ୍ତ ରହିଛି । ଗୋପାଳପୁରର ଏହି ଶାଢି ଗୁଡିକର ଚାହିଦା କେବଳ ଓଡିଶାରେ ନୁହେଁ ଭାରତରେ ଓ ଭାରତ ବାହାରେ ବିଶେଷ ଆଦୃତ ହୋଇ ପାରିଛି । ଗୋପାଳପୁରର ପ୍ରତ୍ୟେକ ବୁଣାକାର ଜଣେ ଜଣେ ଭଲ ଡିଜାଇନର୍ । ସେମାନେ ନିଜସ୍ୱ ଡିଜାଇନ୍ ସହିତ କିଛି ପଶ୍ଚିମ ଓଡିଶା ବିଶେଷତଃ ସମ୍ବଲପୁର ଓ ବରଗଡର ବୁଣାକାରମାନଙ୍କ ଡିଜାଇନ୍ ସଂଗ୍ରହ କରି ବସ୍ତ୍ର ପ୍ରସ୍ତୁତ କରିଥାନ୍ତି । ଏହାଛଡା ବୁଣାକାର ସେବା କେନ୍ଦ୍ର, ଭାରତ ସରକାରଙ୍କ ଭୁବନେଶ୍ୱର ଶାଖାରୁ ମଧ୍ୟ କେତେକ ଡିଜାଇନ୍ ସଂଗ୍ରହ କରା ଯାଇଥାଏ ।

## କପଡା ପ୍ରସ୍ତୁତି

ପ୍ରତ୍ୟେକ ବୁଣାକାର ସେବା ସମବାୟ ସମିତିର ନିଜସ୍ୱ ୨୦ଟିରୁ ଅଧିକ ହସ୍ତତନ୍ତ ରହିଛି । ଏହାଛଡା ପ୍ରତ୍ୟେକ ବୁଣାକାରଙ୍କ ଘରେ ମଧ୍ୟ ନିଜର ହସ୍ତତନ୍ତ ରହିଛି । ଏମିତି ହିସାବ କଲେ ପ୍ରାୟ ୧ହଜାରରୁ ଅଧିକ ହସ୍ତତନ୍ତ ଗୋପାଳପୁରର ୧୭ଟି ସେବା ସମବାୟ ସମିତି ବୁଣାକାରମାନଙ୍କ ପାଖରେ କାର୍ଯ୍ୟକ୍ଷମ ଅଛି । ବୁଣାକାର ପରିବାରର ସମସ୍ତ ସଦସ୍ୟ ହସ୍ତତନ୍ତ ଚଳାଇ ଲୁଗା ବୁଣିବା କାର୍ଯ୍ୟରେ ଦକ୍ଷତା ହାସଲ କରିଛନ୍ତି । ସମବାୟ ସମିତିର ନିର୍ଦ୍ଦେଶ ମୁତାବକ ବୁଣାକାରମାନେ ବସ୍ତ୍ର ପ୍ରସ୍ତୁତ କରି ସମବାୟ ସମିତିକୁ ଯୋଗାଇଥାନ୍ତି । ଅନ୍ୟ ବସ୍ତ୍ର ବୁଣିବାରେ





ବୁଣିବାରେ । ଗୋଟିଏ ଗୋଟିଏ ଶାଢି ବୁଣିବାକୁ ପ୍ରାୟ ମାସାଧିକ ସମୟ ଲାଗିଥାଏ । ବୁଣିବା ସମୟ, ରଙ୍ଗ ଓ ଡିଜାଇନ୍‌କୁ ନେଇ ବସ୍ତ୍ରର ମୂଲ୍ୟ ଓ ବୁଣାକାର ପାରିଶ୍ରମିକ ନିର୍ଦ୍ଧାରଣ କରାଯାଇଥାଏ ।

## ସଂରକ୍ଷଣ ଓ ବିକ୍ରୟ

ଗୋପାଳପୁର ବୁଣାକାର ମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ସାମଗ୍ରୀଗୁଡିକୁ ପ୍ରଥମେ ସେବା ସମବାୟ ସମିତି ସଂଗ୍ରହ କରି ପ୍ରାକୃତିକ ଉପାୟରେ ନିଜ ଗୋଦାମରେ ସାଇତି ରଖେ ଓ ଚାହିଦା ଅନୁସାରେ ବିକ୍ରୟ କରେ । ଏହି ବସ୍ତ୍ରଗୁଡିକୁ ଓଡିଶା ରାଜ୍ୟ ସରକାରଙ୍କ ତରଫରୁ ବୟନିକା, ଉତ୍କଳିକା, ଅମ୍ଳାନ, ସମ୍ବଲପୁରୀ ବସ୍ତ୍ରାଳୟ, କ୍ରୟ କରିଥାନ୍ତି । ଏହାଛଡା ଫାବ୍ ଇଣ୍ଡିଆ, ତନେରା, ରିଲାଏନ୍ସ ରିଟେଲ୍ ଆଦି ଭାରତୀୟ କମ୍ପାନୀ ମଧ୍ୟ ଗୋପାଳପୁର ବୁଣାକାର ସେବା ସମବାୟ ସମିତିରୁ ଟସର ଓ ରେଶମ ବସ୍ତ୍ର କ୍ରୟ କରି ଦେଶ ମଧ୍ୟରେ ବିକ୍ରୟ କରିବା ସଂଗେସଂଗେ ବିଦେଶକୁ ରପ୍ତାନୀ କରିଥାନ୍ତି । ଓଡିଶାର କେତେକ ପ୍ରତିଷ୍ଠିତ ବସ୍ତ୍ର ବ୍ୟବସାୟୀ ଏମାନଙ୍କ ଠାରୁ ସିଧାସଳଖ ଟସର ଓ ରେଶମ ବସ୍ତ୍ର ମଧ୍ୟ କ୍ରୟ କରିଥାନ୍ତି । ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ ହେଉଥିବା ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀରେ ଗୋପାଳପୁର ସେବା ସମବାୟ ସମିତି ପ୍ରତିନିଧିତ୍ୱ କରିଥାଏ । ମୋଟ ଉପରେ କହିବାକୁ ଗଲେ ଗୋପାଳପୁରର ସେବା ସମବାୟ ସମିତିଗୁଡିକ ବାର୍ଷିକ ହାରାହାରି ୧୦ରୁ ୧୨କୋଟି ଟଙ୍କାର ବ୍ୟବସାୟ କରିଥାନ୍ତି ।

## ସରକାରୀ ସହଯୋଗ

କୁଟୀର ଓ ହସ୍ତତନ୍ତ ଶିଳ୍ପର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ପ୍ରସ୍ତୁତ କରି ଆର୍ଥିକ ସହାୟତା ଯୋଗାଇବା ଦିଗରେ ବ୍ୟାପକ ପ୍ରଚାର କରି ଚାଲିଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ସେପରି କିଛି ସହାୟତା ବୁଣାକାର ମାନଙ୍କୁ ମିଳିନାହିଁ କିମ୍ବା ବୁଣାକାରମାନଙ୍କର ଆର୍ଥିକ ଅବସ୍ଥାର କିଛି ପରିବର୍ତ୍ତନ ହୋଇନାହିଁ । ଏମିତିକି କରୋନା ମହାମାରୀ ସମୟରେ ଗୋପାଳପୁରର ଟସର ଓ ରେଶମ ବସ୍ତ୍ର ବ୍ୟବସାୟ ବିଶେଷ ପ୍ରଭାବିତ ହୋଇଥିଲା । ଦେଶରେ ଲାଗି ରହିଥିବା ଆର୍ଥିକ ମାନ୍ଦାବସ୍ଥାରୁ ନିସ୍ତାର ପାଇବା ପାଇଁ କେନ୍ଦ୍ର ସରକାର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପାନୁଷ୍ଠାନ ଗୁଡିକ ପାଇଁ ବିଭିନ୍ନ ଆର୍ଥିକ ପ୍ୟାକେଜ୍ ଘୋଷଣା କରିଥିଲେ ହେଁ ଏହି କୁଟୀର ଓ ହସ୍ତତନ୍ତ ଶିଳ୍ପର ବୁଣାକାରମାନେ ଏଥିରୁ ବଂଚିତ ହେବା ଅତିବ ଦୁଃଖଦାୟକ । ଆବଶ୍ୟକ ସମୟରେ ଗୋପାଳପୁରର ସେବାସମବାୟ ସମିତି ଗୁଡିକ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ମାନଙ୍କରୁ ଋଣ ଆଣି ସେମାନଙ୍କର କୌଳିକ ବୃତ୍ତି ଓ ବ୍ୟବସାୟ ବଂଚାଇ ରଖିଛନ୍ତି ।

ଆଜିକୁ ୨୨ବର୍ଷ ତଳେ ଅର୍ଥାତ ୧୯୯୮ ମସିହା ନଭେମ୍ବର ୧୩ ତାରିଖରେ ଭାରତ ସରକାରଙ୍କ କେନ୍ଦ୍ରୀୟ ରେଶମ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ବୟନ ଶିଳ୍ପ ବିଭାଗ ପକ୍ଷରୁ ଜଙ୍ଗଲୀ ଟସର ପୋକ ସଂଗ୍ରହ ଓ ସଂରକ୍ଷଣ

ସମ୍ପର୍କରେ ତୃତୀୟ ଆନ୍ତର୍ଜାତୀୟ ସମ୍ମିଳନୀ ଓ ଟସର, ରେଶମ ବସ୍ତ୍ରର ପ୍ରଦର୍ଶନୀ ଏହି ଗୋପାଳପୁର ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରାୟୋଜିତ କାର୍ଯ୍ୟକ୍ରମରେ ଚୀନ, ଜାପାନ, ଦକ୍ଷିଣ କୋରିଆ ଆଦି ଦେଶରୁ ୧୫୦ରୁ ଅଧିକ ପ୍ରତିନିଧି ଭାଗ ନେଇ ଟସର ଓ ରେଶମ ଶିଳ୍ପର ବିକାଶ ଓ ବୁଣାକାରମାନଙ୍କ ସମସ୍ୟା ଉପରେ ଆଲୋଚନା କରିବା ସହିତ ଗୋପାଳପୁର ଟସର ବସ୍ତ୍ରର ଭୂୟସୀ ପ୍ରଶଂସା କରିଥିଲେ । କେବଳ ସେତିକି ନୁହେଁ ୨୦୦୮ ମସିହାରେ ତତ୍‌କାଳୀନ ଓଡିଶାର ମାନ୍ୟବର ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ଗୋପାଳପୁର ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ମା ତାରିଣୀ ତନ୍ତୁବାୟ ସହଯୋଗ ସମିତିର ଏକ ଅତ୍ୟାଧୁନିକ କ୍ୟାଲେଣ୍ଡରିଂ ୟୁନିଟ୍‌କୁ ଉଦ୍‌ଘାଟନ କରିବା ସଂଗେସଂଗେ ଗୋପାଳପୁର ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଟସର ବସ୍ତ୍ରର ଉଚ୍ଚ ପ୍ରଶଂସା କରିଥିଲେ । ଏବେ ଗୋପାଳପୁରର ଦୁଇଟି କ୍ଲଷ୍ଟର୍‌ରେ ଦୁଇଟି କ୍ୟାଲେଣ୍ଡରିଂ ୟୁନିଟ୍, ଡାଇଂ ୟୁନିଟ୍(ରଙ୍ଗ), ପ୍ରିଂଟିଂ ୟୁନିଟ୍ ଓ ଏମ୍ବ୍ରୋଡରୀ ୟୁନିଟ୍ ସ୍ଥାପନ କରାଯାଇ ବୁଣାକାରମାନଙ୍କ କାର୍ଯ୍ୟକୁ ସହଜ କରାଯାଇ ପାରିଛି ।

## ପ୍ରଶିକ୍ଷଣ

ରାଜ୍ୟ ସରକାରଙ୍କ ବୟନ ଶିଳ୍ପ ବିଭାଗ ତରଫରୁ ବିଭିନ୍ନ ସମୟରେ ଟସରରୁ ସୂତା ପ୍ରସ୍ତୁତି,ସୂତାରେ ରଙ୍ଗ, ଡିଜାଇନ୍, ତନ୍ତରେ ଲୁଗା ବୁଣିବା ଆଦିର ଆଧୁନିକ କୌଶଳ ବିଷୟରେ ତାଲିମ ଦେବାର ବ୍ୟବସ୍ଥା କରାଯାଏ । ନୂଆପିଢ଼ିର ବୁଣାକାରମାନେ ସେ ବିଷୟରେ ତାଲିମ ନେଇ ନୂଆନୂଆ ଟସର ବସ୍ତ୍ର ତିଆରି କରି ସୁନାମ ଅର୍ଜନ କରୁଛନ୍ତି । ହେଲେ ଅତ୍ୟାଧୁନିକ ହସ୍ତତନ୍ତର ଅଭାବରୁ ବସ୍ତ୍ର ବୁଣିବାରେ ବୁଣାକାରମାନଙ୍କୁ ଅଧିକ ସମୟ ଲାଗୁଛି । କେନ୍ଦ୍ରୀୟ ସିଲ୍କ ବୋର୍ଡ ଏକ ଅତ୍ୟାଧୁନିକ ମଡେଲର ହସ୍ତତନ୍ତ ନିର୍ମାଣ କରିଛି । ଏହି ଆଧୁନିକ ହସ୍ତତନ୍ତ ବ୍ୟବହାର କରି କେରଳ, ତାମିଲନାଡୁ, କର୍ଣାଟକ, ମହାରାଷ୍ଟ୍ର ଆଦି ରାଜ୍ୟର ବୁଣାକାରମାନେ କମ ସମୟରେ ଟସର, ରେଶମ, ରେଶମରୁ ବସ୍ତ୍ର ପ୍ରସ୍ତୁତ କରି ପାରୁଛନ୍ତି । କାରଣ ସାଧାରଣ ପାରମ୍ପରିକ ହସ୍ତତନ୍ତ କାଠରେ ତିଆରି ଓ ମୂଲ୍ୟ ପ୍ରାୟ ୩୦ହଜାର ପଡୁଥିବା ବେଳେ ଆଧୁନିକରଣ ତନ୍ତର ମୂଲ୍ୟ ପାଖାପାଖି ଏକ ଲକ୍ଷ ଟଙ୍କା । ବିନା ରିହାତିରେ ଏତେ ଉଚ୍ଚା ଦର ଦେଇ ଆଧୁନିକରଣ ତନ୍ତ କିଣିବା ବୁଣାକାରମାନଙ୍କ ପକ୍ଷରେ ସମ୍ଭବ ହେଉନଥିବାରୁ ପାରମ୍ପରିକ କାଠ ତନ୍ତରେ ଲୁଗା ବୁଣା ଯାଉଛି ।

## ଅଭାବ ଅସୁବିଧା

ଗମନାଗମନ ଦୃଷ୍ଟିରୁ ଗୋପାଳପୁର ଗ୍ରାମଟି

## ସେମାନେ ଯାହା କହନ୍ତି



ସୂତା ପ୍ରସ୍ତୁତି, ରଙ୍ଗ ଦେବା ଓ ତନ୍ତରେ ବୁଣିବା ପାଇଁ ଜାଗାର ଅଭାବ ରହିଛି । ସରକାରଙ୍କ ତରଫରୁ ଅତି କମ୍‌ରେ ୨୦ଟି ହଲ୍ ନିର୍ମାଣ କରାଯିବାର ବ୍ୟବସ୍ଥା କଲେ ବୁଣାକାରମାନେ ବର୍ଷାଦିନେ ସୂତା ପ୍ରସ୍ତୁତି ଓ ରଙ୍ଗ ଦେବାରେ ଉପୁଜୁଥିବା ଅସୁବିଧାରୁ ମୁକ୍ତି ପାଇ ପାରନ୍ତେ । ଏହାଛଡା ବୁଣାକାର ମାନଙ୍କର ନିଜ ଘରେ ମଧ୍ୟ ହସ୍ତତନ୍ତ ରହିଛି । ସରକାରୀ ଆବାସ ଯୋଜନାରେ ମିଳିଥିବା ଆବାସ ସେମାନଙ୍କୁ କାର୍ଯ୍ୟ କରିବା ପାଇଁ ଯଥେଷ୍ଟ ନୁହେଁ । ପ୍ରଧାନମନ୍ତ୍ରୀ ଆବାସ ବଦଳରେ ଗୋଟିଏ ଗୋଟିଏ ୱାର୍କିଂସେଡ୍ ନିର୍ମାଣ ପାଇଁ ସହାୟତା ଯୋଗାଇ ଦେଲେ ବୁଣାକାରମାନଙ୍କ ଅସୁବିଧା ଦୂର ହୋଇ ପାରନ୍ତା ।

**ନରେନ୍ଦ୍ର କୁମାର ବେହେରା**

ସଭାପତି: ହିଙ୍ଗୁଳା ଟସର ଓ ରେଶମ ହସ୍ତତନ୍ତ ସେବା ସମବାୟ ସମିତି



ଗୋପାଳପୁର ଓ ଚକ ଗୋପାଳପୁର ଦୁଇଟିରେ ବହୁସଂଖ୍ୟାରେ ବୁଣାକାର ବାସକରୁଛନ୍ତି । ଗ୍ରାମର ଦକ୍ଷିଣ ପାର୍ଶ୍ୱରେ ଥିବା ବ୍ରାହ୍ମଣୀ ନଦୀ ବନ୍ଧ ଦୁର୍ବଳ ହୋଇଥିବାରୁ ପ୍ରତିବର୍ଷ ବର୍ଷାଦିନେ ନଦୀ ଉଛୁଳି ବନ୍ୟାଜଳ ଗ୍ରାମ ଭିତରକୁ ପଶି ଆସେ, ଫଳରେ ଗ୍ରାମବାସୀ ଅକଥନୀୟ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ନଦୀ ବନ୍ଧକୁ ସୁଦୃଢ କରିବା ସଂଗେସଂଗେ ଗ୍ରାମରେ ଡାକ୍ତର ଖାନାଟିଏ ପ୍ରତିଷ୍ଠା କରାଗଲେ ବୁଣାକାର ପରିବାରଗୁଡିକ ଉତ୍ତମ ଚିକିତ୍ସାର ସୁବିଧା ପାଇ ପାରନ୍ତେ । ବୟନଶିଳ୍ପର କଳାକୃତି ପାଇଁ ଦେଶବିଦେଶରେ ସୁନାମ ଆଣୁଥିବା ଗୋପାଳପୁର ଗ୍ରାମକୁ ଶିଳ୍ପୀ ଗ୍ରାମର ମାନ୍ୟତା ପାଇବା ନିହାତି ଆବଶ୍ୟକ ।

**ବେଣୁଧର ଦାସ**

ସଭାପତି: ବାଲୁଙ୍କେଶ୍ୱର ତନ୍ତୁବାୟ ସହଯୋଗ ସମିତି



ବୟନଶିଳ୍ପ ବିଭାଗ ତରଫରୁ ବୁଣାକାରମାନଙ୍କୁ ରିହାତି ଦରରେ ଆଧୁନିକି ହସ୍ତତନ୍ତ ଯୋଗାଇ ଦେଲେ ବୁଣାକାରମାନଙ୍କର ସମୟ ବଂଚିବା ସଂଗେସଂଗେ ଅଧିକ ବସ୍ତ୍ର ଉତ୍ପାଦନ ହୋଇପାରନ୍ତା । ଏହାଛଡା ବୁଣାକାର ମାନଙ୍କୁ ଉଚିତ ମୂଲ୍ୟରେ ପର୍ଯ୍ୟାପ୍ତ କଂଚାମାଲ ଯୋଗାଇବା ସଂଗେସଂଗେ ବ୍ୟବସାୟ ପାଇଁ ଅଧିକ ବଜାର ସୃଷ୍ଟି କରାଗଲେ ବୁଣାକାରମାନଙ୍କ ଆର୍ଥିକ ମାନଦଣ୍ଡ ବଦଳି ପାରନ୍ତା ।

**ଚତୁର୍ଭୁଜ ଦାସ**

ରାଜ୍ୟ ପୁରଷ୍କାରପ୍ରାପ୍ତ ବୁଣାକାର



ନାନା ଘାତପ୍ରତିଘାତ ମଧ୍ୟରେ ଗତିକରି ନିଜ ଉତ୍ପାଦିତ ତନ୍ତବାୟ ସାମଗ୍ରୀର ଉତ୍କର୍ଷତା ପାଇଁ ଜାତୀୟ ତଥା ଆନ୍ତର୍ଜାତୀୟ ବଜାରରେ ସ୍ୱତନ୍ତ୍ର ସ୍ଥାନ ପାଇପାରିଥିବାରୁ ରାଜ୍ୟ ସରକାରଙ୍କୁ ଗୋପାଳପୁର ତନ୍ତବାୟ ସେବା ସମବାୟ ସମିତି ତରଫରୁ ଧନ୍ୟବାଦ ଜଣାଉଛୁ । ରାଜ୍ୟ ତଥା ଜାତୀୟ ପୁରଷ୍କାର ପାଇଥିବା ବୁଣାକାରମାନଙ୍କର ଦୁଇଟି ସମସ୍ୟା ର ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ । ୧. ପୁରଷ୍କାରପ୍ରାପ୍ତ ବୁଣାକାରମାନଙ୍କ ପାଇଁ ଉନ୍ନତ ମାନର ଏକ କର୍ମଶାଳା ଆୟୋଜନ କରିବା, ଯାହାଦ୍ୱାରା ବୁଣାକାରମାନଙ୍କୁ ସେମାନଙ୍କ ଉନ୍ନତ କଳାକୌଶଳ ପ୍ରଦର୍ଶନ କରିବାର ସୁଯୋଗ ମିଳନ୍ତା । ୨. ସମସ୍ତ ହସ୍ତତନ୍ତ ସମବାୟ ସମିତି ଓ ପରୁଷ୍କାର ପ୍ରାପ୍ତ ବୁଣାକାରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍ ଖୋଲିବାର ବ୍ୟବସ୍ଥା କରାଗଲେ ଟସର ଓ ରେଶମ ବସ୍ତ୍ରର ଚାହିଦା ବୃଦ୍ଧି ପାଇବା ସଂଗେ ସଂଗେ ବୁଣାକାରମାନଙ୍କର ଆର୍ଥିକ ସୁଧାର ଆସି ପାରନ୍ତା ।

**ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଦାସ**

ଜାତୀୟ ପୁରଷ୍କାରପ୍ରାପ୍ତ ବୁଣାକାର

୧୬ନମ୍ବର ଜାତୀୟ ରାଜପଥ କଡରେ ଥିଲେ ହେଁ ଗାଁକୁ ସବୁଦିନିଆ ଚଉଡା ରାସ୍ତା ନାହିଁ କିମ୍ବା ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ରହିବା ପାଇଁ ଅତିଥିଶାଳା ନଥିବାରୁ ପର୍ଯ୍ୟଟକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କାରଣ ଭାରତ ବ୍ୟତୀତ ସୁଦୂର ବିଦେଶ ମାଟି ଯଥା ନେଦରଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା,ୟୁନାଇଟେଡ୍ ଋଷିଆ ଓ କାନାଡାରୁ ବହୁ ପର୍ଯ୍ୟଟକ ବ୍ୟବସାୟିକ ଉଦ୍ଦେଶ୍ୟ ନେଇ ପରିଭ୍ରମଣରେ ଏଠାକୁ ପ୍ରତିବର୍ଷ ଆସୁଛନ୍ତି । ଗ୍ରାମଟିକୁ ପର୍ଯ୍ୟଟନ ସ୍ଥଳ ରୂପେ ରାଜ୍ୟସରକାର ଘୋଷଣା କଲେ ଅଧିକରୁ ଅଧିକ ବିଦେଶୀ ପର୍ଯ୍ୟଟକ ଏଠାକୁ ଆସି ପାରନ୍ତେ । ଏହାଛଡା ଗ୍ରାମଟିରେ ହାରାହାରି ଦୁଇ ହଜାରରୁ ଊର୍ଦ୍ଧ୍ୱ ବୁଣାକାରଙ୍କ ସହଯୋଗରେ ପ୍ରସ୍ତୁତ ହେଉଥିବା ଟସର ଓ ରେଶମ ବସ୍ତ୍ର ମାଧ୍ୟମରେ ଓଡିଶାର କୁଟୀର ଶିଳ୍ପକଳା ଦେଶବିଦେଶରେ ବିଶେଷ ଆଦୃତ ହୋଇ ଗୌରବ ଆଣୁଥିବାରୁ ଗ୍ରାମଟିକୁ ରାଜ୍ୟ ସରକାର ଶିଳ୍ପୀଗ୍ରାମ ଭାବେ ଘୋଷଣା କରିବାର ଆବଶ୍ୟକତା ରହିଛି । ବୁଣାକାର ମାନଙ୍କୁ ରିହାତି ଦରରେ ଆଧୁନିକ ହସ୍ତତନ୍ତ ସହିତ ସୂତାକାଟିବା, ରଙ୍ଗ ଦେବା ଠାରୁ ଆରମ୍ଭ କରି ତନ୍ତରେ ଲୁଗା ବୁଣିବା ପର୍ଯ୍ୟନ୍ତ ସମସ୍ତ କାମ କରିବା ପାଇଁ ୱାର୍କିଂ ସେଡ୍‌ର ଅଭାବ ରହିଛି । ତେଣୁ ବୁଣାକାର ମାନେ ଖୋଲା ଆକାଶ ତଳେ କାମ କରିବାକୁ ବାଧ୍ୟ ହେଉଛନ୍ତି । ଗ୍ରାମର ଦକ୍ଷିଣ ପାଖରେ ଥିବା ବ୍ରହ୍ମଣୀ ନଦୀବନ୍ଧକୁ ଚଉଡା କରାଯାଇ ଗୋପାଳପୁରକୁ ଏକ ସବୁଦିନିଆ ରାସ୍ତା ଓ ନଦୀବନ୍ଧ କଡରେ ଥିବା ସରକାରୀ ଜମିରେ ଏକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଗଲେ ବୁଣାକାରମାନେ ପ୍ରସ୍ତୁତ କରୁଥିବା ବସ୍ତ୍ରଗୁଡିକୁ ବହିରାଗତ ପର୍ଯ୍ୟଟକମାନେ ଦେଖିବାର ସୁଯୋଗ ପାଇବା ସଂଗେ ସଂଗେ କ୍ରୟ ବିକ୍ରୟ କରିବାର ସୁବିଧା ପାଇ ପାରନ୍ତେ । ଏହା ବ୍ୟତୀତ ବୁଣାକାରମାନଙ୍କୁ କମ ସୁଧରେ ବ୍ୟାଙ୍କ୍ ଋଣ ଯୋଗାଇ ଦେଲେ ସେମାନେ ନିଜର ବ୍ୟବସାୟ ବଢାଇବାକୁ ସକ୍ଷମ ହୋଇପାରନ୍ତେ ।



## ପୁରସ୍କାର ଓ ପ୍ରୋତ୍ସାହନ

ଗୋପାଳପୁର ଟସର ଓ ରେଶମ ବସ୍ତ୍ରର ଉତ୍କର୍ଷତା ପାଇଁ ଗୋପାଳପୁରର ବୁଣାକାରଙ୍କ ମଧ୍ୟରୁ ୧୨ଜଣ ରାଜ୍ୟ ସ୍ତରୀୟ ପୁରସ୍କାର ପାଇଥିବା ବେଳେ ୩ଜଣ ଜାତୀୟ ପୁରସ୍କାର ପାଇ ସାରିଛନ୍ତି । ରାଜ୍ୟ ପୁରସ୍କାର ପାଇଥିବା ବୁଣାକାରମାନଙ୍କ ମଧ୍ୟରେ- ୨୦୦୬-୦୭ରେ ନାରାୟଣ ସୂର ,୨୦୦୯-୧୦ରେ ନାରାୟଣ ଦାସ,୨୦୧୦-୧୧ରେ ବିଜୟ କୁମାର ବେହେରା ,୨୦୧୧-୧୨ରେ ଭରତ କୁମାର ଦାସ,ବାବୁଲି ଦାସ ଓ ସ୍ୱର୍ଗତ ପଙ୍କଜ ଦାସ,୨୦୧୨-୧୩ରେ ରାମ ଚନ୍ଦ୍ର ଦାସ,୨୦୧୩-୧୩ରେ କୁବନ ଦାସ ଓ ପ୍ରତାପ ଦାସ,୨୦୧୫-୧୬ରେ ପ୍ରଦୀପ୍ତ କୁମାର ଦାସ,୨୦୧୭ରେ ବେଣୁଧର ଦାସ,୨୦୧୮ରେ ଚତୁର୍ଭୁଜ ଦାସ,୨୦୧୯ରେ କୁଶମଣୀ ଚାନ୍ଦ ପାଇଥିଲା ବେଳେ ୨୦୧୨ରେ ଭରତ କୁମାର ଦାସ,୨୦୧୫ରେ ଶ୍ରୀକାନ୍ତ ଦାସ,୨୦୧୬ରେ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଦାସ ଜାତୀୟ ପୁରସ୍କାର ପାଇ କୁଟୀର ଓ ହସ୍ତତନ୍ତ ଶିଳ୍ପ କ୍ଷେତ୍ରରେ ଓଡିଶା ତଥା ଯାଜପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଅବହେଳିତ ଟସର ଫାର୍ମର-ନିକଟରେ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଗୋପାଳପୁର ପରିଦର୍ଶନରେ ଆସିଥିଲେ । ୨ଟି କ୍ଲଷ୍ଟରର ୧୭ଟି ଟସର ଓ ରେଶମ ସେବା ସମବାୟ ସମିତିର ପ୍ରତିନିଧି ଏବଂ ବୁଣାକାରମାନଙ୍କ ସହିତ ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଆଲୋଚନା ବେଳେ ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକରେ ଥିବା ଏକମାତ୍ର ତଥା ଏସିଆ ମହାଦେଶର ସର୍ବବୃହତ ଟସର ଫାର୍ମରୁ ଅମଳ ହେଉଥିବା ସମସ୍ତ ଟସର ଗୋପାଳପୁରର ଟସର ସେବା ସମବାୟ ସମିତିକୁ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ହେଲେ ସୁକିନ୍ଦା ବ୍ଲକର ପାଂଚଟି ପଂଚାୟତର ହାରାହାରି ୬୫୦ ଏକର ପରିମିତ ଜମିରେ ସୃଷ୍ଟି କରା ଯାଇଥିବା ଜଙ୍ଗଲରେ ୧୯୭୨ ମସିହାରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରା ଯାଇଥିବା ଏସିଆ ମହାଦେଶର ବୃହତ ଟସର ଫାର୍ମ ଏବେ ରୁଗ୍ଣ ଅବସ୍ଥାରେ । ବର୍ଷକୁ ହାରାହାରି ପଚାଶ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ଟସର ବ୍ୟବସାୟ କରୁଥିବା ଏହି ଫାର୍ମ ସରକାରୀ ପ୍ରୋତ୍ସାହନ ଅଭାବ ଓ ବୀମା କମ୍ପାନୀମାନଙ୍କ ଅସହଯୋଗରୁ ଆର୍ଥିକ ସଂକଟରେ । ଫଳରେ ସେଠାରେ କାର୍ଯ୍ୟ କରୁଥିବା ପାଂଚ ଶହରୁ ଅଧିକ ଟସରଚାଷୀ ନାନା ସମସ୍ୟା ଦେଇ ଗତି କରୁଛନ୍ତି । ଏଣୁ ଏହି ସର୍ବବୃହତ ଟସର ଫାର୍ମକୁ ପୁନରୁଦ୍ଧାର କରାଗଲେ ଏହା ଗୋପାଳପୁରର ଟସର ସେବା ସମବାୟ ସମିତିକୁ କଂଚାମାଲ ଯୋଗାଇ ପାରିବ ବୋଲି ଆଶା କରାଯାଏ ।

ଆଇନକାନୁନ



ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପର୍କିତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।

## ଆଇନ ପରାମର୍ଶ - ୧୧

# କୌଣସି ବ୍ୟକ୍ତି ଆପଣଙ୍କୁ ଧମକ ଦେଉଛି କି ?

## କଣ କରିବେ




ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ

ଭୁବନେଶ୍ୱର ବାର୍ ଏସୋସିଏସନ୍

ଫୋନ : ୯୩୦୯୧୧୯୬୨୫


ଯଦି କୌଣସି ବ୍ୟକ୍ତି ଆପଣଙ୍କୁ ଧମକ ଦିଏ, ତେବେ ଡରିବାର କୌଣସି କାରଣ ନାହିଁ । ଆପଣ ଆଇନର ଆଶ୍ରୟ ନେଇ ପାରିବେ । ଭାରତୀୟ ଦଣ୍ଡ ସଂହିତା, ଆଇପିସି, ସେକ୍‌ସନ୍‌ରେ ୫୦୩, ୫୦୬ ଅଛି ।

- ୫୦୩ ଓ ୫୦୬ ଦ୍ୱାରା ସ୍ଥିର କରାଯାଏ, ଯଦି କୌଣସି ବ୍ୟକ୍ତି ଆପଣଙ୍କୁ ଧମକ ଦେଉଛି ତେବେ ଆପଣ ସେହି ବ୍ୟକ୍ତି ବିରୋଧରେ ଏଫ୍‌ଆଇଆର୍ ରେଜିଷ୍ଟର୍ କରିପାରିବେ ।
- ୫୦୬ରେ ଯଦି କୌଣସି ମୋକଦ୍ଦମା, ରେଜିଷ୍ଟର୍ କରୁଛନ୍ତି ତେବେ ସେହି ବ୍ୟକ୍ତିକୁ ୨ରୁ ବର୍ଷରୁ ୩ବର୍ଷ ପର୍ଯ୍ୟନ୍ତ ଦଣ୍ଡ ଭୋଗିବାର ପ୍ରାବଧାନ ରହିଛି ।
- ଯଦି କୌଣସି ବ୍ୟକ୍ତି ଶରୀର, ପ୍ରତିଷ୍ଠା ବା ସମ୍ପତ୍ତିକୁ କ୍ଷତି କରିବାର ଧମକ ଦିଏ ତେବେ ସେହି ବ୍ୟକ୍ତିକୁ ୨ବର୍ଷ ପର୍ଯ୍ୟନ୍ତ ଦଣ୍ଡ ଭୋଗ କରିବାର ବ୍ୟବସ୍ଥା ଅଛି । ଏହାବ୍ୟତୀତ ସେହି ବ୍ୟକ୍ତି ଉପରେ ଜୋରିମାନା ବି ଲଗାଯାଏ ।
- ଯଦି କୌଣସି ବ୍ୟକ୍ତି ଆପଣଙ୍କୁ ଜୀବନରୁ ମାରିଦେବା ଧମକ ଦିଏ କିମ୍ବା ନିଆଁ ଲଗାଇ ଆପଣଙ୍କ ସମ୍ପତ୍ତିକୁ କ୍ଷତି କରେ କିମ୍ବା କୌଣସି ମହିଳାଙ୍କ ଚରିତ୍ର ଉପରେ ଲାଞ୍ଛନା ଲଗାଇବାର ଧମକ ଦିଏ ତେବେ ଆର୍‌ପିସି ଧାରା ୫୦୬ ଅନୁଯାୟୀ ସେହି ବ୍ୟକ୍ତିଙ୍କୁ ୭ବର୍ଷ ପର୍ଯ୍ୟନ୍ତ ଜେଲ୍ ହେବ । ଏବଂ ତା' ଉପରେ ଜେରିମାନା ମଧ୍ୟ ଲଗା ହେବ ।
- ଆଇପିସି ଧାରା ୫୦୬ ଅନୁଯାୟୀ ଯଦି କୌଣସି ବ୍ୟକ୍ତି ଏପରି ଅପରାଧ କରିବାର ଧମକ ଦିଏ ତେବେ ମୃତ୍ୟୁ, ଆଜୀବନ କାରାବାସ ବା ୭ବର୍ଷ କାରାବାସ ହୋଇପାରେ ।
- କିନ୍ତୁ ଆଉ ଏକ ଧ୍ୟାନ ଦେବା ଭଳି କଥା ହେଉଛି ଖରାପ ଭାଷାର ପ୍ରୟୋଗ ବା ଗାଳି ଦେବାକୁ ଧମକ କୁହାଯିବ ନାହିଁ ।
- ଉତ୍ତରପ୍ରଦେଶ ଓ ଆନ୍ଧ୍ରପ୍ରଦେଶ ରାଜ୍ୟରେ 'ଦେଖିନେବି' ଧମକକୁ ମଧ୍ୟ ଅପରାଧ ମାନିଥାନ୍ତି । ଏହାର ଅର୍ଥ ଉତ୍ତରପ୍ରଦେଶ ଓ ଆନ୍ଧ୍ରପ୍ରଦେଶରେ ଯଦି କାହାକୁ 'ଦେଖିନେବି' ଧମକ ଦିଆଯାଏ ତେବେ ଏହା 'ନନ୍ ବେଲେବଲ୍ ଅଫେନ୍ସ' । ଏପରି ଧମକ ଦେଇଥିବା ବ୍ୟକ୍ତିକୁ ନ୍ୟାୟାଳୟରୁ ହିଁ 'ବେଲ୍' ମିଳିଥାଏ ।

**୨୨ ଏପ୍ରିଲ ୨୦୧୯କୁ ବିକ୍ରମ ଜୋହର ବନାବ ଉତ୍ତରପ୍ରଦେଶ ରାଜ୍ୟର ମାମଲାରେ ଶୁଣାଣି ବେଳେ ମାନ୍ୟବର ସୁପ୍ରିମକୋର୍ଟ କହିଥିଲେ ଖରାପ ଗାଳି ଦେବାକୁ ଧମକ ମନା ଯିବ ନାହିଁ । ଯଦି କିଏ କାହାକୁ ଗାଳି ଦେଉଛି କି ଅଭଦ୍ର ଭାଷାର ବ୍ୟବହାର କରୁଛି ତେବେ ଆର୍‌ପିସି ଧାରା ୫୦୬ ଅନୁସାରେ ତାକୁ ଦଣ୍ଡିତ କରାଯିବ ନାହିଁ । ଏଥିପାଇଁ ଅନ୍ୟ ଧାରା ଲାଗିବ ।**

**ତେବେ କୌଣସି ବ୍ୟକ୍ତି ଧମକ ଦେଲେ କିମ୍ବା ପ୍ରତାରିତ କଲେ ଆପଣ ୫୦୩ ଓ ୫୦୬ ଧାରା ଲଗାଇବେ ।**





# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

**ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।**



# ଏଣ୍ଡୋମେଟ୍ରିଓସିସ୍ (ଅସ୍ଥାନିକ ଗର୍ଭ ଝିଲ୍ଲୀ)



**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୭୫୩୦୧୨
ଫୋନ : ୯୪୩୭୦୫୫୦୦୭

ଫଟୋ ସୌଜନ୍ୟ : ଗୁଗୁଲ୍

ମହିଳାମାନଙ୍କର ସାକ୍ଷରତା ହାର ବଢ଼ିବା ସଙ୍ଗେ ସଙ୍ଗେ ତାଙ୍କର, ଆଶା, ଆକାଂକ୍ଷା, କର୍ମ୍ମଦକ୍ଷତା ତଥା ନିଜ ଶକ୍ତିର ଅପୂର୍ବ ପରାକାଷ୍ଠା ଦେଖାଇବାର ପରିସୀମା ମଧ୍ୟ ଆଶ୍ଚର୍ଯ୍ୟ ଜନକ ଭାବରେ ବୃଦ୍ଧି ପାଇଛି । ଯେପରି ଗୋଟିଏ ନାରୀର ପଣତ କାନି ଭୂମି ଠାରୁ ଭୂମା ଯାଏ ପରିବ୍ୟାପ୍ତ ଠିକ୍ ସେମିତି ନାରୀର କାମ କରିବାର ନିଷ୍ଠା ଓ ପରିସର ମଧ୍ୟ ବ୍ୟାପକ ହୋଇଯାଇଛି । ଗୋଟିଏ ନାରୀ, ଘର ଓ ପରିବାର ଠାରୁ ଆରମ୍ଭ କରି କର୍ମ୍ମକ୍ଷେତ୍ର ଯାଏଁ ପୁରୁଷଙ୍କ ସହ ସମାନ ତାଳରେ, ସମାନ ଲୟରେ ସମାନ ଏକାଗ୍ରତାରେ କାନ୍ଧକୁ କାନ୍ଧ ମିଳାଇ କାମ କରିପାରୁଛି ଏବଂ ନିଜ ଅପରିସୀମ ଦକ୍ଷତାର ପରିଚୟ ଦେଇ ପାରୁଛି ।

ଆଜିକାଲି ନାରୀଟିଏ କେବଳ ଉଚ୍ଚ ଶିକ୍ଷିତା ନୁହେଁ, ଉଚ୍ଚାକାଂକ୍ଷା ପୋଷଣ କରି ନିଜ କ୍ୟାରିଅର୍‌କୁ ଅଗ୍ରାଧିକାର ଦେଉଛି । ସେଥିପାଇଁ ପଛକୁ ପଡ଼ି ଯାଉଛି ସୌନ୍ଦର୍ଯ୍ୟ, ଲାଳିତ୍ୟ, ବିବାହ ଓ ସନ୍ତାନ ଧାରଣ ଏବଂ ଆଗେଇ ଆସୁଛି ଶିକ୍ଷା ତଥା ନିଜ ଗୋଡ଼ରେ ଠିଆ ହୋଇ କ୍ୟାରିଅର୍ ଗଢ଼ିବାର ପ୍ରତିଯୋଗିତା । ଏସବୁ ବିଷୟରେ ମୁହୂର୍ତ୍ତକ ପାଇଁ ମଧ୍ୟ ଭାବିବାକୁ ସମୟ ନାହିଁ । ତେଣୁ ସବୁକ୍ଷେତ୍ରରେ ସେ ଶୀର୍ଷତମ ସ୍ଥାନକୁ ଗଲାବେଳେ ବିବାହ ଓ ଗର୍ଭଧାରଣର ବୟସ ମଧ୍ୟ ବିଳମ୍ବ ହୋଇଯାଉଛି । ଫଳରେ ନାରୀଟିକୁ ଏହି ଅବହେଳାର ମୂଲ୍ୟ ଦେବାକୁ ପଡୁଛି । ବିଳମ୍ବରେ ବିବାହ କରିବା ଦ୍ୱାରା କେତେକାଂଶରେ ତାକୁ ବନ୍ଧ୍ୟାଜନିତ ଅସହାୟତା ମଧ୍ୟ ଭୋଗିବାକୁ ପଡୁଛି । ମାନସିକ ଓ ଶାରୀରିକ ଚାପ, ବନ୍ଧ୍ୟାଦୋଷ ସହ ବିଭିନ୍ନ ପ୍ରକାର ରୋଗରେ ମଧ୍ୟ ସେ ପୀଡ଼ିତା ହୋଇଥାଏ, ତନ୍ମଧ୍ୟରୁ 'ଏଣ୍ଡୋମେଟ୍ରିଓସିସ୍' ବା 'ଅସ୍ଥାନିକ ଗର୍ଭଝିଲ୍ଲୀ' ଅନ୍ୟତମ । ଏହା ଏକ ଆଭିଜାତ୍ୟର ରୋଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମ ଭିତରୁ ଅନେକ ମହିଳା ଏ ରୋଗ ଭୋଗୁଥିବା ବେଳେ ଏଥିପାଇଁ ସଚେତନତାର ଅଭାବ ହେବା, ଲକ୍ଷଣ, ଜଟିଳତା ଓ ଚିହ୍ନଟ ମଧ୍ୟ ବିଳମ୍ବରେ ହେଉଛି ଏବଂ ଏହା କ୍ରମେ କ୍ରମେ ଅନେକ ରୋଗ ସୃଷ୍ଟି କରୁଛି ।

## ଏଣ୍ଡୋମେଟ୍ରିଓସିସ୍ କ'ଣ ?


ସାଧାରଣତଃ ମହିଳାମାନଙ୍କର ଜରାୟୁ ଭିତରେ ଥିବା ଶ୍ଳୈଷ୍ମିକ ଝିଲ୍ଲୀ ବା ଏଣ୍ଡୋମେଟ୍ରିୟମ୍ ହିଁ ମାସିକ ଋତୁସ୍ରାବ କରିଥାଏ । ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରୋନ୍‌ର ପରିମାଣ ବଢ଼ିଗଲେ ଏହି ଝିଲ୍ଲୀ ଅତ୍ୟଧିକ ମୋଟା ହୋଇଯାଏ ଏବଂ ଉପରୋକ୍ତ ହର୍‌ମୋନ୍‌ର କ୍ଷରଣ କମିଗଲେ, ଏହା ମାସିକ ଋତୁସ୍ରାବ ବା ରକ୍ତ କ୍ଷରଣ କରିଥାଏ । ଯଦି ଏହି ଝିଲ୍ଲୀ ତା'ର ପ୍ରକୃତ ସ୍ଥାନ ଗର୍ଭାଶୟର ବାହାରେ ଯଥା- ଡିମ୍ବାଶୟ ବା ଗର୍ଭାଶୟ ମାଂସପେଶୀରେ ରହିଥାଏ, ତେବେ ସେଥିରୁ ହର୍‌ମୋନ୍ କ୍ଷରିତ ହୋଇ ଆକାର ଓ ପରିମାଣରେ ବୃଦ୍ଧି ପାଇଥାଏ (ଇମ୍ପ୍ଲାଣ୍ଟେସନ୍ ବା' ନୋଡ୍ୟୁଲ୍) ଏହାକୁ 'ଏଣ୍ଡୋମେଟ୍ରିଓସିସ୍' କୁହାଯାଏ । ଏହି ଶବ୍ଦଟି ଏଣ୍ଡୋମେଟ୍ରିୟମ୍ ରୁ ଆନୀତ ହୋଇଛି । ସାରା ପୃଥିବୀରେ ପ୍ରାୟ ୯୦ ନିୟୁତ ସନ୍ତାନ ଧାରଣ ବୟସ ମଧ୍ୟରେ ଥିବା ମହିଳା ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ମାସିକ ଋତୁସ୍ରାବ ସମୟରେ ଡିମ୍ବକୋଷ ଓ ମାୟୋମେଟ୍ରିୟମ୍‌ରୁ ରକ୍ତସ୍ରାବ ହେଲେ, ତଳିପେଟ ବ୍ୟଥା ହୋଇଥାଏ ।

## ଏଣ୍ଡୋମେଟ୍ରିଓସିସ୍ କେଉଁଠାରେ ହୁଏ ?

▶ ଗର୍ଭାଶୟର ଝିଲ୍ଲୀ ମାଂସପେଶୀ ଭିତରେ ସ୍ଥାନିତ ହୋଇଥିଲେ (ମାୟୋମେଟ୍ରିୟମ୍) ଏହାକୁ 'ଆଡ଼ିନୋମାୟୋସିସ୍' କୁହାଯାଇଥାଏ ।

▶ ଡିମ୍ବକୋଷ ଉପରେ ବା ତଳେ (ଗୋଟିଏ ବା ଦୁଇଟି ଯାକ ଓଭାରି ରୋଗାକ୍ରାନ୍ତ ହୋଇପାରେ) । ଏହା ଚକୋଲେଟ୍ ସିଷ୍ଟ କରିଥାଏ ।

▶ ଗର୍ଭାଶୟର ପଛପାର୍ଶ୍ୱ (ପାଉଚ ଅଫ୍ ଡଗ୍‌ଲାସ୍) ରେ ୟୁଟେରୋ ସାକ୍ରାଲ ଲିଗାମେଣ୍ଟ (ଯେଉଁଟିସୁ ଗର୍ଭାଶୟର ପୋଜିସନ୍ ଠିକ୍ ରଖିଥାଏ) ଉପରେ 'ପାଉଡ଼ର ବର୍ଣ୍ଣ' କଳାକଳା ବିନ୍ଦୁ ଆକାରର ଦେଖା ଦେଇଥାଏ ।





▶ ପରିସ୍ରାଘର ବା ବ୍ଲାଡ଼ର, ଅନ୍ତନଳୀ ବା ଚର୍ମ୍ମ (ସ୍କିନ୍) ଏବଂ ଅପରେସନ୍ ସ୍କାର ଉପରେ ଏଣ୍ଡୋମେଟ୍ରିଓସିସ୍ ହୁଏ । ଏହାଛଡ଼ା, ରେକ୍ଟମ୍ ପଛ ପଟ, ସିଗ୍‌ମଏଡ୍ ଅନ୍ତନଳୀ, ଆପେଣ୍ଡିକ୍ସ, ଡିମ୍ବବାହୀନଳୀ, ନାଭିରେ ଉପରେ ମଧ୍ୟ ଏହି ଡିପୋଜିଟ୍ ହୋଇଥାଏ ।

▶ ସମୟ ସମୟରେ ଏହା ଫୁସ୍‌ଫୁସ୍ ଏବଂ ଶରୀରର ଅନ୍ୟ କୌଣସି ସ୍ଥାନରେ ମଧ୍ୟ ହୋଇପାରେ । ଯଥା- ବୃକକ୍, ୟୁରେଟର୍, ହାତ, ପାଦ ଓ ନାକ ଭିତରେ ।

**ରିସ୍କଫେକ୍ଟରସ୍:** ଗୋଟିଏ ପିଲା ବା' ଆଦୌ ପିଲା ନଥିବା ତଥା ବିଳମ୍ବରେ ଗର୍ଭଧାରଣ କରୁଥିବା ପରିବାର ରେ ଏହି ରୋଗ ଦେଖାଦେଇଥାଏ ।

**ମୁଖ୍ୟ ଲକ୍ଷଣ:** ମାସିକ ଋତୁସ୍ରାବ ସମୟରେ ବା' ଅନ୍ୟ କୌଣସି କାରଣରୁ ଗର୍ଭାଶୟ ଭିତରେ ଥିବା ଶ୍ଳୈଷ୍ମିକ ଝିଲ୍ଲୀ ଜରାୟୁ ଭିତରୁ ବାହାରକୁ ଖସି ଆସିଥାଏ ଏବଂ ଏହି ଝିଲ୍ଲୀରୁ ମାସିକ ଋତୁସ୍ରାବ ସମୟରେ ରକ୍ତସ୍ରାବ ହୋଇ ବାହାରକୁ ନିଷ୍କାସିତ ହୋଇ ପାରିନଥାଏ । ତେଣୁ ଗୋଟିଏ ଜାଗାରେ ଜମାଟ ବାନ୍ଧି କଷ୍ଟ ହୋଇଥାଏ । ଶତକଡ଼ା ୨୫ ପ୍ରତିଶତ ରୋଗୀଙ୍କର ଆଦୌ କୌଣସି ଲକ୍ଷଣ ଦେଖା ଯାଇ ନଥାଏ, ଆକସ୍ମିକ ଭାବରେ ଲାପାରୋସ୍କୋପି ସମୟରେ କିମ୍ବା ପେଟ ଅପରେସନ୍ ବେଳେ ଏହା ଜଣା ପଡ଼ିଥାଏ ।

Possible Sites of Endometriosis




ଏହି ଲକ୍ଷଣ, କ୍ଷଏଣ୍ଡୋମେଟ୍ରିଓସିସ' କେତେ ମାତ୍ରାରେ ବ୍ୟାପିଛି, ତା' ଉପରେ ନିର୍ଭର କରିନଥାଏ- ଏଣ୍ଡୋମେଟ୍ରିଓସିସ୍ ବେଶୀ ଥାଇ କମ୍ ଲକ୍ଷଣ ଓ କମ୍ ଥାଇ ବେଶୀ ଲକ୍ଷଣ ହୋଇପାରେ । କଳାରଙ୍ଗର 'ପାଉଡ଼ର ବର୍ଣ୍ଣ' ଏଣ୍ଡୋମେଟ୍ରିଓସିସ୍‌ରେ ବେଶୀ ବ୍ୟଥା ନ ହୋଇ ଯେଉଁଥିରେ କମ୍ ଲିଜନ୍ ଥାଏ ବେଶୀ ବ୍ୟଥା ହୋଇଥାଏ ।

ଏହାର ମୁଖ୍ୟ ଲକ୍ଷଣ ହେଉଛି, ମାସିକ ଋତୁସ୍ରାବ ସମୟରେ ଭୀଷଣ ବ୍ୟଥା ହୋଇଥାଏ ଏବଂ ମାସକୁ ମାସ ଏହି କଷ୍ଟ ପ୍ରବଳ ହୋଇଥାଏ (ଡିସ୍‌ମେନୋରିଆ) । ଏହା ମାସିକ ଋତୁସ୍ରାବ ଆଗରୁ ଆରମ୍ଭ ହୋଇ ମାସିକ ଋତୁସ୍ରାବ ବେଳକୁ ବେଶୀ ହୋଇଥାଏ । ଏହାଛଡ଼ା ତଳିପେଟ ଓ ଅଣ୍ଟାରେ ବ୍ୟଥା ଲାଗି ରହିଥାଏ । ଏହା ଶତକଡ଼ା ୭୦ ଭାଗ କେଶରେ ହୋଇଥାଏ । ଏହା ପ୍ରୋଷ୍ଟାଗ୍ଲାଣ୍ଡିନ୍ ଓ ଥ୍ରୋମ୍ବୋକ୍ସିନ୍ ହରମୋନ୍ ପାଇଁ ହୋଇଥାଏ ।

▲ସ୍ୱାମୀ, ସ୍ତ୍ରୀଙ୍କର ସଂପର୍କ ସମୟରେ ବ୍ୟଥା ହୋଇଥାଏ ଡିସ୍‌ପାରୁନିଆ ଏହା ୨୦-୪୦ ପ୍ରତିଶତ କେଶ୍‌ରେ ଦେଖା ଦେଇଥାଏ । ଏଥିରେ ଏଣ୍ଡୋମେଟ୍ରିଓସିସ୍ ଯୋଗୁଁ ଏବଂ ଗର୍ଭାଶୟ ଓଲଟା ରହିଥାଏ ।

▲ବେଳେବେଳେ ଅନ୍ତନାଳୀରେ ବ୍ୟଥା ହେବା ସହ ମାସିକ ଋତୁସ୍ରାବ ସମୟରେ ପରିସ୍ରା ଓ ମଳତ୍ୟାଗ କରିବା ବେଳେ ଭୀଷଣ କଷ୍ଟ ହୋଇଥାଏ ।

▲ମାସିକ ଋତୁସ୍ରାବ ସମୟରେ ଏବଂ ତା' ପରେ ପରେ ବହୁଦିନ ଧରି ଅନିୟମିତ ରକ୍ତସ୍ରାବ ହୋଇଥାଏ ଶତକଡ଼ା ୨୦ ପ୍ରତିଶତ ।

▲ସମୟ ସମୟରେ ଦୁଇ ମାସିକ ଋତୁସ୍ରାବର ମଧ୍ୟବର୍ତ୍ତୀ ସମୟରେ ରକ୍ତସ୍ରାବ ହୋଇଥାଏ । ରକ୍ତସ୍ରାବ ହେବା ସମୟରେ କ୍ଲାନ୍ତ ଲାଗିଥାଏ ।

▲ଓଭ୍ୟୁଲେସନ୍ ବା' ଡିମ୍ବନିର୍ଗତ ସମୟରେ ଦୁଇ ମାସିକ ଋତୁସ୍ରାବର ମଝି ସମୟରେ (ମିଟେଲସ୍ ମର୍ଜ) କଷ୍ଟ ହୁଏ ।

▲ଏହି ରୋଗ ପାଇଁ ଡିମ୍ବକୋଷରେ 'ଚକୋଲେଟ୍ ସିଷ୍ଟ' ମଧ୍ୟ ଦେଖା ଦେଇଥାଏ ।

ଶତକଡ଼ା ୪୦ ରୁ ୬୦ ପ୍ରତିଶତ କେଶ୍‌ରେ ଏଣ୍ଡୋମେଟ୍ରିଓସିସ୍ ପାଇଁ ବନ୍ଧ୍ୟାଦୋଷ ହୋଇଥାଏ । ଏଥିରେ ଡିମ୍ବବାହୀନଳୀ ମଧ୍ୟ ପ୍ରଭାବିତ ହୋଇଥାଏ । ଏହାଛଡ଼ା ଘନ ଘନ ପରିସ୍ରା, ମଳତ୍ୟାଗ ବେଳେ କଷ୍ଟ ଓ ପେଟର ଅନ୍ୟ ସ୍ଥାନରେ ବ୍ୟଥା ହୋଇଥାଏ ।

## ଏଣ୍ଡୋମେଟ୍ରିଓସିସ୍‌ର କାରଣ :

ଏହାର ପ୍ରକୃତ କାରଣ ଜଣା ନପଡ଼ିଲେ ବି ଅନେକଙ୍କ ମତରେ ଏହା ହେରିଡିଟାରୀ ବା' ବଂଶଗତ ଦୋଷ ରୂପେ ଦେଖା ଦେଇଥାଏ । ମା' ଭଉଣୀ, ମାଉସୀ ବା' ପିଉସୀଙ୍କର ଏହି ଦୋଷ ଥିଲେ ଝିଅମାନଙ୍କ ମଧ୍ୟ ଏହି ଦୋଷ ଥାଏ ।

ଆଉ କେତେକଙ୍କ ମତରେ ପ୍ରାୟତଃ ମାସିକ ଋତୁସ୍ରାବ ହେବା ସମୟରେ ଏହି ଅନ୍ତର୍ନିହିତ ଝିଲ୍ଲୀ ଗର୍ଭାଶୟରୁ ଡିମ୍ବବାହୀନଳୀ (ଫାଲୋପିଆନ୍ ଟ୍ୟୁବ୍) ଦେଇ ପେଟ ଭିତରକୁ ଯାଏ ଏବଂ ବିଭିନ୍ନ ଅଂଗ ପ୍ରତ୍ୟଂଗ ଉପରେ ପ୍ରତିରୋପିତ ହୋଇଥାଏ । ତେବେ ସମସ୍ତଙ୍କର ଏଣ୍ଡୋମେଟ୍ରିଓସିସ୍ ହୁଏ ନାହିଁ, କେବଳ ଯେଉଁମାନଙ୍କର ଇମ୍ୟୁନ୍ ଡିଜିଜ୍ ଥାଏ ସେଇମାନଙ୍କର ହିଁ ଏ ରୋଗ ହୋଇଥାଏ । ବିଶେଷଜ୍ଞମାନଙ୍କ ମତରେ କେତେକଙ୍କର ଜନ୍ମବେଳରୁ ହିଁ ଗର୍ଭାଶୟର ଝିଲ୍ଲୀ ଜରାୟୁ ବାହାରେ ବଢ଼ିଥାଏ ଏବଂ ପରେ ଏହାର ଲକ୍ଷଣ ଦେଖାଇଥାଏ ।

ଏହି ଦୋଷଯୁକ୍ତ (ଫଲ୍ଟି) ଇମ୍ୟୁନ୍ ସିଷ୍ଟମ୍ ପାଇଁ ବାହାରେ ବଢୁଥିବା ଗର୍ଭାଶୟ ବା' ଜରାୟୁର ଝିଲ୍ଲୀ ନଷ୍ଟହୁଏ ନାହିଁ ଏବଂ ଥରେ ଏଣ୍ଡୋମେଟ୍ରିଓସିସ୍ ହେଲେ ଏ ଅସୁବିଧା ଆସ୍ତେ ଆସ୍ତେ ବଢ଼ି ବଢ଼ି ଚାଲେ ।

## ଏଣ୍ଡୋମେଟ୍ରିଓସିସ୍ ପ୍ୟାଚ୍ କେମିତି କରେ ସ୍ୱାସ୍ଥ୍ୟଗତ ସମସ୍ୟା ?


ସାଧାରଣତଃ ପ୍ରତି ମାସରେ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟୋରେନ୍ ହରମୋନ୍ ଜରାୟୁ ଭିତର ଝିଲ୍ଲୀର ଆୟତନ ବଢ଼ାଇଥାଏ ଏବଂ ଗର୍ଭଧାରଣ 'ନ ହେଲେ ଏହି ଏଣ୍ଡୋମେଟ୍ରିଅମ୍ ପ୍ରତିମାସ ମାସିକ ଋତୁସ୍ରାବ ହିସାବରେ ପ୍ରସବଦ୍ୱାର ବାଟେ ବାହାରିଯାଏ । କିନ୍ତୁ ପେଟ ଭିତରେ ଜରାୟୁ ଭିନ୍ନ ଅନ୍ୟ ସ୍ଥାନରେ ବଢୁଥିବା ଏହି ଲିଜନ୍ ନିଷ୍କାସିତ ନ ହୋଇ ଆସ୍ତେ ଆସ୍ତେ ଜମାଟବାନ୍ଧି ବଢ଼ିଯାଏ ।

**ବୟସ ସୀମା :** ଏହା ପ୍ରଜନନକ୍ଷମ ମହିଳାମାନଙ୍କର ସନ୍ତାନ ଧାରଣର ବୟସ ସୀମା ମଧ୍ୟରେ ହୋଇଥାଏ (୩୦ ରୁ ୪୫ ବର୍ଷ ବୟସ) । ଏମିତିକି କିଶୋରୀମାନଙ୍କ କ୍ଷେତ୍ରରେ ଶତକଡା ୮.୫ ଭାଗ ଏହା ଦେଖା ଦେଇଥାଏ । ତେଣୁ ମାସିକ ଋତୁସ୍ରାବ ସମୟରେ କଷ୍ଟ - ତଳିପେଟ ବ୍ୟଥା ଆଦି ସହ ବନ୍ଧ୍ୟାଦୋଷ ହେଲେ ନିଶ୍ଚିତ ଭାବରେ ଜଣେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କର ପରାମର୍ଶ ନେବା ଜରୁରୀ ।

**ଚିହ୍ନଟ :** ଏହା ଚିହ୍ନଟ କରିବା କଷ୍ଟକର । ଅଲଟ୍ରାସାଉଣ୍ଡ- ଲକ୍ଷଣ ସହ ରୁଟିନ୍ ଅଲଟ୍ରାସାଉଣ୍ଡ ସମୟରେ ଡିମ୍ବକୋଷର ଚକୋଲେଟ୍ ସିଷ୍ଟ କିମ୍ବା ଆଡ଼ିନୋମାୟୋସିସ୍ ଥିବା ଜଣାପଡ଼ିଥାଏ । ସମୟ ସମୟରେ ପେଟ ଅସ୍ତ୍ରୋପଚାର କଲାବେଳେ, ଏମ୍.ଆର୍.ଆଇ ବା କ୍ୟାଟ୍‌ସ୍କାନ୍ କଲାବେଳେ ଏହି ରୋଗ ଚିହ୍ନଟ ହୋଇଥାଏ । ଯେଉଁଠି ଚିହ୍ନଟ ପାଇଁ ସନ୍ଦେହ ହୋଇଥାଏ, ସେଠାରେ ସେଇ ଲିଜନ୍ ସ୍ଥାନରୁ ଟିକିଏ ମାଂସ ବା ଟିସୁ ବାଇଓପ୍‌ସି ପାଇଁ ନିଆ ଯାଇଥାଏ । ଏହାଛଡ଼ା ଡାଏଗ୍ନୋଷ୍ଟିକ୍ ଲାପାରୋସ୍କୋପି ଦ୍ୱାରା ଏହାର ଆୟତନ ଓ ସ୍ଥାନ ମଧ୍ୟ ନିର୍ଣ୍ଣୟ କରାଯାଇପାରେ ।

## କେଉଁମାନଙ୍କଠାରେ ଏ ରୋଗ ବେଶୀ ହୋଇଥାଏ ?

(୧) ଯେଉଁମାନଙ୍କର ମାସିକ ଋତୁସ୍ରାବ ଆରମ୍ଭ ବା ମେନାର୍କି ଅଳ୍ପବୟସରୁ ଆରମ୍ଭ ହୋଇଥାଏ ।




(୨) ଯେଉଁମାନଙ୍କର ଅତ୍ୟଧିକ ମାସିକ ରତୁସ୍ରାବ ହୋଇଥାଏ ।
(୩) ମାସିକ ରତୁସ୍ରାବ ୭ ଦିନ ଠାରୁ ଅଧିକା ହୋଇଥାଏ ।
(୪) ମାସିକ ରତୁସ୍ରାବ ୨୭ ଦିନରୁ କମ୍ ବ୍ୟବଧାନରେ ହୋଇଥାଏ ।
(୫) ଯେଉଁମାନଙ୍କ ମା', ମାଉସୀ, ପିଉସୀ ବା, ଭଉଣୀଙ୍କର ଏହି ରୋଗ ହୋଇଥାଏ ।

## ଏଣ୍ଡୋମେଟ୍ରିଓସିସ୍‌ର ଜଟିଳତା :

ଏଣ୍ଡୋକ୍ରାଇନୋପାଥି, ଡିମ୍ବାଶୟରେ ଚକୋଲେଟ୍ ସିଷ୍ଟ୍ ଫାଟିଯିବା, ସେଥିରେ ସଂକ୍ରମଣ ହେବା, ଅନ୍ତନଳୀ ବାଧା ହୋଇ, ଝାଡ଼ା ଓ ପରିସ୍ରା ବନ୍ଦହୋଇଯିବା ଆଦି । ତେବେ ଏଣ୍ଡୋମେଟ୍ରିଓସିସ୍‌ରେ ପ୍ରାୟ କର୍କଟ ରୋଗ ହୁଏ ନାହିଁ ।

**ଚିକିତ୍ସା** : ଏହା ଦୁଇ ପ୍ରକାରର- ପ୍ରଥମଟି ହେଲା ପ୍ରତିଷେଧକ ବ୍ୟବସ୍ଥା ଏବଂ ଦ୍ୱିତୀୟଟି ହେଲା, ପ୍ରକୃତ ଚିକିତ୍ସା । ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ମାସିକ ରତୁସ୍ରାବ ସମୟରେ ଜନନେନ୍ଦ୍ରିୟ ପରୀକ୍ଷା ଓ ଡିମ୍ବବାହୀନଳୀ ପରୀକ୍ଷା କରିବା ଉଚିତ ନୁହେଁ ।

ତଳିପେଟ ବ୍ୟଥା, ମାସିକ ରତୁସ୍ରାବ ବା' ବନ୍ଧ୍ୟାଦୋଷ ପାଇଁ ଡାକ୍ତରଙ୍କ ପରାମର୍ଶ କରୁ କରୁ ଏ ରୋଗ ଚିହ୍ନଟ ହେବା ମାତ୍ରେ ତୁରନ୍ତ ଏହାର ଚିକିତ୍ସା କରିବା ଉଚିତ, କାରଣ ଏହି ରୋଗ ବଢ଼ିଯାଇ ଜଟିଳତା ସୃଷ୍ଟି କିରିଥାଏ । ପ୍ରଥମେ ପେଟବ୍ୟଥା କମାଇ ଶୀଘ୍ର ଗର୍ଭଧାରଣ କରିବା ଉଚିତ ।

ଏହି ରୋଗର ଚିକିତ୍ସା ରୋଗୀର ବୟସ, ଲକ୍ଷଣ, ଗର୍ଭଧାରଣ ଉପରେ ନିର୍ଭର କରିଥାଏ । ମେଡ଼ିକାଲ୍ ଚିକିତ୍ସା– ତଳିପେଟ ବ୍ୟଥା ଓ ଅଣ୍ଟାବ୍ୟଥା ପାଇଁ ଔଷଧ ଦେବା ସହ, ହରମୋନ ବଟିକା ଦିଆ ଯାଇଥାଏ । ସେଥିପାଇଁ ସ୍ଥଳବିଶେଷରେ ଓ.ସି.ପିଲ୍‌ସ, ପ୍ରୋଜେଷ୍ଟେରୋନ୍, ଡାନାଜୋଲ୍ ବଟିକା ବା କପରଟି ଭଳି ହରମୋନ୍ କ୍ଷରିତ ହେଉଥିବା ଲୁପ୍ ଏବଂ ପ୍ରୋଜେଷ୍ଟେରୋନ୍ ଇଂଜେକସନ, ଜି.ଏନ୍. ଆର.ଏଚ୍ ଆନାଲୋଗ୍ ବଟିକା ଇତ୍ୟାଦି । ଏଥିରେ ବ୍ୟଥା କମିଗଲେ ବା ଗର୍ଭଧାରଣ କଲେ ରୋଗୀର ରୋଗ କମିଯାଉଛି ବୋଲି ଜାଣିବାକୁ ହୋଇଥାଏ ।

ଅସ୍ତ୍ରୋପଚାର – ଲାପାରୋସ୍କୋପି – ଏଥିରେ ଏଣ୍ଡୋମେଟ୍ରିଓସିସ୍‌ର ମାସ୍‌କୁ ବା' ଚକୋଲେଟ୍ ସିଷ୍ଟକୁ କାଢ଼ିଦିଆଯାଏ ।

**ଲାପାରୋଟୋମି**- ଯଦି ଗ୍ରୋଥ୍ ବଡ଼ ହୋଇଥାଏ, ବା ଆଡ଼ିନୋମାୟୋସିସ୍ ହୋଇଥାଏ । ସେ କ୍ଷେତ୍ରରେ ପେଟ ଅପରେସନ୍ କରି ଜରାୟୁ କାଢ଼ିଦିଆଯାଏ । ବେଶୀ ବୟସରେ ବା ଯେଉଁ ମହିଳାମାନେ ଗର୍ଭଧାରଣ କରିବାକୁ ଚାହାଁନ୍ତି ନାହିଁ ସେମାନଙ୍କର ଜରାୟୁ ବା ସ୍ଥଳ ବିଶେଷରେ ଜରାୟୁ ସହ ଫାଲୋପିଆନ୍ ଟ୍ୟୁବ୍ ଓ ଡିମ୍ବକୋଷ (ଓଭାରି)କୁ ମଧ୍ୟ କାଢ଼ି ନିଆଯାଏ ।

ଏଣ୍ଡୋମେଟ୍ରିଓସିସ୍ ଏକ ଇମ୍ୟୁନ୍‌ଜନିତ ଜଟିଳ ରୋଗ, ଏହାର ଲକ୍ଷଣ ଓ ଚିହ୍ନଟ ଅନୁଯାୟୀ ତୁରନ୍ତ ଚିକିତ୍ସା କଲେ ଆରୋଗ୍ୟ ହେବା ସହ ବନ୍ଧ୍ୟା ମହିଳାମାନେ ନିଶ୍ଚିତ ଭାବରେ ଯେ ଗର୍ଭଧାରଣ କରିପାରିବେ ଏଥିରେ ସନ୍ଦେହ ନାହିଁ ।

## ସପିଂ ମଲ୍‌ରେ ଦର ୯୯, ୯୯୯, ୧୦୯୯, ୧୯୯୯ କାହିଁକି ରଖାଯାଏ ?

ସାଧାରଣତଃ ଆମେ ଯେତେବେଳେ କୌଣସି ବଡ଼ବଡ଼ ସପିଂମଲ୍‌କୁ ଜିନିଷ କିଣିବା ପାଇଁ ଯାଉଛେ, ସେଠାରେ ମହଜୁଦ ଥିବା ଦ୍ରବ୍ୟର ଦରଦାମ୍ ସବୁବେଳେ ୯୯,୧୯୯,୫୯୯,୯୯୯ ଏମିତି ରହିଥାଏ । ଏହାର କାରଣ କେବେ ନା କେବେ ତ ଆପଣଙ୍କ ମନକୁ ଆସିଥିବ । ତେବେ ଆସନ୍ତୁ ଜାଣିବା ଏହା ଲେଖିବାର ପ୍ରକୃତ କାରଣ କ'ଣ ଏବଂ ଏମିତି କାହିଁକି ମୂଲ୍ୟ ସ୍ଥିର କରାଯାଏ । ଏହା ପଛରେ ଦୁଇଟି ପ୍ରମୁଖ କାରଣ ରହିଛି ଯଥା-୧. ମନସ୍ତତ୍ୱକୁ କାରଣ, ୨.ବ୍ୟବସାୟିକ କୌଶଳ ।

### ୧.ମନସ୍ତତ୍ୱକ କାରଣ:

ଏହି କାରଣ ଯୋଗୁଁ ଗ୍ରାହକମାନଙ୍କୁ ସେହି ଜିନିଷଗୁଡ଼ିକ କିଣିବା ପାଇଁ ଆକର୍ଷିତ କରିଥାଏ । ଉଦାହରଣ ସ୍ୱରୂପ ଆପଣ ଗୋଟିଏ ସାର୍ଟ କିଣିବା ପାଇଁ ଯାଇଛନ୍ତି ଆଉ ସେଥିରେ ଦାମ୍ ଲେଖାଯାଇଛି ୯୯୯ । ସେତେବେଳକୁ ଆପଣ ଦାମ୍‌ର ବାମପାର୍ଶ୍ୱକୁ ପ୍ରଥମେ ନଜର ଦିଅନ୍ତି । ଫଳରେ ଆପଣଙ୍କୁ ଦରଟି ପ୍ରଥମେ ଅପେକ୍ଷାକୃତ କମ୍ ଅନୁଭବ ହୁଏ । ଆପଣ ଏହି ଦାମ୍‌କୁ ୯୦୦ଟଙ୍କା ବୋଲି ପ୍ରଥମେ ଭାବି ନିଅନ୍ତି । ସେଥିପାଇଁ ଏହିଭଳି ଜିନିଷର ମୂଲ୍ୟକୁ ୧ଟଙ୍କା କମ୍ ରଖା ଯାଇଛି । ଯାହାଦ୍ୱାରା ଗ୍ରାହକଙ୍କୁ ଏମିତି ଦାମ୍ ଦେଖେଇ ଆକର୍ଷିତ କରା ଯାଇପାରିବ ଏବଂ ଗ୍ରାହକ ତାକୁ କ୍ରୟ କରିବେ ।

### ୨. ବ୍ୟବସାୟିକ କୌଶଳ

ଦ୍ୱିତୀୟତଃ ଆମେ ଯେତେବେଳେ ଏମିତି ଜିନିଷ କିଣୁଛେ କ୍ୟାସ୍ କାଉଣ୍ଟର୍‌ରୁ ୧ଟଙ୍କା ମାଗି ନଥାଉ କିମ୍ବା ସେ ଖୁଚୁରା ନାହିଁ ବୋଲି କହି ଆମକୁ ମନା କରି ଦେଇଥାନ୍ତି । ନଚେତ୍ ସେ ଆମକୁ ଗୋଟିଏ ଶସ୍ତା ଚକୋଲେଟ୍ ଧରେଇ ଦିଅନ୍ତି । ସେଥିରୁ ସେମାନେ ମଧ୍ୟ ଏକପ୍ରକାର ଲାଭବାନ ହୁଅନ୍ତି ।
ଏଥିସହିତ ଆପଣ ଧରନ୍ତୁ ୨୦୦ ଦୋକାନରେ ୧୦୦ଜଣ ଗ୍ରାହକ ପ୍ରତ୍ୟେକ ଦିନ ୧ଟଙ୍କା ଛାଡ଼ିଦିଅନ୍ତି । ତେବେ ସେହି ଦୋକାନରେ ବାର୍ଷିକ ଏ ବାବଦରେ ୭୩ଲକ୍ଷ ଟଙ୍କା ଆୟ ହୋଇଥାଏ । ଆଉ ଏହି ଟଙ୍କା କୌଣସି ହିସାବରେ ଆସେ ନାହିଁ । ଏହା କଳାଧନ ଭାବରେ ଉକ୍ତ ଷ୍ଟୋର୍ ମାଲିକ ପାଖରେ ଗଚ୍ଛିତ ରହିଥାଏ । ଏମିତି ବହୁତ ଷ୍ଟୋର୍ ଅଛି, ଯେଉଁମାନେ ଏଭଳି କରି ବହୁତ ଟଙ୍କା ଗଚ୍ଛିତ କରନ୍ତି । ଫଳରେ ଆମ ଦେଶ ତଥା ସମାଜର କ୍ଷତି ହୁଏ । ତେଣୁ ଆପଣ ଜଣେ ସଚେତନ ନାଗରିକ ଏବଂ ସଚେତନ ଗ୍ରାହକ ଭାବରେ ଯେତେବେଳେ ଏମିତି ଜିନିଷ କିଣୁଛନ୍ତି, ଆପଣଙ୍କ ସେହି ୧ଟଙ୍କା ତାଙ୍କଠାରୁ ମାଗି ଆଣନ୍ତୁ । ତା ବଦଳରେ କୌଣସି ଜିନିଷ ଆଣନ୍ତୁ ନାହିଁ ।

**ଦେବାଶିଷ ପଣ୍ଡା**, ସମ୍ବାଦ, ଭୁବନେଶ୍ୱର

# ଲୋଭନୀୟ ଲାଉ



# ଲାଉ ପସରା




**ସ୍ୱୀକୃତି ସୁପ୍ରଭା**

ଆଖେନ୍, ଜର୍ମାନୀ

ଫୋନ:୯୧୭୯୭୮୪୬୦୩୭୪


ଫଟୋ ସୌଜନ୍ୟ : ଲେଖିକା

## ସଜ ଲାଉ ବୁଟ ତରକାରୀ




ଆଜି ଆପଣଙ୍କ ପାଇଁ ମୁଁ ନେଇଆସିଛି ସଜ ଲାଉ ବୁଟ ତରକାରୀ । ମୁଁ ଜାଣେ ଅନେକେ ଲାଉ ଖାଇବାକୁ ପସନ୍ଦ କରନ୍ତିନି, ବିଶେଷକରି ଛୋଟ ପିଲାମାନେ । ମୁଁ ବି ଖାଉନଥିଲି ସ୍କୁଲ୍‌ରେ ପଢ଼ିଲା ବେଳେ । ହେଲେ ଏଇଟା ଏବେ ମୋର ପ୍ରିୟ ହୋଇ ଯାଇଛି । ଲାଉ ଦେହ ପାଇଁ ବହୁତ ଉପକାରୀ । କାରଣ ଲାଉରେ ପ୍ରଚୁର ପରିମାଣରେ ପାଣି ଥାଏ । ଆମ ଦେହରେ ଜଳୀୟ ଅଂଶ କମ୍ ଥିଲେ ଏଇଟା ଖାଇବା ବହୁତ ଭଲ । ଆଉ ସବୁ ଡାଲିରେ ତ ପ୍ରୋଟିନ୍ ଥାଏ ହିଁ, ଏକଥା ସମସ୍ତେ ଜାଣନ୍ତି । ଏଇଟା ବନେଇବା ବହୁତ ସହଜ ଆଉ ଜଲ୍‌ଦି ବି ହେଇଯାଏ (ପାଖାପାଖି ୧୫ ମିନିଟ୍‌ରେ ହେଇଯାଏ ଯଦି ପରିବା କଟା ସରିଥାଏ) ଚାଲନ୍ତୁ ରୋଷେଇ ଆରମ୍ଭ କରିବା । ତା ପୂର୍ବରୁ କଣ କଣ ସରଞ୍ଜାମ ଦରକାର ପ୍ରଥମେ ଜାଣି ନେବା ଆସନ୍ତୁ ।

**ଆବଶ୍ୟକ ସାମଗ୍ରୀ :** ୧୫୦ ଗ୍ରାମ୍ ବୁଟ ଡାଲି, ୫୦୦ ଗ୍ରାମ ଲାଉ, ଦୁଇଟା ମିଡ଼ିଅମ୍ ସାଇଜ୍ ବିଲାତି ଆଳୁ (ଡାଇବେଟିସ୍ ଥିଲେ ଆଳୁ ନପକେଇଲେ ଭଲ), ଦୁଇଟି ମିଡ଼ିଅମ ସାଇଜ୍ ପିଆଜ, ତେଲ ଦୁଇ ଚାମଚ, ଅଦା ରସୁଣ ବଟା ଦୁଇ ଚାମଚ, ଗୋଟେ ଟମାଟୋ, ଦୁଇଟି ତେଜପତ୍ର, ଗୋଟେ ଛୋଟ ଚାମଚ ହଳଦୀ ଗୁଣ୍ଡ, ଗୋଟେ ଛୋଟ ଚାମଚ ଜିରା, ଦୁଇଟି ଗୁଜରାତି (ନହେଲେ ବି ଚଳିବ), ଦୁଇଟି ଶୁଖିଲା ଲଙ୍କା, ଗୋଟେ ଚାମଚ ଜିରା ଗୁଣ୍ଡ, ଲୁଣ (ସ୍ୱାଦ ଅନୁସାରେ), ଗୋଟେ ଚାମଚ ଧଣିଆ ଗୁଣ୍ଡ, ଲଙ୍କା ଗୁଣ୍ଡ (ଆପଣ କେତେ ରାଗ ଖାଇବେ ସେଇ ହିସାବରେ), ଗୋଟେ ଚାମଚ ଗରମ ମସଲା, ଆଉ କସୁରି ମେଥି ଗୋଟେ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଲାଉ ଓ ଆଳୁକୁ ଭଲ ଭାବେ ଧୋଇ ଚୋପା ଛଡ଼େଇ କାଟି ଦିଅନ୍ତୁ (ଫୋଟୋରେ ଦେଖନ୍ତୁ ଏଇଭଳି କାଟିବେ) । ତା ପରେ ବୁଟ ଡାଲିକୁ ଭଲ ଭାବେ ଧୋଇବେ । ଏହା ପରେ ପ୍ରେସର୍ କୁକର୍‌ରେ ବୁଟ ଡାଲି, କଟା ହୋଇଥିବା ଲାଉ, ଆଳୁ, ଗୋଟେ ଚାମଚ ଲୁଣ, ଗୋଟେ ତେଜପତ୍ର ପକେଇ ଫୁଲ୍ ଫ୍ଲେମ୍‌ରେ ବସେଇ ଦିଅନ୍ତୁ । ଏବେ ପିଆଜକୁ ଛୋଟ ଛୋଟ କରି କାଟି ଦିଅନ୍ତୁ । ଯଦି ଆପଣଙ୍କୁ ବେଶୀ ରାଗ ପସନ୍ଦ ତାହେଲେ ଅଦା ରସୁଣ ବାଟିଲା ବେଳେ ଶୁଖିଲା ଲଙ୍କା ସେଥିରେ ବାଟି ଦେବେ । ପ୍ରେସର୍ କୁକର୍‌ରେ ସିଏ ସିଝିବା ଭିତରେ ଏପଟେ ଆଉ ଗୋଟେ ଫ୍ଲେମ୍‌ରେ କଡ଼େଇ ବସେଇ ଗରମ କରନ୍ତୁ । କଡ଼େଇ ଗରମ ହେଲେ ତେଲ ପକାନ୍ତୁ । ତେଲ ଗରମ ହେଲେ ଜିରା, ଶୁଖିଲା ଲଙ୍କା ଓ ଗୁଜୁରାତି ଏକାଥରେ ପକାନ୍ତୁ । ପାଖାପାଖି ୧୦ ସେକେଣ୍ଡ ପରେ କଟା ପିଆଜ ପକେଇ ନାଲି ହବା ଯାଏଁ ଭାଜନ୍ତୁ । ଚିମୁଟାଏ ଲୁଣ ସେଥିରେ ପକାନ୍ତୁ ଦେଖିବେ ପିଆଜ ଜଲଦି ଭାଜି ହେଇଯିବ । ଧ୍ୟାନ ରଖିବେ ଯେମିତି ପିଆଜ ପୋଡ଼ି ନଯାଏ । ନାଲି ହଉହଉ ଅଦା ରସୁଣ ବଟା, ଟମାଟୋ ଓ ଗୋଟେ ତେଜପତ୍ର ପକାନ୍ତୁ । ତା ଉପରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧଣିଆ ଗୁଣ୍ଡ, ଜିରା ଗୁଣ୍ଡ, ଗରମ ମସଲା, ଅଧା ଛୋଟ ଚାମଚ ଲୁଣ ପକେଇ ଭଲ ଭାବେ ଗୋଳେଇ ଟିକେ ପାଣି ଛିଂଚି ଘୋଡ଼େଇ ପାଖାପାଖି ୩୦ ସେକେଣ୍ଡ ଛାଡ଼ି ଦିଅନ୍ତୁ । ତାପରେ ଆଉଥରେ ଗୋଟେ କପ୍ ପାଣି ଦେଇ ଟିକେ ଗୋଳେଇ ପୁଣି ୨ ମିନିଟ ଛାଡ଼ି ଦିଅନ୍ତୁ । ସେପଟେ ଦେଖନ୍ତୁ ହ୍ୱିସିଲ୍ ଆସୁଥିବା ପ୍ରେସର୍ କୁକର୍‌ରୁ । ଗୋଟେ ହ୍ୱିସିଲ୍ ଆସିଲା ମାତ୍ରେ ସାଙ୍ଗେ ସାଙ୍ଗେ ଫ୍ଲେମ୍ ବନ୍ଦ କରିଦେବେ । କିନ୍ତୁ ଘୋଡ଼ଣି ଖୋଲିବେନି । ଅଧିକ ହ୍ୱିସିଲ୍ ହେଲେ ସବୁ ପୁରା ମିଳେଇ ଯିବ । ଡାଲିକି ପରିବା ଆଉ ଗୋଟା ଗୋଟା ରହିବନି । ତାପରେ ଏପଟେ ମସଲାରେ ଆଉ ଥରେ ଆଉ ଗୋଟେ କପ୍ ପାଣି ଦେଇ ପୁଣି ମସଲା ସହ ଗୋଳେଇ ୨ ମିନିଟ୍ ଛାଡ଼ିଦେବେ । ବେଶୀ ପାଣିଆ ନକରି ଜୁକୁଜୁକିଆ ହେଲେ ଭଲ ଲାଗିବ । ଏବେ ଲୁଣ ଚାଖି ସେଇ ହିସାବରେ ଆଉ ଦରକାର ହେଲେ ପକାନ୍ତୁ । ଏବେ କସୁରି ମେଥି ପତ୍ରକୁ ଦୁଇ ପାପୁଲିରେ ଟିକେ ଦଳି ଛିଂଚି ଛିଂଚି ତରକାରୀରେ ପକେଇ ଫ୍ଲେମ୍ ବନ୍ଦ କରିଦିଅନ୍ତୁ । ବାସ୍ ପ୍ରସ୍ତୁତ ହେଇଗଲା ସ୍ୱାଦିଷ୍ଟ ଆଉ ଅଳ୍ପ ତେଲରେ ତିଆରି ସ୍ୱାସ୍ଥ୍ୟକର ସଜ ଲାଉ ବୁଟ ତରକାରୀ । ରୁଟି, ଭାତ, ପୁରି, ପରଟା ସହ ଭଲ ଲାଗିବ । ଗରମ ଗରମ ପରଷନ୍ତୁ ।



# ରସମଲାଇର ମାଧୁର୍ଯ୍ୟ



# ରସର ପସରା



**ରୋନାଲିସା ପଣ୍ଡା**
ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧
ଫୋନ: ୭୦୦୮୪୮୬୬୩୮

ଫଟୋ ସୌଜନ୍ୟ : ଲେଖିକା

## ରସ୍ ମଲାଇ



**ଆବଶ୍ୟକ ସାମଗ୍ରୀ :** କ୍ଷୀର ୧ଲିଟର, ଚିନି ୨୫୦ଗ୍ରାମ, ଛେନା ୨୫୦ଗ୍ରାମ, କର୍ନଫ୍ଲୋର୍ ୪ ଚାମଚ, କେଶର ଟିକେ, ଗୁଜୁରାତି ଗୁଣ୍ଡ ୧ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କ୍ଷୀରକୁ ଫୁଟାନ୍ତୁ । ଛେନାକୁ ଭଲ ଭାବରେ ଚକଟି ସେଥିରେ କର୍ନଫ୍ଲୋର୍ ପକାଇ ଗୋଲ ଗୋଲ କରି ରଖନ୍ତୁ । ଗୋଟେ କରେଇରେ ୨୦୦ଗ୍ରାମ ଚିନି ଓ ୨୫୦ମିଲି ପାଣି ଫୁଟାନ୍ତୁ । ସେଥିରେ ପ୍ରସ୍ତୁତ ଛେନା ବଲ୍ ତକ ପକାଇ ୧୦ମିନିଟ୍ ଫୁଟାନ୍ତୁ । ଏହାପରେ ଛେନା ବରାଗୁଡ଼ିକୁ କାଢ଼ି ଦିଅନ୍ତୁ । କ୍ଷୀର ଫୁଟି ଅଧା ହୋଇଗଲେ ସେଥିରେ ୫୦ଗ୍ରାମ ଚିନି ଦେଇ, ଗୁଜୁରାତି ଗୁଣ୍ଡ ଓ କେଶର ପକାନ୍ତୁ । ସେହି କ୍ଷୀରରେ ପ୍ରସ୍ତୁତ ଛେନା ବରା ପକାଇ ଅଳ୍ପ ସମୟ ପରେ ଚୁଲି ବନ୍ଦ୍ କରି ଦିଅନ୍ତୁ ଓ ରସମଲାଇ ସର୍ଭ କରନ୍ତୁ ଥଣ୍ଡା ଥଣ୍ଡା ।

## ରସବରା



**ଆବଶ୍ୟକ ସାମଗ୍ରୀ :** ମୁଗ ୧କପ୍, ଚିନି, ୧କପ୍, ଗୁଜୁରାତି ଗୁଣ୍ଡ ୧/୨ ଚାମଚ, ତେଲ ଛାଣିବା ପାଇଁ, ଖାଇବା ସୋଡ଼ା ୧/୪ଚାମଚ, କିସ୍‌ମିସ୍ ଅଳ୍ପ ଟିକେ, କେଶର ଅଳ୍ପ ଟିକେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମୁଗକୁ ୧ଘଣ୍ଟା ବତୁରାଇ ତାକୁ ଖଦଡ଼ କରି ବାଟି ଦିଅନ୍ତୁ । ସେଥିରେ ଖାଇବା ସୋଡ଼ା ଓ ଲୁଣ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ ଓ ସେଥିରେ ମଝିରେ ଗୋଟେ ଗୋଟେ କିସ୍‌ମିସ୍ ଦେଇ ତେଲରେ ଛାଣି ରଖନ୍ତୁ । ଅନ୍ୟ ଏକ କରେଇରେ ଚିନି ପାଣି, ଗୁଜୁରାତି ଗୁଣ୍ଡ ପକାଇ ଶିରା ପ୍ରସ୍ତୁତ କରନ୍ତୁ, ସେଥିରେ କେଶର ଛିଞ୍ଚି ଦିଅନ୍ତୁ । ଏହାପରେ ଶିରାରେ ପ୍ରସ୍ତୁତ ବରାକୁ ପକାଇ ଥଣ୍ଡା ହେଲେ ପରଷନ୍ତୁ ।

## ମୁଗ ମଡ଼ା

**ଆବଶ୍ୟକ ସାମଗ୍ରୀ :** ହଳଦିଆ ମୁଗ ୧କପ୍, ସୁଜି ୧/୪କପ୍, ନଡ଼ିଆ କୋରା ୧କପ୍, ଗୁଡ଼ ୧/୪କପ୍, ପାଣି ୨କପ୍, ଲୁଣ ୧/୨ ଚାମଚ, ଚିନି ୧କପ୍, ଘିଅ ୨ ଚାମଚ, ଗୁଜୁରାତି ଗୁଣ୍ଡ ୧/୨ ଚାମଚ୍, ତେଲ ଛାଣିବା ପାଇଁ । ୨ଟି ତେଜପତ୍ର ପ୍ରଣାଳୀ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମୁଗକୁ ଧୋଇ ୨ଘଣ୍ଟା ପଇଁ ବତୁରାଇ ନିଅନ୍ତୁ । ଗୋଟେ ମିକ୍ସଚର୍ ଜାର୍‌ରେ ବତୁରା ମୁଗ ଓ ତେଜପତ୍ରକୁ ଭଲ ଭାବରେ ବାଟି ରଖନ୍ତୁ । ଗୋଟେ ପ୍ୟାନ୍‌ରେ କୋରା ନଡ଼ିଆ ଗୁଡ଼ ଗୁଜୁରାତି ଗୁଣ୍ଡ ପକାଇ ଟିକେ ଭାଜି କାଢ଼ି ରଖନ୍ତୁ । ଆଉ ଏକ ପ୍ୟାନ୍‌ରେ ପାଣି ଚିନି ପକାଇ ଗରମ କରନ୍ତୁ । ସେଥିରେ ଘିଅ ଓ ଲୁଣ ପକାନ୍ତୁ । ପାଣି ଗରମ ହେଲେ ବଟା ମୁଗ ଦେଇ ଓ ଭଜା ସୁଜି ପକାଇ ଧୀରେ ଧୀରେ ଘାଣ୍ଟନ୍ତୁ ଓ ଏକ ପିଠା ଆଣ ପ୍ରସ୍ତୁତ କରନ୍ତୁ ଯାହା ଅଟା ଚକଟା ପରି ହେବ । ଏହି ଆଣ ଥଣ୍ଡା ହେଲେ ସେଥିରେ ନଡ଼ିଆ ପୁର ପୁରାଇ ପିଠା ପ୍ରସ୍ତୁତ କରନ୍ତୁ । ଅନ୍ୟ ଏକ କରେଇରେ ତେଲ ଗରମ କରି ସେଥିରେ ପ୍ରସ୍ତୁତ ପିଠାକୁ ଛାଣନ୍ତୁ ।



## ମୁଗ ତିକ୍ରି:



**ଆବଶ୍ୟକ ସାମଗ୍ରୀ :** ହଳଦିଆ ମୁଗ ୧କପ୍, ଚିନି ୧କପ୍, ପାଣି ୨କପ୍, ଇଲାଇଚି ଗୁଣ୍ଡ ୧ଚାମଚ୍, ଲୁଣ ୧/୨ ଚାମଚ, ତେଜପତ୍ର ୨ଟି, କାଜୁ କିସ୍‌ମିସ୍ ୧/୨ କପ୍ ଓ ୨ ଚାମଚ ଘିଅ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମୁଗକୁ ଧୋଇ ୨ଘଣ୍ଟା ପାଇଁ ବତୁରାଇ ନିଅନ୍ତୁ । ଗୋଟେ ମିକ୍ସଚର୍ ଜାର୍‌ରେ ବତୁରା ମୁଗ ଓ ତେଜପତ୍ରକୁ ଭଲ ଭାବରେ ବାଟି ରଖନ୍ତୁ । ଏକ ପ୍ୟାନ୍‌ରେ ପାଣି ଚିନି ପକାଇ ଗରମ କରନ୍ତୁ, ସେଥିରେ ଲୁଣ ପକାନ୍ତୁ । ପାଣି ଗରମ ହେଲେ ବଟା ମୁଗ, ଗୁଜରାତି ଗୁଣ୍ଡ, କାଜୁ ଓ କିସ୍‌ମିସ୍ ପକାଇ ଧୀରେ ଧୀରେ ଘାଣ୍ଟନ୍ତୁ । ଏହା ଯେପରି ଖିରୀ ଭଳି ବହଳ ହେବ । ତାପରେ ଚୁଲି ବନ୍ଦ କରି ଦିଅନ୍ତୁ । ଗୋଟେ ଥାଳିରେ ଘିଅ ଲଗାଇ ସେଥିରେ ପ୍ରସ୍ତୁତ ମୁଗ ଆଣକୁ ପକାଇ ୩୦ମିନିଟ୍ ଛାଡ଼ି ଦିଅନ୍ତୁ । ଏହା ଥଣ୍ଡା ହେଲା ପରେ ଛୁରୀରେ ବିଭିନ୍ନ ଆକାର ଦେଇ କାଟି ପରଷନ୍ତୁ ।

# ସାହିତ୍ୟିକର ସତ୍ୟତା

ସାହିତ୍ୟ କର୍ମରେ ଲିପ୍ତ ପ୍ରତିଟି ବ୍ୟକ୍ତି ନିଜର ସୃଜନଶୀଳତା ପାଇଁ ଅଭିନନ୍ଦିତ ହୋଇଥାନ୍ତି । ସୃଜନଶୀଳ ଦକ୍ଷତା ଏପରି ଏକ ସଦ୍‌ଗୁଣ, ଯାହା ଅନ୍ତର୍ନିହିତ ହୋଇ ରହିଥାଏ ଜଣକ ଭିତରେ । ସେହି କାରଣରୁ ସେ ନିଜକୁ ପ୍ରତିପାଦିତ କରେ ଓ ନିଜର ଏକ ଅନୁଗାମୀ ପାଠକମଣ୍ଡଳୀ ତିଆରି କରିପାରେ । ସତ୍ୟର ଅନୁଗାମୀ ହେଲେ ବିଳମ୍ବରରେ ହେଲେ ବି ସଫଳତା ମିଳିଥାଏ । ଏହି ସଫଳତା ଆଣେ ପାଠକ । ପାଠକ ହିଁ ଲେଖକ ପାଇଁ ଚରମ ସତ୍ୟ । ଆମେ ଜାଣୁ ପ୍ରତିଟି ଲେଖକର ଏକ ନିର୍ଦ୍ଦିଷ୍ଟ ପାଠକ ଗୋଷ୍ଠୀ ଥାଆନ୍ତି । ପାଠକ ସୃଷ୍ଟି ବିନା ଜଣେ ଲେଖକର ପରିଚୟ ବୋଲି କିଛି ନଥାଏ । ପାଠକ ହିଁ ଲେଖକକୁ 'ଲେଖକ' ଭାବରେ ଚିହ୍ନାଇଥାଏ ସମାଜରେ । ସୁତରାଂ ପାଠକର ଆବଶ୍ୟକତା ଲେଖକ ପାଇଁ ଅନିବାର୍ଯ୍ୟ- ଏଥିରେ କେହି ଦ୍ୱି-ମତ ହେବେନାହିଁ । ତେବେ ଆଜିର ସମୟରେ ଲେଖକଟିଏ ଲେଖୁଛି ସତ, କିନ୍ତୁ ପାଠକ ସୃଷ୍ଟି କରିବା ଦିଗରେ ସାମାନ୍ୟତମ ଧ୍ୟାନ ଦେଉନଥିବା ପରି ଜଣା ପଡ଼େ । କାରଣ ଲେଖିବାର ବର୍ଷେ ନପୂରୁଣୁ ଲେଖକଟି ନିଜର ଏକ ବା ଏକାଧିକ ବହି ପ୍ରକାଶ କରିବାର ଯୋଜନା କରୁଛି ଏବଂ ଏଥିପାଇଁ ଲେଖକର ଦ୍ୱାରମୁହଁରେ ପହଞ୍ଚି ଯାଉଛି ପ୍ରକାଶକ । ତେଣୁ ବହିଟିଏ ଛାପିବାର ପ୍ରଲୋଭନରୁ ମୁକ୍ତ ହୋଇନପାରି ଲେଖକଟି ବହି ପ୍ରକାଶନର ନିଶାରେ ମାତୁଛି । ଫଳରେ ହେଉଛି କ'ଣ ? ସେ ବହି ପଢ଼ିବା ପାଇଁ ପାଠକ ମିଳୁ ନାହାନ୍ତି । କାରଣ ପାଠକ ତ ସୃଷ୍ଟି ହିଁ କରିନାହିଁ ସେଇ ଲେଖକ । ପାଠକ ସୃଷ୍ଟି ହେବ ସେତିକିବେଳେ, ଯେବେ ଲେଖକଟି ନିରବଚ୍ଛିନ୍ନ ଭାବେ ପାଞ୍ଚଦଶ ବର୍ଷ ଲେଖି ଚାଲିବ । ସାହିତ୍ୟ ଏକ ସାଧନା । ଆଉ ସାଧନା ପାଇଁ ସମୟ ଦେବାକୁ ହୁଏ, ଏହା ସମସ୍ତଙ୍କୁ ଜଣା ।

ଆଜିର ସମୟରେ ଆମ ସମସ୍ୟାଟି ହେଉଛି, ପାଠକ ସମସ୍ୟା । ପାଠକ ନାହାନ୍ତି ବୋଲି ସମସ୍ତେ କହୁଛନ୍ତି । କିନ୍ତୁ ପାଠକ ତିଆରିବା ପାଇଁ ଲେଖକର ଆନ୍ତରିକ ନଥିବା କଥା କେହି ଭାବୁ ନାହାନ୍ତି । ଆମେ ସିନା ଭଲ ଲେଖା ଲେଖି ଚାଲିଲେ, ପାଠକ ଆପଣା ଛାଏଁ ଆସିବେ । ଆମେ କିନ୍ତୁ ସେଥିପ୍ରତି ଗୁରୁତ୍ୱ ନଦେଇ ଯାହା ଲେଖିବା, ତାକୁ ରାତାରାତି ବହି କରିବାର ନିଶାରେ ମସ୍‌ଗୁଲ୍ ହେଉଛୁ । ଫଳରେ ଆମର ନା ହେଉଛି ପରିଚୟ ତିଆରି, ନା ତିଆରି ହେଉଛି ପାଠକ ମହଲ । ଏ ଦୁଇଟି ବିନା ଲେଖକ ତିଷ୍ଠିବ ତ ?

କଥା ପ୍ରସଙ୍ଗରେ ଲେଖକ ବନ୍ଧୁ **କ୍ଷୀରୋଦ ଦାସ** କହୁଥିଲେ ସେଦିନ ଯେ, ଲେଖାଲେଖିର ପନ୍ଦର ବର୍ଷ ପରେ ତାଙ୍କର ପ୍ରଥମ ବହି ବାହାରିଥିଲା । ସେତେବେଳକୁ କ୍ଷୀରୋଦ ଦାସ ଜଣେ ଯୁବ ଗାଳ୍ପିକ ଭାବରେ ଯତ୍‌କିଞ୍ଚିତ୍ ପାଠକ ତିଆରି କରିବା ସହ ନିଜର ଏକ ପରିଚୟ ତିଆରି କରିପାରିଥିଲେ । କଥାଟି ସତ । ମୁଁ ନିଜେ ମଧ୍ୟ ଲେଖାଲେଖିର ୩୦ ବର୍ଷ ପରେ ପ୍ରଥମ ବହି ପ୍ରକାଶ କରିଛି ଏବଂ ସେ ବହିଟି ଅଚିରେ ବିକ୍ରି ହୋଇ ଦ୍ୱିତୀୟ ସଂସ୍କରଣ ହୋଇପାରିଛି । ଏହାର ହେତୁ ସମ୍ପର୍କରେ ଏତିକି କହିବି, ସାଧନାର ସମୟ ଯେତେ ବେଶି ହେବ, ପରିଚୟ ଓ ପାଠକ ସଂଖ୍ୟା ତଦନୁସାରେ ବୃଦ୍ଧି ଘଟିବ । ପରିଚିତି ଓ ପାଠକ ତିଆରି ହେଇଯିବା ପରେ ହିଁ ଜଣେ ଲେଖକ ବହି ପାଇଁ ଆଗଭର ହେବା ଦରକାର । କାରଣ ସେତେବେଳକୁ ତାଙ୍କର ନିଜସ୍ୱ ପାଠକମାନେ ବହିକୁ ଖୋଜିନେବେ ଓ ପଢ଼ିବାକୁ ଆଗେଇ ଆସିବେ ।


ଆଜି ସମୟ ଏମିତି ହୋଇଛି, ଆମେ ସମସ୍ତେ ଏକ 'ଭର୍ଚୁଆଲ୍' ଦୁନିଆରେ ବିଚରଣ କରୁଛୁ । ସାହିତ୍ୟ ଜଗତ ମଧ୍ୟ ଏବେ ଏହି ଭର୍ଚୁଆଲ୍ ପୃଥିବୀର ଆଁ ମଧ୍ୟରେ ଦୋହଲୁଚି । ଛତୁ ଫୁଟିଲା ଭଳି ପ୍ରତିଦିନ ନିଜନିଜ ଘରେ ବସି, ଖଟରେ ଶୋଇ ରହି, ଆଣ୍ଠୁଅଲୁଚା ହାଫ୍‌ପ୍ୟାଣ୍ଟ ପିନ୍ଧି ଟହଲ୍ ମାରୁ ମାରୁ କିମ୍ବା କଫି ପିଉ ପିଉ କବିତା ପଢ଼ା ହେଉଛି ବା ଭାଷଣବାଜି ଚାଲୁଛି । 'ସେମିନାର୍' ଏବେ 'ୱେବିନାର୍'ରେ ରୂପାନ୍ତରିତ । ଶ୍ରୋତାର ଦେଖା ଦର୍ଶନ ନାହିଁ । ନିଜନିଜ ଭିତରେ ଆତ୍ମରତି ଭଳି ଚାଲିଛି ସାହିତ୍ୟର ଏକ ଭର୍ଚୁଆଲ୍ ଭୋଗବିଳାସ । ସାହିତ୍ୟ ସର୍ବଦା ସତ୍ୟ ଓ ସୁନ୍ଦର । ଏକ ଶାନ୍ତ, ଶୃଙ୍ଖଳିତ ପରିବେଶ ଭିତରେ ସମଧର୍ମୀ ଶ୍ରୋତାଙ୍କ ସାମ୍ନାରେ କବିତା ପାଠ କରିବାର ଆନନ୍ଦ ଅଲଗା । ତଦନୁରୂପେ ସାହିତ୍ୟ ଆଲୋଚନା ମଧ୍ୟ ଶ୍ରୋତାବିନା ଅସମ୍ଭବ । ଆଜି କିନ୍ତୁ ସବୁକିଛି ଆମେ ଯନ୍ତ୍ର (ଡିଭାଇସ୍) ସାହାଯ୍ୟରେ ଘରେ ବସି ସମାପନ କରୁଛୁ । ଫଳରେ କ୍ରମଶଃ ଆମେ ଏକ 'ପାଠକ-ହୀନ' 'ଶ୍ରୋତା-ଶୂନ୍ୟ' ଅମାଅନ୍ଧାର ପରିବେଶର ଆଁ ଭିତରକୁ ପଶି ଚାଲିଛୁ । ଏହା ଆଦୌ ଶୁଭସୂଚନା ନୁହେଁ । ସାହିତ୍ୟର ସତ୍ୟପଣ ମିଥ୍ୟାଚାରରେ ଲୁଚି ଗଲାଣି । ସାହିତ୍ୟର ସୌନ୍ଦର୍ଯ୍ୟ କୁହୁଡ଼ି ଓ ଅସୂୟା ଭିତରେ ଅସ୍ତିତ୍ୱ ହଜାଇଲାଣି । ସାହିତ୍ୟ ଆଉ ଏକ ସମ୍ମାନଜନକ କଥା ହୋଇ ରହିନାହିଁ । ମୁରବୀ ନଥିବା ପରିବାର ଭଳି ଏକ ବିଶୃଙ୍ଖଳିତ ହଟଚମଟ ଭିତରେ ସାହିତ୍ୟର ମଙ୍ଗ ଧରିବାକୁ ଯିଏନାହିଁ ସିଏ କୁଦି ପଡୁଛି । ରୋକିବାକୁ କେହି ନାହିଁ । ସମୟ ଏବେ ଅସୁସ୍ଥ । ସତ୍ ସାହିତ୍ୟିକ ମାନେ ସ୍ଥାଣୁବତ୍ ହୋଇ ଏହାଠୁ ନିରାପଦ ଦୂରତାରେ । ତେବେ ସାହିତ୍ୟ କ'ଣ ଅଗାମୀ ଦିନରେ ଏକ ଆତଙ୍କ ସୃଷ୍ଟିକାରୀ ଅଧ୍ୟାୟ ହୋଇ ତିଷ୍ଠି ରହିବ ? ଏ ପ୍ରଶ୍ନର ଉତ୍ତର ଖୋଜିବାର ସମୟ ଆସିଛି ।

କୃଷ୍ଣକୁମାର ମହାନ୍ତି





HIGHLAND
A Highland Group Entity
HIGHLAND
Highland Ajisen
Highland Oishii
Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
sales@highlandmarine.in, + 91 - 9861201752
www.highlandmarine.in

The **REBATI AMA MATIRA SWARA** • September 2021 Vol - 3 Issue - 11 • R.N.I. REGD. No. : ODIODI/2018/78444 • Postal Regn. No - Balasore (Orissa)/ 02/2020-2022 • Rs. 50

Total Page : 108

**SUPRATIK**

**Life Style**



**MULTI FACILITY GYM**



**SWIMMING POOL**



**ROOFTOP GARDEN**



**BANQUET HALL**



**Contact For Booking**

**Call : 73810 36677 & 9040021003**

SUPRATIK INFRAVENTURES

**BRANCH OFFICE :**

**OT Road, Near Laxmi Narayan Temple, Balasore**

**Email : contactus@supratikgroup.com**

**Website : www.supratikgroup.com**

Associate editor : **Krushna Kumar Mohanty**

Editor : **Subasini Jena**